୬ ଏସିଆନ ଗେମ୍ସ : ଦକ୍ଷିଣ କୋରିଆକୁ ୮-୨ ଗୋଲରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

• ବର୍ଷ-୩୩ • ସଂଖ୍ୟା-୨୩୬ • ୨୫ ସେପ୍ଟେମ୍ବର ୨୦୨୬ ଶୁକ୍ରବାର • ଭୁବନେଶ୍ୱର • Vol -33 • Issue-236 • 25th September 2026, Friday • Bhubaneswar RNI Regd.No. : 52640/94 Postal Regd.No. : BN-60/25-27

### ଉପକୂଳ ଅତିକ୍ରମ କଲା ଗଭୀର ଅବପାତ : ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା

# ୬ ଜିଲ୍ଲାରେ ୩୭ ବ୍ଲକ୍ ପ୍ରଭାବିତ

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଲାଗିରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାରେ ସ୍ଥିତି ବେହାଲ ହୋଇଛି। ପାଣିପାଗର ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ନବରଙ୍ଗପୁର, କଳାହାଣ୍ଡି, ଗଜପତି, କୋରାପୁଟ ଓ ରାୟଗଡ଼ା ଭଳି ୫ଟି ପ୍ରଭାବିତ ଜିଲ୍ଲାରେ ସ୍କୁଲ ଛୁଟି ଅବଧି ବୃଦ୍ଧି କରାଯାଇଛି। ଲଗାଣ ବର୍ଷା ଫଳରେ ଦକ୍ଷିଣ ଓଡ଼ିଶାରେ ଧନଜୀବନ ବାଧାପ୍ରାପ୍ତ ହୋଇଛି ଓ ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଏହି ଗଭୀର ଅବପାତ ବିଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୦ କିମି ବେଗରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ କେନ୍ଦ୍ରୀଭୂତ ରହିଛି। ଏହା




କୋରାପୁଟଠାରୁ ପ୍ରାୟ ୪୦ କିମି ଉତ୍ତର-ପୂର୍ବ, ଭବାନୀପାଟଣାରୁ ୯୦କିମି ଦକ୍ଷିଣ-ଦକ୍ଷିଣପଶ୍ଚିମ, ଆନ୍ଧ୍ରପ୍ରଦେଶର ପାର୍ବତୀପୁରମରୁ ୬୦ କିମି ଉତ୍ତର-ପଶ୍ଚିମ ଏବଂ ଛତିଶଗଡ଼ର ଜଗଦଲପୁରଠାରୁ ୧୦୦ କିମି ପୂର୍ବରେ ରହିଛି । ଆଗାମୀ ୬ ଘଣ୍ଟା ମଧ୍ୟରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ଦୁର୍ବଳ ହୋଇ ଅବପାତରେ ପରିଣତ ହେବ ଓ ପରବର୍ତ୍ତୀ ୨୪ ଘଣ୍ଟାରେ ଆହୁରି ଦୁର୍ବଳ ହେବ। ବିଶାଖାପାଟଣାସ୍ଥିତ ଡପଲର ରାଡାର ଜରିଆରେ ଏହା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇ ଅତି ପ୍ରବଳ ବର୍ଷା ସହ ଝଡ଼ବର୍ଷା, ବଜ୍ରପାତ ହେବାର ଆଶଙ୍କା ରହିଛି।

ଏହି ଲଗାଣ ବର୍ଷା ଯୋଗୁଁ କୋରାପୁଟ, ଗଞ୍ଜାମ, ମାଲକାନଗିରି, ଗଜପତି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଏହି ୬ଟି ଜିଲ୍ଲାର ୩୭ଟି ବ୍ଲକ୍, ୧୨୭ଟି ଗ୍ରାମ ପଞ୍ଚାୟତ, ୨୭୩ଟି ଗାଁ ଓ ୫ଟି ପୌରାଞ୍ଚଳର ୨୦ଟି ୱାର୍ଡ କ୍ଷତିଗ୍ରସ୍ତ ହୋଇଛି। ମୋଟ ୮୨୦୫ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ସେଥିମଧ୍ୟରୁ ୮୦୮୨ ଜଣଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିଛି। ସ୍ଥିତିର ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ଲାଗି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ (ପୃଷ୍ଠା ୭ରେ)

### ବିରୋଧୀ ଦଳର ହଟ୍ଟଗୋଳ, ନାରାବାଜି : ତୃତୀୟ ଦିନ ପାଇଁ ବିଧାନସଭା ଅଚଳ

# ହୋଇପାରିଲାନି ପ୍ରଶ୍ନୋତ୍ତର, ବିଲ୍ ଆଲୋଚନା

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ

ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଏମ୍ଏମ୍‌ଡିଆର ଆକ୍ଟକୁ ରଦ୍ଦ କରିବା ଦାବିରେ ଗୁରୁବାର ବିଧାନସଭା ବୈଠକ ଆରମ୍ଭରୁ ବିରୋଧୀ ଦଳର ବିଧାୟକମାନେ ପ୍ରବଳ ପ୍ରତିବାଦ ଜଣାଇ ନାରାବାଜି, ହୋହାଲ୍ଲା ଓ ପୋଡ଼ିୟମକୁ ବାଡ଼େଇ ଗୃହର ବାତାବରଣକୁ ପ୍ରକମ୍ପିତ କରିଥିଲେ। ହଟ୍ଟଗୋଳ ଜନିତ ଅଚଳାବସ୍ଥାକୁ ଏଡ଼ାଇବା ପାଇଁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧୦.୪୩ ମିନିଟ୍‌ରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ମାତ୍ର ୧୩ ମିନିଟ୍ ପାଇଁ ଗୃହ କାର୍ଯ୍ୟ ହଟ୍ଟଗୋଳ ମଧ୍ୟରେ ସମ୍ପାଦିତ ହୋଇଥିଲା। ହଟ୍ଟଗୋଳ ପାଇଁ ପ୍ରଶ୍ନୋତ୍ତର ସମେତ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଚାଲିପାରି ନଥିଲା। ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ବିରୋଧୀ ଦଳ ବିଧାୟକମାନଙ୍କର ହଟ୍ଟଗୋଳ ଜାରି ରହିଥିବା ବେଳେ ଗୃହ ମାତ୍ର ୪ ମିନିଟ୍ ପାଇଁ ଚାଲିପାରିଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗୁରୁବାର ଦିବସରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ବିଚାର ଆଲୋଚନା ଏବଂ ପାରିତ ପାଇଁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ତାହା ବିରୋଧୀ ଦଳର ହଟ୍ଟଗୋଳ ଯୋଗୁ ହୋଇପାରି ନଥିଲା।



ସପ୍ତଦଶ ଓଡ଼ିଶା ବିଧାନସଭାର ଚଳିତ ମୌସୁମୀ ଅଧିବେଶନର ଗୁରୁବାର ତୃତୀୟ ଦିବସର ଗୃହ ପରିଚାଳନା କାର୍ଯ୍ୟ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ଉପବାଚସ୍ପତି ଶ୍ରୀ ଭୋଇ ଆରମ୍ଭ କରିଥିଲେ। ପ୍ରଥମେ ଉପବାଚସ୍ପତି ନିର୍ଦ୍ଧାରିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯିବା ବେଳେ ହଠାତ୍ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ନାରାବାଜି ଓ ପୋଷ୍ଟର ପ୍ରଦର୍ଶନ ସହ ମାଡ଼ି ଆସିଥିଲେ। ବିଜେଡ଼ି ବିଧାୟକମାନେ 'ସୁପ୍ରିମକୋର୍ଟର ରାୟ ଉପରେ ନୂଆ ଆଇନ କାହା ପାଇଁ', 'ବିଜେପିବାଲା ଉତ୍ତର ଦିଅ ମାଟି ଆଗ ନା ପାର୍ଟି ଆଗ' ଜବାବ ଦିଅ, 'ଖଣିଜ ସମ୍ପଦ ଓଡ଼ିଶାର ରାଜସ୍ୱ ଅଧିକାର ଓଡ଼ିଶାର'-ଲେଖା ଥିବା ବ୍ୟାନର ହାତରେ ଧରି ଗୃହ ମଝିରେ ପ୍ରଦର୍ଶନ କରିବା ସହ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକମାନେ ଏମ୍ଏମ୍‌ଡିଆର ଆକ୍ଟ ରଦ୍ଦ କରିବା ଦାବିରେ ସ୍ଲୋଗାନ ଦେଇଥିଲେ ଏବଂ ଏ ସମ୍ପର୍କିତ ଲେଖା ଥିବା ବ୍ୟାନର ଘୋଡ଼ାଇ ହୋଇଥିଲେ। ବିରୋଧୀ ଦଳର କିଛି ବିଧାୟକ ଗୃହ ମଝିରେ ଥିବା ରିପୋର୍ଟଙ୍କ ଟେବୁଲ ଉପରେ ଠିଆ ହୋଇ ସ୍ଲୋଗାନ ବାଜି ଚଳାଇଥିବା ବେଳେ ଅନ୍ୟ କେତେକ ବିଧାୟକ ପୋଡ଼ିୟମକୁ ବାଡ଼େଇ ଉଚ୍ଚ ସ୍ୱରରେ ହୋହାଲ୍ଲା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ରାଜସମନ୍ଦରେ ଗଣେଶ ପ୍ରତିମା ବିସର୍ଜନରୁ ଫେରୁଥିବା ଟ୍ରାକ୍ଟର-ଟ୍ରଲି ଓଲଟିଲା, ଚାରି ଜଣଙ୍କ ମୃତ୍ୟୁ।
- ଦୁଗ୍ଧରୁ ତିଆରି ହୋଇନଥିଲେ 'ପନୀର' ନାମରେ ବିକ୍ରି ହେବ ନାହିଁ, ଏଫଏସଏସଏଆଇର ପ୍ରସ୍ତାବ।
- ଉପର ତ୍ରିଶୁଲି-୧ ଜଳବିଦ୍ୟୁତ ପ୍ରକଳ୍ପରେ ଅଦ୍ୟାବଧି ୪୩୯ ନିଖୋଜ, ୮୭୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର।
- ନେପାଳରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା, ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ବନ୍ଦ ରଖିବାକୁ ସରକାରଙ୍କ ଅନୁରୋଧ।
- ପୁନର୍ନିର୍ମାଣ ପାଇଁ ଜର୍ମାନୀର ସମର୍ଥନ ମାଗିଲା ନେପାଳ।
- ସୁଭାଷିତରେ ସତ୍ୟ, ମଧୁର ଓ ଦୟାଳୁ ବାଣୀର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ।
- ଉଜ୍ଜୟିନୀ: ରୂପା ମୁକୁଟ-ତ୍ରିପୁଣ୍ଡରେ ସଜ୍ଜିତ ମହାକାଳ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୬୮ (-୧୫୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୯୫ (-୧୪୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୫୧ (-୧୧୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (-୫)

# ବସ୍‌ରେ ଅଗ୍ନିକାଣ୍ଡ : ମହିଳାଙ୍କ ସମେତ ୯ ମୃତ

ନୋଏଡା, ୨୪।୯

ଦିଲ୍ଲୀର କଶ୍ମୀରୀ ଗେଟରୁ ଉତ୍ତର ପ୍ରଦେଶର ମହୋବା ଯାଉଥିବା ଏକ ଡବଲ୍ ଡେକର ବସ୍‌ରେ ବୁଧବାର ମଧ୍ୟରାତ୍ରିରେ ଯମୁନା ଏକ୍ସପ୍ରେସୱେର ୩୩ କିଲୋମିଟର ଅଞ୍ଚଳରେ ନିଆଁ ଲାଗିଯାଇଥିଲା। ସେହି ସମୟରେ ବସ୍‌ରେ ୩୫ ଜଣ ଯାତ୍ରୀ ଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ଅଗ୍ନିଶମ ବାହିନୀ, ପୋଲିସ, ଜିଲ୍ଲା ପ୍ରଶାସନର ଦଳ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ନଅ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଯୋଗୁଁ ମଧ୍ୟରାତ୍ରିରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ଯମୁନା ଏକ୍ସପ୍ରେସୱେରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ୍ ଏବଂ ଅଗ୍ନିଶମ ବିଭାଗର ଅଧିକାରୀମାନେ ବସ୍‌କୁ ଗ୍ୟାସ୍ କଟର୍ ଦ୍ୱାରା କାଟି ସେଥିରେ ଫସି ରହିଥିବା ଶବଗୁଡ଼ିକୁ ବାହାର କରିଥିଲେ। ଅତିରିକ୍ତ ପୋଲିସ କମିଶନର, ଆଇନ ଶୃଙ୍ଖଳା, ରାଜୀବ ନାରାୟଣ ମିଶ୍ର କହିଛନ୍ତି ଯେ ଦିଲ୍ଲୀର କଶ୍ମୀରୀ ଗେଟରୁ ୩୫ ଜଣ ଯାତ୍ରୀଙ୍କୁ ନେଇ ଏକ ଡବଲ୍ ଡେକର ବସ୍ ବୁଧବାର ମଧ୍ୟରାତ୍ରିରେ ଯମୁନା ଏକ୍ସପ୍ରେସୱେ ଦେଇ ମହୋବା ଜିଲ୍ଲା ଅଭିମୁଖେ ଯାତ୍ରା କରିଥିଲା। ସେମାନେ କହିଛନ୍ତି ଯେ ଯମୁନା ଏକ୍ସପ୍ରେସୱେର ୩୩ (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀଙ୍କ ଶୋକ ଓ ସହାୟତା ଘୋଷଣା

ନୂଆଦିଲ୍ଲୀ, ୨୪।୯

ଗ୍ରେଟର ନୋଏଡାର ଯମୁନା ଏକ୍ସପ୍ରେସ୍‌ୱେରେ ଘଟିଥିବା ସ୍ଲିପର ବସ୍ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଶୋକ ପ୍ରକାଶ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍ଏନ୍ଆରଏଫ୍)ରୁ ମୃତକଙ୍କ ପରିବାରକୁ ୨ ଲକ୍ଷ (ପୃଷ୍ଠା ୭ରେ)

# ଏଚ୍ଏଲ୍‌ସିଏରେ ୨.୪୭ ଲକ୍ଷ କୋଟିର ୨୭ ମେଗା ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ୨ଲକ୍ଷ ୪୭ହଜାର ୧୧୫କୋଟି ଟଙ୍କାର ୨୭ଟି ବୃହତ୍ ପ୍ରକଳ୍ପକୁ ଗୁରୁବାର ହାଇଲେଭଲ୍ କ୍ଲିୟରାନ୍ସ କମିଟି (ଏଚଏଲସିଏ)ର ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଏଚଏଲସିଏ ବୈଠକରେ ରାଜ୍ୟର ୧୫ଟି ଜିଲ୍ଲାରେ ଏହି ବୃହତ୍ ପ୍ରକଳ୍ପଗୁଡ଼ିକ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ପ୍ରାୟ ୫୦୧୬୨ ଜଣ କୁଶଳୀ ତଥା ଅଣକୁଶଳୀ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି।



କେବଳ ପାରମ୍ପରିକ ଖଣି ଓ ଇସ୍ପାତ ନୁହେଁ, ବରଂ ଡାଟା ସେଣ୍ଟର, କୃତ୍ରିମ ବୁଦ୍ଧିମତା (ଏଆଇ), ସେମିକଣ୍ଡକ୍ଟର, ଗ୍ରୀନ ହାଇଡ୍ରୋଜେନ ଓ ଲ୍ୟାବ-ନିର୍ମିତ ହୀରା ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରକୁ ପ୍ରାଥମିକତା ଦେଇ ଓଡ଼ିଶା ଦେଶର ଏକ ପ୍ରମୁଖ ଡିଜିଟାଲ୍ ଓ ଉତ୍ପାଦନ ହବ୍ ଭାବେ ଉଭା ହେବାକୁ ଯାଉଛି। ଏହି ପ୍ରକଳ୍ପଗୁଡ଼ିକ ଅନୁଗୁଳ, ଭଦ୍ରକ, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, (ପୃଷ୍ଠା ୭ରେ)

# ୟୁଜିସି ନେଟ୍ ଜୁନ୍ ୨୦୨୬ର ଇ-ସାର୍ଟିଫିକେଟ୍ ଜାରି

ନୂଆଦିଲ୍ଲୀ, ୨୪।୯

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଜାତୀୟ ଯୋଗ୍ୟତା ପରୀକ୍ଷା (ନେଟ୍) ଜୁନ୍ ୨୦୨୬ର ଇ-ସାର୍ଟିଫିକେଟ୍ ଏବେ ଉପଲବ୍ଧ କରାଯାଇଛି। ପରୀକ୍ଷାରେ ସଫଳ ପ୍ରାର୍ଥୀମାନେ ନିଜ ସମ୍ପର୍କିତ ପ୍ରମାଣପତ୍ର ଅନଲାଇନ୍ ଜରିଆରେ ଡାଉନଲୋଡ୍ କରିପାରିବେ। ଏଥିରେ ଜୁନିୟର ରିସର୍ଚ୍ଚ ଫେଲୋସିପ୍ (ଜେଆରଏଫ୍), ଆସିଷ୍ଟାଣ୍ଟ ପ୍ରଫେସର ଏବଂ ପିଏଚଡି ପ୍ରବେଶ ବର୍ଗର ପ୍ରାର୍ଥୀ ସାମିଲ ଅଛନ୍ତି।

ପ୍ରାର୍ଥୀମାନଙ୍କୁ ନିଜ ଇ-ସାର୍ଟିଫିକେଟ୍ ଡାଉନଲୋଡ୍ କରିବା ପାଇଁ ୟୁଜିସି ନେଟର ଅଧିକାରିକ ୱେବସାଇଟ୍‌ରେ ଲଗଇନ୍ କରିବାକୁ ପଡ଼ିବ। ଏଥିପାଇଁ ଆବେଦନ ସଂଖ୍ୟା ଏବଂ ପାସୱାର୍ଡର ବ୍ୟବହାର କରିବାକୁ ପଡ଼ିବ। ଲଗଇନ୍ କରିବା ପରେ ପ୍ରାର୍ଥୀମାନେ ନିଜ ସମ୍ପର୍କିତ ଇ-ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ।

ୟୁଜିସି ନେଟ୍ ପ୍ରମାଣପତ୍ର ଉଚ୍ଚଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଭାବେ ବିବେଚିତ ହୁଏ। ଜେଆରଏଫ୍ ବର୍ଗର ସଫଳ ପ୍ରାର୍ଥୀମାନେ ଗବେଷଣା ପାଇଁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଫେଲୋସିପ୍ ପାଇଁ ଯୋଗ୍ୟ ହୁଅନ୍ତି, ଯେତେବେଳେ କି ଆସିଷ୍ଟାଣ୍ଟ ପ୍ରଫେସର ଯୋଗ୍ୟତା ପ୍ରମାଣପତ୍ର ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ପାଇଁ ବ୍ୟବହାର କରାଯାଏ। ପିଏଚଡି ପ୍ରବେଶ ବର୍ଗର ପ୍ରାର୍ଥୀମାନେ ଏହାକୁ ସମ୍ପର୍କିତ ପ୍ରବେଶ ପ୍ରକ୍ରିୟାରେ ବ୍ୟବହାର କରିପାରିବେ।

ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ପ୍ରମାଣପତ୍ର ଡାଉନଲୋଡ୍ କରିବା ପରେ ଏହାର ଡିଜିଟାଲ୍ କପି ସୁରକ୍ଷିତ ରଖନ୍ତୁ ଏବଂ ଆବଶ୍ୟକତା ପଡ଼ିଲେ ବ୍ୟବହାର ପାଇଁ ପ୍ରିଣ୍ଟ କପି ମଧ୍ୟ ସାଇତି ରଖନ୍ତୁ। ଲଗଇନ୍ କିମ୍ବା ଡାଉନଲୋଡ୍ ସହ ଜଡ଼ିତ କୌଣସି ସମସ୍ୟା ହେଲେ ପ୍ରାର୍ଥୀମାନେ ଅଧିକାରିକ ୱେବସାଇଟରେ ଉପଲବ୍ଧ ନିର୍ଦ୍ଦେଶ ଏବଂ ସହାୟତା ବ୍ୟବସ୍ଥା ଦେଖିପାରିବେ।




## ପାକିସ୍ତାନ ଉପରେ ବର୍ଷିଲା ଭାରତ

ନୂଆଦିଲ୍ଲୀ, ୨୪।୯

ଭାରତୀୟ କୂଟନୀତିଜ୍ଞ କ୍ଷୀତିଜ ତ୍ୟାଗୀ ଗୁରୁବାର ଜାତିସଂଘ ମାନବାଧିକାର ପରିଷଦରେ ପାକିସ୍ତାନ ଉପରେ ପ୍ରବଳ ବର୍ଷିଛନ୍ତି। ଜମ୍ମୁ-କଶ୍ମୀର ଓ ଭାରତରେ ସଂଖ୍ୟାଲଘୁଙ୍କ ସମ୍ପର୍କରେ ପାକିସ୍ତାନ ଦେଇଥିବା ଟିପ୍ପଣୀର କଡ଼ା ଜବାବ ଦେଇ ତ୍ୟାଗୀ କହିଛନ୍ତି, ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଂଶ ଥିଲା, ଅଛି ଓ ଆଗକୁ ମଧ୍ୟ ରହିବ। ଜମ୍ମୁ-କଶ୍ମୀରର ଏକ ଅଂଶ ପାକିସ୍ତାନ ଦଖଲରେ ଅଛି। ତେଣୁ ଏହାକୁ ଛାଡ଼ିଦେବାକୁ ଭାରତ ପୁଣିଥରେ ପାକିସ୍ତାନକୁ କହୁଛି ବୋଲି ସେ କହିଛନ୍ତି।

ତ୍ୟାଗୀ କହିଛନ୍ତି, ଭାରତରେ ବିଶ୍ୱର ସର୍ବାଧିକ ମୁସଲମାନ ବସବାସ କରୁଛନ୍ତି। ଦେଶର ସଂଖ୍ୟାଲଘୁମାନେ ଭୋଟ୍ ଦେଉଛନ୍ତି, ବିଧାୟକ ହେଉଛନ୍ତି, ସର୍ବୋଚ୍ଚ ଅଦାଲତରେ ବସୁଛନ୍ତି ଏବଂ ବିଭିନ୍ନ ଅନୁଷ୍ଠାନର ନେତୃତ୍ୱ ନେଇଛନ୍ତି। ଅନ୍ୟପକ୍ଷରେ, (ପୃଷ୍ଠା ୭ରେ)

## ଏକାଳ ପଖାଳ



ଦେଶଠୁ ରାଇଜ ସବୁଆଡେ
ରାଜୁତି କରନ୍ତି ବାବୁ
ପୃଥିବୀକୁ କାଳେ ମାପିଦେଉଥାନ୍ତି
ହାତରେ ଧରିକି ଲେମ୍ବୁ
ଯାଙ୍କୁ ଜଣାଅଛି ସବୁ
ଯାଙ୍କରି ପାଇଁକି ଟେନ୍‌ସନ୍ ଗୁଡା
କୁହନ୍ତି ସର୍ବଦା ଥିବୁ !!

# ବିଦାୟ ନେବାକୁ ପ୍ରସ୍ତୁତ ମୌସୁମୀ



ନୂଆଦିଲ୍ଲୀ, ୨୪।୯

ପ୍ରବଳ ବର୍ଷା ପରେ ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଚଳିତ ବର୍ଷ ମୌସୁମୀ ୫ଦିନ ବିଳମ୍ବରେ ଆସିଥିଲା, କିନ୍ତୁ ବର୍ତ୍ତମାନ ଏହା ନିର୍ଦ୍ଧାରିତ ସମୟଠାରୁ ଦୁଇ ଦିନ ପୂର୍ବରୁ ଫେରିବା ଆରମ୍ଭ କରିଛି।

ସୂଚନାଯୋଗ୍ୟ ଆଇଏମଡିର ରିପୋର୍ଟ ଅନୁଯାୟୀ ପୂର୍ବ ରାଜସ୍ଥାନ, ପଞ୍ଜାବ, ହରିୟାଣା, ଦିଲ୍ଲୀ(ଏନସିଆର)ରୁ ଚଳିତ ବର୍ଷ ମୌସୁମୀ ସେପ୍ଟେମ୍ବର ୨୦-୨୫ ତାରିଖ ମଧ୍ୟରେ ଫେରିଯିବ ବୋଲି ଅନୁମାନ କରାଯାଇଛି। ସେପଟେ ପଶ୍ଚିମ ରାଜସ୍ଥାନରୁ ସେପ୍ଟେମ୍ବର ୧୭ରୁ ମୌସୁମୀ ଫେରିଯାଇଛି। ଅନ୍ୟପଟେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରୁ ସେପ୍ଟେମ୍ବର ୨୦-୩୦ ତାରିଖ ମଧ୍ୟରେ ମୌସୁମୀ ଲେଉଟି ଯିବ ବୋଲି ଆଇଏମ୍‌ଡି ଅନୁମାନ କରିଛି। ସେହିପରି ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଗୁଜରାଟରୁ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୫ ମଧ୍ୟରେ ମୌସୁମୀ ଫେରିଯିବ। ବିହାର, ଝାଡ଼ଖଣ୍ଡ, ମହାରାଷ୍ଟ୍ରରୁ ଅକ୍ଟୋବର ୫-୧୦ ତାରିଖ ମଧ୍ୟରେ ମୌସୁମୀ ବାୟୁ ଫେରିଯିବାର ଆକଳନ କରିଛି (ପୃଷ୍ଠା ୭ରେ)

# ସେନ୍‌ସେକ୍ସରେ ୧୨୪୮ ପଏଣ୍ଟ ହ୍ରାସ

ମୁମ୍ବାଇ, ୨୪।୯

ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ନୂଆ ବୀମା କମିଶନ ନିୟମ ଘୋଷଣା ହେବା ପରେ ଗୁରୁବାର ଷ୍ଟକ ବଜାର କାରବାରରେ ଅସ୍ଥିରତା ଦେଖାଦେଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୧୨୪୭.୭୧ ପଏଣ୍ଟ ହ୍ରାସ ପାଇ ୭୩,୫୮୦.୫୪ ପଏଣ୍ଟରେ ବନ୍ଦ ହୋଇଥିଲା। ସେହି ସମୟରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୮୩.୭୦ ପଏଣ୍ଟ ହ୍ରାସ ପାଇ ୨୩,୦୬୩.୧୦ ପଏଣ୍ଟରେ ବନ୍ଦ ହୋଇଥିଲା। ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆରଡିଏଆଇ) ପକ୍ଷରୁ ବୀମା କମିଶନ ଢାଞ୍ଚାରେ ପରିବର୍ତ୍ତନ କରାଯିବା ପରେ ଆର୍ଥିକ କ୍ଷେତ୍ରର କମ୍ପାନୀଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା।

ସେନସେକ୍ସର ଅଂଶ ଥିବା ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ବଜାଜ ଫିନ୍‌ସରଭ, ଇଣ୍ଡିଗୋ, ଟ୍ରେଣ୍ଟ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏସିଆନ୍ ପେଣ୍ଟ୍ସ ଓ ଭାରତୀ ଏୟାରଟେଲ୍ ସେୟାର ମୂଲ୍ୟରେ ବଡ଼ ଧରଣର ହ୍ରାସ ହୋଇଥିଲା। ନିଫ୍ଟିରେ ଅଟୋମୋବାଇଲ୍, ଆର୍ଥିକ ସେବା, ଏଫ୍ଏମସିଜି, ସୂଚନା ପ୍ରଯୁକ୍ତି, ଗଣମାଧ୍ୟମ ଓ ଧାତବ କ୍ଷେତ୍ରର କମ୍ପାନୀଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା। ଫାର୍ମା, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ରିଅଲ ଇଷ୍ଟେଟ୍, କଞ୍ଜ୍ୟୁମର ଡ୍ୟୁରେବଲ୍, ସ୍ୱାସ୍ଥ୍ୟସେବା ଏବଂ ତୈଳ ଓ ଗ୍ୟାସ୍ କ୍ଷେତ୍ରର (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୫ ସେପ୍ଟେମ୍ବର ୨୦୨୬ ଶୁକ୍ରବାର







## ଐତିହ୍ୟ ସମ୍ପନ୍ନ ତୁଳସୀ ଚଉଁରାର ଅକ୍ଷୁର୍ଣ୍ଣ ବଜାୟ ରଖିବାକୁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଭଗବାନପୁର, ଈଶ୍ୱରପୁର, ଗୋପ, କେଶପୁର ଗ୍ରାମବାସୀ ବୃନ୍ଦ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାରଙ୍କୁ ଭେଟି ଈଶ୍ୱରପୁର ଗ୍ରାମରେ ଥିବା ପବିତ୍ର ତୁଳସୀ ଚଉଁରାଟି ଅବସ୍ଥିତ। ଯାହାକି ଆମ ଚାରି ଗ୍ରାମର ଧାର୍ମିକ ଭାବାବେଗ ସହିତ ପ୍ରାୟ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓତପ୍ରୋତ ଭାବେ ଜଡିତ। ତୁଳସୀ ଚଉଁରା କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀବଳଦେବ ଜୀଉଙ୍କ ସହିତ ମଧ୍ୟ ଜଡିତ। ପ୍ରତିବର୍ଷ କୁମାର ପୂର୍ଣ୍ଣିମା ଦିନ ଶ୍ରୀଶ୍ରୀସିଦ୍ଧ ବଳଦେବ ଜୀଉ ମନ୍ଦିରରୁ ଚଳନ୍ତି ପ୍ରତିମା ଗୋବିନ୍ଦ ଜୀଉ ବିଗ୍ରହ ବିମାନରେ ଶୋଭା ଯାତ୍ରାରେ ଏଠାକୁ ଆସନ୍ତି। କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ତୁଳସୀ ଚଉଁରା ଥିବା ସ୍ଥାନକୁ ନିଜ ଦଖଲକୁ ନେବାକୁ ଆଦେଶ ଜାରି କରାଯାଇଛି। ଏଣୁ ଏହାକୁ ଆମ୍ଭେମାନେ ତୀବ୍ର ବିରୋଧ କରି ଆପଣମାନଙ୍କୁ ଜଣାଉଛୁ ଯେ ତୁଳସୀ ଚଉଁରା ଯେଉଁ ସ୍ଥାନରେ ଅଛି ତାହାର ଅକ୍ଷୁର୍ଣ୍ଣତା ବଜାୟ ରଖିବାକୁ ଆମେ ଦାବି କରୁଛୁ। ଏହି ଦାବିପତ୍ର ପ୍ରଦାନ ସମୟରେ କ୍ଷୀରୋଦ କର, ଅନନ୍ତ ଚରଣ କର, ନୃସିଂହ ପ୍ରସାଦ ପତ୍ରୀ, ବିଭୂତିଭୂଷଣ ପତ୍ରୀ, ଅକ୍ଷୟ ପ୍ରସାଦ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଜରଙ୍ଗ ଦଳର ଗୋସୁରକ୍ଷା ଅଭିଯାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହରରେ ବଜରଙ୍ଗ ଦଳ ପକ୍ଷରୁ ବୁଲା ଗୋରୁଙ୍କ ପାଚ଼ନ କ୍ରିୟା ବୃଦ୍ଧି ଓ ସୁରକ୍ଷା ପାଇଁ ଅଭିନବ ପ୍ରୟାସ କରାଯାଇଛି। ସହରର ବିଭିନ୍ନ ରାସ୍ତା ଉପରେ ବୁଲୁଥିବା ଗୋରୁ ମାନଙ୍କୁ ବିଳମ୍ବିତ ରାତିରେ ରୋଟି ଓ ଚୁଡ଼ା ସହ ଗୁଡ ଖୁଆଇ ପାଚ଼ନ କ୍ରିୟାରେ ସୁଧାର ସହ ବିଭିନ୍ନ ରୋଗରୁ ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ବଜରଙ୍ଗ ଦଳର କର୍ମକର୍ତ୍ତା ଓ ସଦସ୍ୟମାନେ ସହରରେ କାଗଜ ଓ ଡାବଲ୍, କାଗଜ ଚା କପ୍, ଜରି ଆଦି ଖାଇ ଅସୁସ୍ଥ ହେଉଥିବା ଗୋରୁମାନଙ୍କୁ ରୋଟି ଓ ଚୁଡା ସହ ଗୁଡ ଖୁଆଇବା ଅଭିଯାନକୁ ଗୋ ପ୍ରେମୀଙ୍କ ମହଲରେ ସ୍ୱାଗତ କରାଯାଇଛି ।



# ଜଗତସିଂହପୁର ଜିଲ୍ଲାରେ ସଂଶୋଧିତ ଭୋଟର ତାଲିକାରୁ ବାଦ୍ ପଡ଼ିଲେ ୬୫,୬୫୯ ଜଣ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଗଣତନ୍ତ୍ରର ମହାପର୍ବରେ ପ୍ରତ୍ୟେକ ଭୋଟରଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ, ଜଗତସିଂହପୁର ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ ପ୍ରକ୍ରିୟା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ. ସୋନାଲ ସଦ୍‌ଭାବନା କକ୍ଷରେ ଆୟୋଜିତ ସଭାରେ, ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଡେପୁଟି କଲେକ୍ଟର ନିର୍ବାଚନ, sveep ନୋଡାଲ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ସମୟରେ ଜଗତସିଂହପୁର ଜିଲ୍ଲାରେ ମୋଟ୍ ୯୬୪୩୦୧ ଜଣ ଭୋଟର ଥିଲେ। ସଂଶୋଧନ ପ୍ରକ୍ରିୟା ସମୟରେ ୬୫୬୫୯ ଜଣଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ବର୍ତ୍ତମାନ ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ସଂଖ୍ୟା ୯୦୬୮୬୮ ଜଣ ହୋଇଛି। ତନ୍ମଧ୍ୟରୁ ୧୦୧ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୦୩୪୮୯ ଜଣ, ୧୦୨ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୩୭୬୫୫ ଜଣ, ୧୦୩ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୫୫୨୨୩ ଜଣ, ୧୦୪ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୧୦୫୦୧ ଜଣ ଭୋଟରଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି। ଚୂଡ଼ାନ୍ତ ଭୋଟର ତାଲିକା ଅନୁସାରେ ଜିଲ୍ଲାରେ ୪୭୨୭୮୭ ଜଣ ପୁରୁଷ, ୪୩୩୯୯୫ ଜଣ ମହିଳା ଏବଂ ୮୬ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ERO) ଯଥା ୧୦୧ ପାରାଦ୍ୱୀପର ERO ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ୧୦୨ ତିର୍ତ୍ତୋଲର ERO ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଜ୍ୟୋତି ଶଙ୍କର ରାୟ, ୧୦୪ ଜଗତସିଂହପୁରର ERO ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଡେପୁଟି କଲେକ୍ଟର ନିର୍ବାଚନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କଟକ ଜିଲ୍ଲାର ସ୍କାଉଟ୍ କମିଶନରଙ୍କୁ 'ରାମମୂର୍ତ୍ତି' ସମ୍ମାନ ପ୍ରଦାନ




**କଟକ, ନ୍ୟୁଜ୍ ବ୍ୟୁରୋ**

ଆନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ ଅବସରରେ ଭାରତ ସ୍କାଉଟ୍ ଓ ଗାଇଡ଼ର ରାଜ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର-୨ ଠାରେ କଟକ ଜିଲ୍ଲାର ସ୍କାଉଟ୍ କମିଶନର ଅଶୋକ କୁମାର ମହାପାତ୍ରଙ୍କୁ ଚଳିତ ବର୍ଷ କଟକ ଜିଲ୍ଲାର ଭାରତ ସ୍କାଉଟ୍ ଓ ଗାଇଡ଼ ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ 'ରାମମୂର୍ତ୍ତି' ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତ ସ୍କାଉଟ୍ ଗାଇଡ଼ର ଭୁବନେଶ୍ୱର-୨, ରାଜ୍ୟ କାର୍ଯ୍ୟାଳୟ ଠାରେ ସଂଗଠନର ସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସଂସ୍ଥାର ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର ଏବଂ ଉପସଭାପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ଶ୍ରୀ ମହାପାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧୯୯୭ ମସିହା ଠାରୁ ଜଣେ ସ୍କାଉଟ୍ ମାଷ୍ଟର ହିସାବରେ ବିଜୟରାମ ସ୍ମାରକୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପଡ଼ା, ସୁନ୍ଦରଗ୍ରାମ ହାଇସ୍କୁଲ, ସୁନ୍ଦରଗ୍ରାମ ଠାରେ କାର୍ଯ୍ୟକରି ୨୦୧୭ ମସିହାରେ କଟକ ଜିଲ୍ଲା ସ୍କାଉଟ୍ କମିଶନର ରୂପେ ଯୋଗଦେଇଥିଲେ। ସେହିଦିନ ଠାରୁ କଟକ ଜିଲ୍ଲାର ସ୍କାଉଟ୍ ଗାଇଡ଼ର ପ୍ରସାର ଓ ପ୍ରଚାର କରିବା ସହ ବିଭିନ୍ନ ସ୍କାଉଟ୍ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଅନବରତ ଉଦ୍ୟମ ପାଇଁ ଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କ କାର୍ଯ୍ୟକାଳ ସମୟରେ ନିଆଳୀ ହାଇସ୍କୁଲ, ନିଆଳୀ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସ୍କାଉଟ୍ ଗାଇଡ଼ ୟୁନିଟ୍ ଖୋଲିବା ସହ ସ୍କାଉଟ୍ ଓ ଗାଇଡ଼ମାନେ ରାଜ୍ୟ ପୁରସ୍କାର ଦେବା ପୂର୍ବରୁ ସେମାନଙ୍କୁ ବିଭିନ୍ନ ଜୋନ୍ କରାଯାଇ ଶିକ୍ଷା ଦେବା ଇତ୍ୟାଦି କାର୍ଯ୍ୟ ଗତ ଦୁଇବର୍ଷ ଧରି କଟକ ଜିଲ୍ଲାରେ ଆରମ୍ଭ କରାଯାଇଛି। ଆଉ ମଧ୍ୟ କଟକ ଜିଲ୍ଲାର କେମ୍ବ୍ରିଜ୍ ହାଇସ୍କୁଲର ଶିକ୍ଷକ ଗୌତମ ଗଜପତିଙ୍କୁ ମଧ୍ୟ 'ବସ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିପାଇଁ କଟକ ଜିଲ୍ଲାର ଗାଇଡ଼ କମିଶନର ନିରୁପମା ମଲ୍ଲିକ୍, ଜିଲ୍ଲା ଆୟୋଜକ କମିଶନର ପ୍ରଦୀପ କୁମାର ମହାନ୍ତି, କଟକ ଜିଲ୍ଲା ଶାରୀରିକ କ୍ରୀଡ଼ା ଅଧିକାରୀ ସୁଶ୍ରୀ ସୌଦାମିନୀ ଦାଶ, ସୌଦାମିନୀ ଖାଡ଼ଙ୍ଗା, ଜିତେନ୍ ରାଉତ, ସନ୍ତୋଷ କୁମାର ତ୍ରିପାଠୀ, ରିତା ପ୍ରଧାନଙ୍କ ସମେତ କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ଓ ଗାଇଡ଼ କ୍ୟାପ୍‌ଟେନ୍ ଏବଂ ଅନେକ ଶୁଭେଚ୍ଛୁ ଶ୍ରୀ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପୁରସ୍କାରରେ ସମ୍ମାନିତ ହେଲା ପରେ ଶ୍ରୀ ମହାପାତ୍ର ଭାରତ ସ୍କାଉଟ୍ ଓ ଗାଉଡ଼ର ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା କର୍ମକର୍ତ୍ତା ଓ ଶୁଭେଚ୍ଛୁ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ନୂଆଁଖାଇ ଭେଟଘାଟ:ବନ୍ଧୁମିଳନର ଅନନ୍ୟ ପରମ୍ପରା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ର ସର୍ବପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲର ୧୯୭୫ ମେଟ୍ରିକ୍ ବ୍ୟାଚ୍ ପକ୍ଷରୁ ଗଣପର୍ବ ନୂଆଁଖାଇ ପରେ ହେଉଥିବା ନୂଆଁଖାଇ ଭେଟ୍‌ଘାଟ୍ ପରମ୍ପରା, ପାରିବାରିକ ବନ୍ଧୁମିଳନର ଏକ ଅପୂର୍ବ ମହାମିଳନ ଦ୍ୱାରା ହେଉଥିବା ବନ୍ଧୁତ୍ୱ ଆଗାମୀ ପିଢୀ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଦୂରଦୂରାନ୍ତରୁ ଆସିଥିବା ବନ୍ଧୁମାନେ ପ୍ରକାଶ କରିଥିଲେ। ପ୍ରଥମେ ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଆଳତି କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେପ୍ଟେମ୍ବର ମାସରେ ପଡ଼ିଥିବା ଜନ୍ମଦିବସ ପାଇଁ ସହପାଠୀ ସୁଧାଂଶୁ ଶେଖର ଶତପଥୀ ଓ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ପରେ ସମସ୍ତେ ନିଜ ନିଜର ପ୍ରତିଭାକୁ ସମବେତ ବନ୍ଧୁମାନଙ୍କ ସମ୍ମୁଖରେ ପରିବେଷଣ କରି ମନୋରଞ୍ଜନ କରିଥିଲେ। କୁନି ନାତୁଣୀ ସୋନିକା ଓ ଅନନ୍ୟା ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନାତି ଆଭାଂଶ, ଅନ୍ୱେଷ ଓ ରିୟାଂଶ ତାଙ୍କ ବାଲ୍ୟ ଚପଳତା ସହିତ ସମସ୍ତଙ୍କୁ ଆମୋଦିତ କରିଥିଲେ। ବରଗଡ଼ ସହର ଓ ଗ୍ରାମାଞ୍ଚଳ ତଥା ସମ୍ବଲପୁର, ଝାରସୁଗୁଡ଼ା ଓ ବଲାଙ୍ଗିରରୁ ମଧ୍ୟ ଶତାଧିକ ବନ୍ଧୁ ମହାମିଳନରେ ସପରିବାର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## 'ବାପା-ମା'ଙ୍କ ସେବା କଲେ ଈଶ୍ୱର ଖୁସି ହୁଅନ୍ତି'

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଘରେ ବୃଦ୍ଧ ମାଆ ବାପା ଅଜା ଆଈଙ୍କ ସେବା କଲେ ଭଗବାନଙ୍କ ସେବା କରିବା ସହିତ ସମାନ ବାର୍ତ୍ତା ପହଞ୍ଚାଇବା ପାଇଁ ବରଗଡ଼ ଜିଲ୍ଲା ଭୁକ୍ତା ସ୍ଥିତ ମହାତ୍ମାଗାନ୍ଧୀ ଡିଗ୍ରୀ ମହାବିଦ୍ୟାଳୟରେ ବରିଷ୍ଠ ହତାଦର ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି କେଦାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ସମ୍ପାଦକ ଗୋବିନ୍ଦ ଦାଶ ପିପିଟି ଓ ଭିଡିଓ ମାଧ୍ୟମରେ ବରିଷ୍ଠ ହତାଦରର କାରଣ, ଲକ୍ଷଣ, ଆଇନ୍‌ଗତ ପ୍ରତିକାର। ସାମାଜିକ ସମାଧାନ ଉପରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ଆନନ୍ଦ ପ୍ରଧାନ ଜିଲ୍ଲା ସଂଘର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମ୍ବାଭୋନା ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ସୁରେଶ ପ୍ରଧାନ, ସମ୍ପାଦକ ସୋମନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଠାକୁର ରାମ ପଟେଲ, ରାଜେନ୍ଦ୍ର ଦେହେରୀ, ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ, ମହେନ୍ଦ୍ର ଭୋଇ, ବ୍ରଜ ବିହାରୀ ବିଶ୍ୱାଳ, ଫକୀର ମୋହନ ପ୍ରଧାନ, ସୋମନାଥ ବେହେରା ଆଦି ଯୋଗଦେଇଥିବାବେଳେ ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟାପିକା ଲୀନା ଦାଶ, ଅଧ୍ୟାପକ ଡ. ବିକାଶ ପ୍ରଧାନ, ସୁବୋଧ କୁମାର ରଥ, ଶରତ ଦେହେରୀ, ଆଶୁତୋଷ ମିଶ୍ର, ଦୟାସାଗର ନାଏକ, ଅନୀଲ ଦେବତା, ରାମଚନ୍ଦ୍ର ସା ଯୋଗଦେଇ ନିଜ ନିଜ ମତାମତ ଉପସ୍ଥାପିତ କରିବା ସହିତ ସହଯୋଗ କରିଥିଲେ। ଡ. ଦୟାନିଧି ସା ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ସ୍ନେହା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ୬୦୦ ବୋତଲ୍ କଫ୍ ସିରପ୍ ଜବତ:୨ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ତରଭା ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ଆଧାରରେ, ଏକ ଟିମ୍ ଥାନା ଅନ୍ତର୍ଗତ ଦୁଙ୍ଗୁରିପାଲି ଛକରେ ଚଢଉ କରି ବେଆଇନ୍ କଫ୍ ସିରପ୍ ଚାଲାଣ ସମୟରେ ଦୁଇ ଜଣ ବ୍ୟକ୍ତିଙ୍କୁ ୬୦୦ଟି କଫ୍ ସିରପ୍ ବୋତଲ ସହ ଅଟକାଇଥିଲେ। ଉକ୍ତ ଦୁଇ ବ୍ୟକ୍ତି କଫ୍ ସିରପ୍ ବାବଦରେ କୌଣସି ବୈଧ କାଗଜ ପତ୍ର ଦେଖାଇପାରିନଥିଲେ। ଏ ସମ୍ପର୍କରେ NDPS ଧାରା ଅନୁଯାଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏହି ଦୁଇଜଣ ବ୍ୟକ୍ତି ଦେବେନ୍ଦ୍ର ପାତ୍ର (୩୦) ସତ୍ୟଜିତ ପାତ୍ର (୩୨) ସେମାନେ ଦୁଇ ଭାଇ ବୋଲି ଜଣାପଡିଛି । ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନାର ବଲାଡି ଗ୍ରାମ ବୋଲି ସୂଚନା ମିଳିଛି। ଗିରଫ ମୁଦାଲାଙ୍କୁ କୋର୍ଟ ଚାଲାଣ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାଏକ ସୂଚନା ଦେଇଛନ୍ତି।



## କେନ୍ଦ୍ରାପଡ଼ା ଜିଲ୍ଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ସିଡ଼ିପିଓ ଓ ସୁପରଭାଇଜର ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱିତ ଶିଶୁବିକାଶ ଯୋଜନାର (ଆଇସିଡିଏସ୍) ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାସ୍ତରୀୟ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ପୋଷଣ, ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସୁଭଦ୍ରା ଯୋଜନା, ଅଙ୍ଗନବାଡ଼ି କେନ୍ଦ୍ର ଓ ଅଙ୍ଗନବାଡ଼ି ଗୃହ ନିର୍ମାଣ, ସୁପୋଷିତ ଓଡ଼ିଶା ମିଶନ, ପୋଷଣ ମାସ ପାଳନ ଏବଂ ମହିଳା ସଶକ୍ତିକରଣ ଆଦି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ନେଇ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ବୈଠକରେ 'ଆଙ୍ଗନ ଉତ୍ସବ' ପାଳନ ସମ୍ପର୍କରେ ମଧ୍ୟ ବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ୨୭ ସେପ୍ଟେମ୍ବରରୁ ୨୯ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଆଙ୍ଗନ ଉତ୍ସବ ପାଳନ କରାଯିବ। ଏହି ଅବସରରେ ବିଭିନ୍ନ ସଚେତନତାମୂଳକ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମ ସହିତ ଅଭିଭାବକ ଓ ସମୁଦାୟର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଯୋଜନାର ଲକ୍ଷ୍ୟ ହାସଲ, କାର୍ଯ୍ୟକ୍ରମଗୁଡ଼ିକର ସୁଚାରୁ କାର୍ଯ୍ୟାନ୍ୱୟନ ଏବଂ ଅଙ୍ଗନବାଡ଼ି ସ୍ତରରେ ଗୁଣାତ୍ମକ ସେବା ପ୍ରଦାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ପୋଷଣ ମାସ ଓ ଆଙ୍ଗନ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ CDPO, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀମାନେ ସମନ୍ୱୟର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ, ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇ ଆଗାମୀ ଦିନରେ ଯୋଜନାଗୁଡ଼ିକର ସଫଳ ରୂପାୟଣ ଓ ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା।

# ଗୋପାଳପୁର ବେଳାଭୂମିକୁ ପ୍ଲାଷ୍ଟିକ୍ ଓ ବର୍ଜ୍ୟମୁକ୍ତ ରଖିବା ପାଇଁ ଆହ୍ୱାନ

**ବ୍ରହ୍ମପୁର/ଗୋପାଳପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ବାର୍ତ୍ତାକୁ ନେଇ ଗଞ୍ଜାମ ଜିଲ୍ଲାର ଗୋପାଳପୁର ବେଳାଭୂମିରେ ଆନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ-୨୦୨୬ ପାଳିତ ହୋଇଯାଇଛି। ସମୁଦ୍ରତଟକୁ ପ୍ଲାଷ୍ଟିକ୍ ଓ ବର୍ଜ୍ୟମୁକ୍ତ ରଖିବା ସହ ସାମୁଦ୍ରିକ ପରିବେଶର ସୁରକ୍ଷା ନେଇ ଜନସଚେତନତା ସୃଷ୍ଟି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ବ୍ରହ୍ମପୁର ଜୋନାଲ୍ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଫେଇ ଅଭିଯାନରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜେ ସମୁଦ୍ରତଟ ସଫେଇ କରିଥିଲେ । ସମୁଦ୍ର ବେଳାଭୂମି ଓ ସାମୁଦ୍ରିକ ପରିବେଶର ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ, ଆମ ଭିତରୁ ମଧ୍ୟ ଆଫ୍‌ରୋଜ୍ ଶାହାଙ୍କ ଭଳି ପରିବେଶପ୍ରେମୀ ବାହାରିବା ଦରକାର । ୨୦୧୫ ମସିହାରେ ମୁମ୍ବାଇର ସମୁଦ୍ରତଟ ସଫେଇରୁ ଆଫ୍‌ରୋଜ ଶାହାଙ୍କ ଆରମ୍ଭ ହୋଇଥିବା ପ୍ରୟାସ ପରବର୍ତ୍ତୀ ସମୟରେ ଏକ ବ୍ୟାପକ ଜନସଚେତନତାର ରୂପ ନେଇଥିଲା । ଏଭଳି ପରିବେଶ ପ୍ରେମୀଙ୍କ ଠାରୁ ପ୍ରେରଣା ନେଇ ନିଜ ଅଞ୍ଚଳର ପରିବେଶ ଓ ସମୁଦ୍ରତଟର ସୁରକ୍ଷା ପାଇଁ ସମସ୍ତେ ଅଗେଇ ଆସିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ରାଜ୍ୟ ପ୍ରଦୂଷଣ ବୋର୍ଡ଼, ବ୍ରହ୍ମପୁର ଜୋନାଲ୍ କାର୍ଯ୍ୟାଳୟର ଆଞ୍ଚଳିକ ଅଧିକାରୀ ଦୀପକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଅସୀମା ସାହୁ, ଗୋପାଳପୁର ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ନାହାକ, ଗୋପାଳପୁର କଲେଜର ଅଧକ୍ଷଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ସାଗର ବନ୍ଧୁ ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ । ଅଭିଯାନରେ ଅଂଶଗ୍ରହଣକାରୀମାନେ ମିଳିତ ଭାବେ ଗୋପାଳପୁର ବେଳାଭୂମି ସଫେଇ କରିବା ସହ ପ୍ଲାଷ୍ଟିକ୍, ପଲିଥିନ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ଓ ସବୁଜ ସାଗର ବାର୍ତ୍ତା ପ୍ରଚାର କରାଯିବା ସହ ସମୁଦ୍ରତଟ ସଫେଇ ଓ ପରିବେଶ ସୁରକ୍ଷାକୁ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମରେ ସୀମିତ ନରଖି ନିୟମିତ ଭାବେ ଜାରି ରଖିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା ।

## ମାନବ କଲ୍ୟାଣରେ 'ଭଗବତ ଗୀତା'ର ଭୂମିକା ଉପରେ ଆଲୋକପାତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ଶ୍ରୀମଦଭଗବତ ଗୀତାର ଅମୃତ ବାଣୀର ପ୍ରଚାର-ପ୍ରସାର, ଆଧ୍ୟାତ୍ମିକ ଚେତନାର ଜାଗରଣ ଏବଂ ମାନବ ସମାଜକୁ ଧର୍ମ, କର୍ମ, ସତ୍ୟ ଓ ନୀତିର ପଥରେ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଗଠିତ ଓଁକାର ଗୀତା ବାଣୀ ଭୂଷଣ ପରିଷଦ, ଓଡ଼ିଶାର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଟକ ଖାନନଗର ସ୍ଥିତ ଶ୍ରୀ ପୁରୁଷୋତ୍ତମ ଜୀଉ ମନ୍ଦିର ପରିସରରେ ଆୟୋଜିତ ଏହି ଆଧ୍ୟାତ୍ମିକ ଉତ୍ସବରେ ଗୀତାର ମହତ୍ତ୍ୱ, ଜୀବନ ଦର୍ଶନ ଓ ମାନବ କଲ୍ୟାଣରେ ଏହାର ଭୂମିକା ଉପରେ ବିଶେଷ ଆଲୋଚନା ହୋଇଥିଲା। ଗୀତା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ବରଂ ମାନବ ଜୀବନରେ କର୍ତ୍ତବ୍ୟବୋଧ, ଆତ୍ମସଂଯମ, ନିଷ୍କାମ କର୍ମ, ଭକ୍ତି ଓ ଆଧ୍ୟାତ୍ମିକ ଚେତନାର ଏକ ମହାନ ମାର୍ଗଦର୍ଶକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ପଣ୍ଡିତା ସରୋଜିନୀ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ିଶାର ବିଶିଷ୍ଟ କଥାବାଚକ ନିରଞ୍ଜନ ସାହୁ ମୁଖ୍ୟ ଅତିଥି, ଓଁକାର ନାଥ ସରସ୍ୱତୀ ଉଦ୍‌ଘାଟକ ଏବଂ ରାମଚନ୍ଦ୍ର ପ୍ରଧାନୀ ଦେବବର୍ମା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ପ୍ରଭୁଜୀ ଅନୀଲ କୁମାର ଦାସ, ସାଧ୍ୱୀ ଅରୁନ୍ଧତୀ ମାତାଜୀ, ପଣ୍ଡିତ ବ୍ରଜକିଶୋର ମହାନ୍ତି, ପ୍ରବଚକ ପ୍ରମୋଦ କୁମାର ପଣ୍ଡା, ପ୍ରେମଲତା ଦାଶ ଓ ପ୍ରଫେସର ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତା ମାହାତ୍ମ୍ୟ, ଆଧ୍ୟାତ୍ମିକ ଚେତନା ଓ ସନାତନ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଗୀତାର ମହାନ ବାଣୀକୁ ଘରେ ଘରେ ପହଞ୍ଚାଇବା, ଯୁବପିଢ଼ିଙ୍କ ମଧ୍ୟରେ ଭାରତୀୟ ଆଧ୍ୟାତ୍ମିକ ଚିନ୍ତନଧାରା ଓ ନୈତିକ ମୂଲ୍ୟବୋଧର ବିକାଶ କରିବା ସହିତ ସମାଜରେ ଶାନ୍ତି, ସଦ୍‌ଭାବ ଓ ମାନବିକତାର ବାର୍ତ୍ତା ପ୍ରସାର କରିବା ଦିଗରେ ପରିଷଦର କାର୍ଯ୍ୟକ୍ରମ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହସମ୍ପାଦକ ପ୍ରବୀର ଚରଣ ତରାଇ ମଞ୍ଚ ନିମନ୍ତ୍ରଣ, ସଭ୍ୟା କନକଲତା ସ୍ୱାଇଁ ଅତିଥି ପରିଚୟ, ଉପସଭାପତି ସନ୍ତୋଷ କୁମାର ଶରଣ ସ୍ୱାଗତ ଅଭିଭାଷଣ ଏବଂ ସମ୍ପାଦକ ପଣ୍ଡିତ ରବୀନ୍ଦ୍ର କୁମାର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ମୂଲ୍ୟାୟନ ପରୀକ୍ଷା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଲ୍ଲାସ କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀ ମାନଙ୍କର ପରୀକ୍ଷା କରାଯାଇଛି । ଏହି ପରୀକ୍ଷାରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯେଉଁମାନେ ଆଦୌ ପାଠପଢି ନାହାନ୍ତି କିମ୍ବା ଅଧାରୁ ପାଠ ଛାଡିଦେଇଛନ୍ତି ସେହିମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ । ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରରେ ୨ଟି ତଦାରଖ ଦଳ ଗଠନ କରି ପରୀକ୍ଷା କେନ୍ଦ୍ରଗୁଡିକ ତଦାରଖ କରାଯାଇଥିଲା । ତତ୍‌ସହିତ ବ୍ଲକ ସ୍ତରରେ ମଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସିଆର୍‌ସିସି ମାନଙ୍କ ସହଯୋଗରେ ତଦାରଖ କରାଯାଇଥିଲା । ଜିଲ୍ଲାରେ ପ୍ରାୟ ୩୦ ହଜାର ଶିକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ ।

# ନ୍ୟାୟରୁ ବଞ୍ଚିତଙ୍କ ସ୍ୱର ହୁଅନ୍ତୁ:ଆଇନ୍ ଛାତ୍ରଛାତ୍ରୀଙ୍କୁ ଜଷ୍ଟିସ୍ ମହାପାତ୍ରଙ୍କ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଇନ୍‌ର କ୍ଷେତ୍ର ଓ ପରିସର ଦିନକୁ ଦିନ ବ୍ୟାପକ ହେଉଥିବାରୁ ବର୍ତ୍ତମାନ ଆଇନ୍ ଶିକ୍ଷା ପ୍ରତି ଆକର୍ଷଣ ବୃଦ୍ଧି ପାଇଛି ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର କହିଛନ୍ତି। 'ଆଇନ୍ ପେସା ଆପଣଙ୍କୁ ନ୍ୟାୟ ସପକ୍ଷରେ ଛିଡ଼ା ହେବା ଏବଂ ନ୍ୟାୟରୁ ବଞ୍ଚିତ ଲୋକଙ୍କ ନିମନ୍ତେ ସ୍ୱର ହେବାର ସୁଯୋଗ ପ୍ରଦାନ କରେ, 'ରବିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍)ର ୧୬ତମ ଅନୁସ୍ଥାପନ କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ମହାପାତ୍ର ଏହା କହିଥିଲେ। 'ଆଇନ୍‌ର ଏହି ଅଦ୍ଭୁତ ଜଗତକୁ ଆପଣମାନଙ୍କୁ ସ୍ୱାଗତ,' ବୋଲି କହିବା ସହ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ପାଞ୍ଚଟି ମୂଳମନ୍ତ୍ର ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆଇନ୍ କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା, ଧୈର୍ଯ୍ୟ ଓ ଦୃଢ଼ତା ସହିତ ଅଭ୍ୟାସ ଓ କାର୍ଯ୍ୟଦକ୍ଷତା ଆବଶ୍ୟକ। ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ବିଶିଷ୍ଟ ଆଇନ୍ ବିଶେଷଜ୍ଞ ଫାଲି ଏସ୍. ନାରିମାନଙ୍କ ଉକ୍ତିକୁ ଉଦ୍ଧୃତ କରି ଜଷ୍ଟିସ୍ ମହାପାତ୍ର କହିଥିଲେ ଯେ, ଥରେ ଆଇନ୍‌ର ଛାତ୍ର ହେଲେ ଜୀବନବ୍ୟାପୀ ଆଇନ୍‌ର ଛାତ୍ର ହୋଇ ରହିବାକୁ ପଡ଼ିଥାଏ। ଯେକୌଣସି କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ ଏବଂ ଆଇନ୍ ପେସା ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ ବୋଲି ସେ କହିଥିଲେ। ସମାଜ ଆଇନ୍‌ର ଶାସନ ଦ୍ୱାରା ପରିଚାଳିତ ହେଉଥିବାରୁ ଛାତ୍ରଛାତ୍ରୀମାନେ ଧୈର୍ଯ୍ୟର ସହ ଜ୍ଞାନ ଆହରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଆଇନ୍ ପେସାରେ ଆଗକୁ ବଢ଼ିବା ପାଇଁ ଦୃଢ଼ତା ଆବଶ୍ୟକ। ନିଜର ଦକ୍ଷତାକୁ ଶାଣିତ କରିବା ପାଇଁ ନିରନ୍ତର ଅଭ୍ୟାସ ସହ ପେସାଗତ ସଚ୍ଚୋଟତା ବଜାୟ ରଖି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜଣେ ଆଇନ୍‌ଜୀବୀଙ୍କୁ ପ୍ରଥମେ ମହକିଲଙ୍କ କଥା ଧ୍ୟାନର ସହ ଶୁଣିବା, ଆଇନ୍‌ଗତ ପ୍ରସଙ୍ଗଗୁଡ଼ିକୁ ପରୀକ୍ଷା କରିବା ଏବଂ ଅଦାଲତରେ ମାମଲା ଯୁକ୍ତି କରିବା ପୂର୍ବରୁ ସମ୍ଭାବନାଗୁଡ଼ିକୁ ତର୍ଜମା କରିବା ଆବଶ୍ୟକ ବୋଲି ସେ କହିଥିଲେ। 'ଅଦାଲତକୁ ବୁଝାଇବା ପୂର୍ବରୁ ଆପଣଙ୍କୁ ନିଜେ ନିଶ୍ଚିତ ହେବାକୁ ପଡ଼ିବ ଯେ ଆପଣଙ୍କ ଯୁକ୍ତିର ଦୃଢ଼ ଆଧାର ରହିଛି। ଏହାକୁ ଦସ୍ତାବିଜ୍ ଓ ପୂର୍ବର ରାୟ ଦ୍ୱାରା ସମର୍ଥନ କରିବାକୁ ପଡ଼ିବ। ଅଦାଲତକୁ ନିଜ ଯୁକ୍ତି ସହ ଏକମତ କରାଇବାର ଦକ୍ଷତା ଜଣେ ଆଇନଜୀବୀଙ୍କ ନିକଟରେ ରହିବା ଆବଶ୍ୟକ ବୋଲି ସେ କହିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଏହି ବିଶ୍ୱବିଦ୍ୟାଳୟ ଉଚ୍ଚମାନର ଶିକ୍ଷା ଓ ଗବେଷଣା ଉପରେ ଗୁରୁତ୍ୱାରୋପ କରେ ବୋଲି କହିଥିଲେ। ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରି କହିଥିଲେ ଯେ ଆଇନ୍ ଏଭଳି ଏକ ପେସା ଯେଉଁଥିରେ ବୌଦ୍ଧିକ ସଚ୍ଚୋଟତା, ସମ୍ବିଧାନ ପ୍ରତି ପ୍ରତିବଦ୍ଧତା, ନୈତିକ ଦାୟିତ୍ୱ ଓ ନ୍ୟାୟ ଆଶା କରୁଥିବା ଲୋକଙ୍କ ପ୍ରତି ସମ୍ବେଦନଶୀଳତା ଆବଶ୍ୟକ। ଏସ୍‌ଏନ୍‌ଆଇଏଲ୍ ଏହାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଭାବେ ପଢ଼ିବା, ଯୁକ୍ତିସଙ୍ଗତ ଚିନ୍ତା କରିବା, ଦାୟିତ୍ୱର ସହ ଯୁକ୍ତି ଉପସ୍ଥାପନ କରିବା, ପ୍ରଭାବଶାଳୀ ଭାବେ ସଂସୂଚୀତ କରିବା ସହ ସମ୍ବିଧାନ ଓ ଆଇନ୍‌ର ଶାସନର ମର୍ଯ୍ୟାଦା ବଜାୟ ରଖିବାର ମନୋଭାବ ବିକଶିତ କରିବାକୁ ଚେଷ୍ଟିତ ବୋଲି ସେ କହିଥିଲେ। ଏସ୍‌ଏନ୍‌ଆଇଏଲ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଆକାଶ ତ୍ରିଖା ଧନ୍ୟବାଦ ଅର୍ପଣ କରିଥିଲେ।







## ସୁବର୍ଣ୍ଣପୁରରୁ ବାରଣାସୀ ଓ ଅଯୋଧ୍ୟା ଗଲେ ୫୨ ବରିଷ୍ଠ ନାଗରିକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ତୃତୀୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା (୨୦୨୬-୨୭) ଅଧୀନରେ ସୁବର୍ଣ୍ଣପୁର ଜିଲ୍ଲାରୁ ୫୨ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଏକ ତୀର୍ଥଯାତ୍ରୀ ଦଳ ସମ୍ବଲପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସ୍ଥାନୀୟ ସଂସ୍କୃତି ଭବନ ପରିସରରୁ ଦୁଇ ଗୋଟି ବସ୍‌କୁ ପତାକା ଦେଖାଇ ଏହି ଆଧ୍ୟାତ୍ମିକ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ସମାରୋହରେ ବୀରମହାରାଜପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର, ସୋନପୁର ଉପ-ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ସ୍ୱରୂପ ପାତ୍ର ଏବଂ ଅନ୍ୟାନ୍ୟ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କର ଶୁଭ ଓ ନିରାପଦ ଯାତ୍ରା କାମନା କରିଥିଲେ। ଯୋଜନା ମୁତାବକ, ସମସ୍ତ ୫୨ ଜଣ ତୀର୍ଥଯାତ୍ରୀ ୨୨ ସେପ୍ଟେମ୍ବର ୨୦୨୬ରେ ସମ୍ବଲପୁର ରେଳଷ୍ଟେସନ୍‌ରୁ ସ୍ପେଶାଲ୍ ଟ୍ରେନ୍ ଯୋଗେ 'ବାରଣାସୀ-ଅଯୋଧ୍ୟା' ଅଭିମୁଖେ ବାହାରିବେ। ଏହି ଆଧ୍ୟାତ୍ମିକ ଯାତ୍ରା ସେପ୍ଟେମ୍ବର ୨୨ ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସୁବର୍ଣ୍ଣପୁର ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ସଫଳତାର ସହ ଆୟୋଜିତ ହୋଇଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ସେପ୍ଟେମ୍ବର, ୨୦୨୬ ଶୁକ୍ରବାର





# ଏମ୍‌ଡ଼ିଆର୍‌ରୁ ବ୍ୟାଙ୍କ ରାଜସ୍ୱ ଆୟ କଲେ ବନ୍ଦ ହେବ ସବ୍‌ସିଡ଼ି

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲ୍ ପେମେଣ୍ଟ ଦେଶରେ ସମସ୍ତଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ସହର ଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁଠି ୟୁପିଆଇର ବ୍ୟବହାର ସାଧାରଣ ହୋଇଗଲାଣି। ଏହି ପେମେଣ୍ଟ ସିଷ୍ଟମ୍‌କୁ ଏତେ ବଡ ଏବଂ ସୁଦୃଢ କରିବା ପାଇଁ ସରକାର ବ୍ୟାଙ୍କଗୁଡିକୁ ନିରନ୍ତର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ୟୁପିଆଇ ଇକୋସିଷ୍ଟମ୍ ସମ୍ପୂର୍ଣ୍ଣ ଭାରତରେ ପରିବର୍ତ୍ତନ ହେଉଛି। ସରକାର କମ୍ ମୂଲ୍ୟର ୟୁପିଆଇ କାରବାର ଉପରେ ସବ୍‌ସିଡି ସମାପ୍ତ କରିବାକୁ ଯୋଜନା କରୁଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ବଡ କାରବାର ଉପରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବା। ବଡ ଦେୟ ଉପରେ ଏମ୍‌ଡିଆର୍ ମାଧ୍ୟମରେ ବ୍ୟାଙ୍କଗୁଡିକ ରାଜସ୍ୱ ରୋଜଗାର କରିବାର ପଥ ପରିଷ୍କାର ହୋଇଛି। ସରକାର ବିଶ୍ୱାସ କରନ୍ତି ଯେ ବ୍ୟାଙ୍କଗୁଡିକ ନିଜେ ଟଙ୍କା ରୋଜଗାର କରିବା ଆରମ୍ଭ କଲେ, ସରକାରୀ କୋଷାଗାରରୁ ସବ୍‌ସିଡି ପ୍ରଦାନ କରିବାର ଆବଶ୍ୟକତା ନାହିଁ। ସାମ୍ପ୍ରତିକ ସମୟରେ ଡିଜିଟାଲ୍ କାରବାର ଦୁନିଆରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇଛି। ସରକାର ବଡ ବ୍ୟବସାୟୀ ପେମେଣ୍ଟ ଉପରେ ଏମ୍‌ଡିଆର୍ ଲାଗୁ କରିଛନ୍ତି। ନୂତନ ଏନ୍‌ପିସିଆଇ ନିୟମାବଳୀ ଅନୁଯାୟୀ ଅକ୍ଟୋବର ୧୫ ଠାରୁ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ବ୍ୟବସାୟୀ (ପି-ଟୁ-ଏମ୍) ପେମେଣ୍ଟ ଉପରେ ୦.୪% ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ଲାଗୁ ହେବ। ବଡ ପେମେଣ୍ଟ ଉପରେ ଏମ୍‌ଡିଆର୍ ରାଜସ୍ୱ ଆରମ୍ଭ ହେବା ମାତ୍ରେ ସରକାର ଏହାର ଆର୍ଥିକ ସହାୟତା ଯୋଜନାକୁ ବନ୍ଦ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏବେ ପେମେଣ୍ଟ କମ୍ପାନୀ ଏବଂ ବ୍ୟାଙ୍କ ଉଭୟ ନେଟୱାର୍କରୁ ସିଧାସଳଖ କାରବାର-ଆଧାରିତ ରାଜସ୍ୱ ପାଇବେ। ସମ୍ପୂର୍ଣ୍ଣ ସିଷ୍ଟମ୍ ରାଜସ୍ୱ ସୃଷ୍ଟି କରିବା ଆରମ୍ଭ କରିବା ପରେ, ସରକାର ଛୋଟ ପେମେଣ୍ଟ ପାଇଁ ଆର୍ଥିକ ସହାୟତା ପ୍ରଦାନ ବନ୍ଦ କରିବାକୁ ଚାହୁଁଛି। ଇକୋନମିକ୍ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ସରକାର ୨୦୨୭ ଆର୍ଥିକ ବର୍ଷ ପାଇଁ ୨୦୦୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରିଥିଲେ, କିନ୍ତୁ ଏପ୍ରିଲ ୨୦୨୫ ପରଠାରୁ କୌଣସି ନୂତନ ସବ୍‌ସିଡି ଜାରି କରାଯାଇନାହିଁ। ଏହି ସାମ୍ଭାବ୍ୟ ନିଷ୍ପତ୍ତି ପଛରେ ଏକ ପ୍ରମୁଖ କାରଣ ହେଉଛି କରଦାତାଙ୍କ ଟଙ୍କା ସଞ୍ଚୟ କରିବା। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀଙ୍କ କହିବାନୁଯାୟୀ, ବଡ ପେମେଣ୍ଟ ଉପରେ ଏମ୍‌ଡିଆର୍ ଲାଗୁ କରିବାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମ୍ କରଦାତା ପାଣ୍ଠି ଉପରେ ନିର୍ଭର ନକରିବା। ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ଗତ ଦେଢ ବର୍ଷ ଧରି ସରକାରଙ୍କ ଦ୍ୱାରା କୌଣସି ନୂତନ ସବ୍‌ସିଡି ପ୍ରଦାନ କରାଯାଇନାହିଁ। କରଦାତାଙ୍କ କଠିନ ଅର୍ଜିତ ଟଙ୍କା ବ୍ୟବହାର କରି ବଡ ବ୍ୟବସାୟଗୁଡିକୁ କରାଯାଉଥିବା ପେମେଣ୍ଟ ଉପରେ ସରକାର କୌଣସି ଛାଡ ଚାହୁଁନଥିଲେ।




# କେନ୍ଦ୍ରାପଡ଼ା ମୁଖ୍ୟ ରାସ୍ତା ଓ ଜିଲ୍ଲା କାର୍ଯ୍ୟାଳୟ ଅବସ୍ଥା ଶୋଚନୀୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ତିନିମୁହାଣୀ ଠାରୁ ଇଛାପୁର ପର୍ଯ୍ୟନ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ପ୍ରାୟ ଦୈନିକ ହଜାର ହଜାର ଲୋକ ଏହି ରାସ୍ତାରେ ଯାତାୟାତ କରନ୍ତି। ରାସ୍ତାଟି ଏତେ ଶୋଚନୀୟ ହୋଇପଡିଛି ଯେ ଦମକଳ, ଆମ୍ବୁଲାନ୍ସ, ବରିଷ୍ଠ ନାଗରିକ, ସ୍କୁଲ୍ ଛାତ୍ରଛାତ୍ରୀମାନେ ଯାତାୟାତ କରିପାରୁନାହାଁନ୍ତି। ଦୈନିକ କେହି ନା କେହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇମାସରୁ ଉର୍ଦ୍ଧ୍ୱ ହେବ ଲଗାଣ ବର୍ଷା ଯୋଗୁ ଏହି ରାସ୍ତାଗୁଡିକ ସହରର ଅଧିକାଂଶ ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଏପରିକି ଚଳପ୍ରଚଳ କରିବା ମଧ୍ୟ ମୁସ୍କିଲ୍ ହୋଇଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତାଗୁଡିକ ବର୍ଷେ ନପୁରୁଣୁ ରାସ୍ତା ଖରାପ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ, କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ମୁଖ୍ୟ କାର୍ଯ୍ୟାଳୟ ଆଗରେ ପ୍ରାୟ ଆଣ୍ଠୁଏ ବର୍ଷା ଜଳ ଜମି ରହୁଛି। ଫଳରେ ବରିଷ୍ଠ ନାଗରିକ ଠାରୁ ଆରମ୍ଭ କରି ମଟରସାଇକେଲ୍ ଆରୋହୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାକାର୍ଯ୍ୟାଳୟ ପରିସରରେ ଯାଇଥିବା ଜଳ ନିଷ୍କାସନ ବାଟ (ଡ୍ରେନ୍)ଟି ଦୀର୍ଘବର୍ଷ ହେଲା ବନ୍ଦ ହୋଇଯାଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଜନସାଧାରଣ ବିଭିନ୍ନ କାର୍ଯ୍ୟ ନେଇ ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ନିଷ୍କାସନ ବାଟକୁ ସଫା କରି ଜମି ରହିଥିବା ବର୍ଷା ଜଳକୁ ନିଷ୍କାସନ କରାଇବା ପାଇଁ ଦାବି ହେଉଛି।

# ପୋଲିସ କର୍ମଚାରୀଙ୍କ ବଦଳି ଏକ ରୁଟିନ୍ କାମ:ଡିସିପି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ବଦଳି ପୋଲିସ ଲାଗି ଗୋଟିଏ ରୁଟିନ୍। ତେଣୁ ଜୁଆଡ଼େ ଗଲେବି ଖୁସିରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବର୍ତ୍ତମାନ ଭୁବନେଶ୍ୱରକୁ ଡ଼ିସିପି ଭାବେ ପଦୋନ୍ନତି ପାଇଁ ଥିବା ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ମୋର କର୍ମ ଭୂମି ଏଠାରେ ଚାକିରି କରିବା ପରେ ମୁଁ ଆଇନ୍ ଶୃଙ୍ଖଳାର ବ୍ୟବସ୍ଥା ନେଇ ସବୁ କିଛି ପ୍ରାକ୍ଟିକାଲ୍ ଭାବେ ଶିଖିଲି, ତତ୍ ସହିତ ଓଡ଼ିଆ ଭାଷା ବି ଭଲ ଭାବେ ଶିଖିପାରିଲି। ମୋର ବଦଳି ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି ବି ହୋଇଛି। ସବୁଠି ମୁଁ ମୋର ପୋଲିସ ସେବା କରିଛି। ବ୍ରହ୍ମପୁରରେ ସମସ୍ତଙ୍କ ସହଯୋଗ ମୋତେ କାମ କରିବାରେ ଅଧିକ ଉତ୍ସାହ ଦେଇଛି। ଲୋକଙ୍କ ଠାରୁ ଆରମ୍ଭ କରି ମୋର ପୋଲିସ କର୍ମଚାରୀ, ଗଞ୍ଜାମ ଓକିଲ ସଂଘ, ସମସ୍ତ ସାମ୍ବାଦିକ ଆଉ ଅନ୍ୟାନ୍ୟ କ୍ଷେତ୍ରରେ ମୁଁ ସର୍ବଦା ସହଯୋଗ ପାଇଛି। ତେଣୁ ମୋ ତରଫରୁ ସମସ୍ତଙ୍କୁ ଅନେକ ଅନେକ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ନୂତନ ଭାବେ ଡିସିପି କାର୍ଯ୍ୟରେ ଯୋଗ ଦେବାରେ ମୁଁ ଖୁସି ଏବଂ ପୂର୍ବଭଳି ସମସ୍ତ ଜନସାଧାରଣଙ୍କ ସହଯୋଗ ନେଇ ପୋଲିସ ସେବା କାର୍ଯ୍ୟ ଜାରି ରଖିବି ବୋଲି ଡ. ଶର୍ବଣ ବିବେକ୍ ଏମ୍ କହିଛନ୍ତି। ପ୍ରତି କ୍ଷେତ୍ରରେ ଭାଗ୍ୟ ଓ ଲୋକଙ୍କ ସେବା ମୋ ପ୍ରତି ରହିଛି। ଆଗକୁ ମଧ୍ୟ ଏପରି ସହଯୋଗ ରହିଲେ ପୋଲିସ ସେବା ସହ ଉତ୍ତମ କର୍ମ କରିଚାଲିଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଯେଉଁଠି କାର୍ଯ୍ୟ କରିବା ଲାଗି ସଠିକ୍ ଭାବିବେ ସେଠାରେ ମୁଁ ନିଜର ଉତ୍ତମ ସେବା କରିବି ବୋଲି କହିଛନ୍ତି। ଏପରି ପଦୋନ୍ନତି ଖବର ପାଇବା ପରେ ବହୁ ପୋଲିସ, ଶୁଭେଚ୍ଛୁ ଓ ସାଧାରଣ ନାଗରିକ ଡ. ବିବେକ ଏମ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଠାରେ ଅଭିନୟ ଜଗତ ଓ ଅନ୍ୱେଶା କଳାକେନ୍ଦ୍ର ତରଫରୁ ନୂତନ ଭାବେ ପଦୋନ୍ନତି ପାଇଥିବା ଡା. ବିବେକ୍ ଏମ୍‌ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଉଷାରାଣୀ ମହାପାତ୍ର, ଡ. ମିହିର ତ୍ରିପାଠୀ, ରବୀନ୍ଦ୍ର କୁମାର ନାୟକ ଓ ସୁଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ହୋଟେଲ୍‌ରୁ ବାସି ଖାଦ୍ୟ ଜବତ:୮ ହଜାର ଜରିମାନା

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ସହରର ବିଭିନ୍ନ ହୋଟେଲରେ ଖାଦ୍ୟର ମାନ ଓ ସୁରକ୍ଷାକୁ ନେଇ ଅଭିଯୋଗ ଆସୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜମୁଦାରଙ୍କ ନେତୃତ୍ୱରେ ଦୁଇଟି ହୋଟେଲ୍‌ରେ ଚଢ଼ଉ କରାଯାଇଥିଲା। ଯାଞ୍ଚ ସମୟରେ ହୋଟେଲ୍‌ରୁ ବାସି ଚିକେନ୍, ବାସି ତରକାରୀ, ମିଠା ଓ କେକ୍ ଆଦି ମିଳିଥିବା ଜଣାପଡ଼ିଛି। ଏହି ଖାଦ୍ୟ ସାମଗ୍ରୀଗୁଡ଼ିକୁ ଅଧିକାରୀମାନେ ନଷ୍ଟ କରିଦେଇଥିବା ବେଳେ ଦୁଇଟି ହୋଟେଲ୍‌ରୁ ମୋଟ୍ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଉମରକୋଟରେ ଦୀର୍ଘଦିନ ଧରି ଖାଦ୍ୟ ପଦାର୍ଥର ମାନ, ବାସି ଆମିଷ ତରକାରୀ, ବାସି ମିଠା ଓ କେକ୍ ସମ୍ପର୍କରେ ସାଧାରଣରେ ଅଭିଯୋଗ ହୋଇଆସୁଥିଲା। ଏହି ଯାଞ୍ଚ ପରେ ଖାଦ୍ୟ ବ୍ୟବସାୟୀଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ବଢ଼ିବ ବୋଲି ଆଶା କରାଯାଉଛି। ତେବେ ଉମରକୋଟ ବଜାରରେ ଅପମିଶ୍ରିତ ପନିର ବିକ୍ରି ନେଇ ପୂର୍ବରୁ ଉଠିଥିବା ଅଭିଯୋଗ ଉପରେ କେବେ ଯାଞ୍ଚ କରାଯିବ, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

# ପ୍ରତିରକ୍ଷା କର୍ମଚାରୀଙ୍କ ଶିକ୍ଷାଗତ ଉନ୍ନତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପ୍ରତିରକ୍ଷା ବାହିନୀର ସେବାରତ ଓ ପୂର୍ବତନ କର୍ମଚାରୀଙ୍କ ଶିକ୍ଷାଗତ ଉନ୍ନତି, ଦକ୍ଷତା ବିକାଶ ଏବଂ ଦ୍ୱିତୀୟ କ୍ୟାରିୟରର ସୁଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା ପକ୍ଷରୁ କେନ୍ଦ୍ରୀୟ ସୈନିକ ବୋର୍ଡ ସହଯୋଗରେ ପଶ୍ଚିମବଙ୍ଗ ରାଜ୍ୟ ସୈନିକ ବୋର୍ଡର ପ୍ରତିରକ୍ଷା କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ପାଇଁ ବିଷୟଗତ ଦକ୍ଷତା ବୃଦ୍ଧି ଓ ମୂଲ୍ୟାୟନ କାର୍ଯ୍ୟକ୍ରମ (ଏସ୍.ପି.ଇ.ଏ.ପି) ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ନିଜ ବକ୍ତବ୍ୟରେ ପ୍ରତିରକ୍ଷା କର୍ମଚାରୀଙ୍କ ସାମରିକ ଅଭିଜ୍ଞତା, ନେତୃତ୍ୱ ଓ ବୃତ୍ତିଗତ ଦକ୍ଷତାକୁ ଔପଚାରିକ ଉଚ୍ଚ ଶିକ୍ଷା ସହ ସଂଯୋଗ କରି ସେମାନଙ୍କୁ ବେସାମରିକ ନିଯୁକ୍ତି, କର୍ପୋରେଟ୍ ନେତୃତ୍ୱ, ଉଦ୍ୟୋଗିତା ଓ ଅନ୍ୟାନ୍ୟ ଦ୍ୱିତୀୟ କ୍ୟାରିୟର ପାଇଁ ପ୍ରସ୍ତୁତ କରିବା ପାଇଁ ବିଶ୍ୱ ବିଦ୍ୟାଳୟର ପ୍ରତିବଦ୍ଧତା ପ୍ରକାଶ କରିବା ସହ ଏହାକୁ ବିଶ୍ୱ ବିଦ୍ୟାଳୟର ସେଣ୍ଟର ଫର୍ ଡିଫେନ୍ସ୍ ଷ୍ଟଡ଼ିଜ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ପଦକ୍ଷେପ ବୋଲି ଅଭିହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତିରକ୍ଷା କର୍ମଚାରୀଙ୍କ ଉଚ୍ଚ ଶିକ୍ଷା, ଦକ୍ଷତା ବିକାଶ, ପୁନଃ ଦକ୍ଷତା ଅର୍ଜନ, ଉଦ୍ୟୋଗିତା ଓ ଆଜୀବନ ଶିକ୍ଷା ପାଇଁ ଏକ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ପୁନର୍ବାସ ନିର୍ଦ୍ଦେଶାଳୟ ଅତିରିକ୍ତ ଡିଜି ବ୍ରିଗେଡିୟର ସୌମ୍ୟ ବାନାର୍ଜୀ ଯୋଗ ଦେଇ ନିଜ ବକ୍ତବ୍ୟରେ ପୂର୍ବତନ ସୈନିକମାନଙ୍କ ପାଇଁ ସମ୍ମାନଜନକ ଓ ଅର୍ଥପୂର୍ଣ୍ଣ ଦ୍ୱିତୀୟ କ୍ୟାରିୟର ସୁଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ ଏବଂ ପରୀକ୍ଷା ଉପନିୟନ୍ତ୍ରକ ରମାକାନ୍ତ ମହାନ୍ତ ମଞ୍ଚାସୀନ ଥିଲେ। ବିଶ୍ୱବିଦ୍ୟାଳୟର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଡ. ଉଜ୍ଜ୍ୱଳ କୁମାର ଘଟକ ପୂର୍ବତନ ସୈନିକମାନଙ୍କ ଶିକ୍ଷାଗତ ଓ ବୃତ୍ତିଗତ ସଶକ୍ତୀକରଣ ସମ୍ପର୍କରେ ନିଜର ଅଭିଜ୍ଞତା ଓ ମତାମତ ରଖିଥିଲେ। ଶେଷରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଶାନ୍ତି ସ୍ୱରୂପ ବସା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେବାରତ ଓ ପୂର୍ବତନ ପ୍ରତିରକ୍ଷା କର୍ମଚାରୀଙ୍କ ପ୍ରଥମ ବ୍ୟାଚ୍‌କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମର ଶିକ୍ଷାଗତ ଓରିଏଣ୍ଟେସନ୍ ପର୍ଯ୍ୟାୟକୁ ଦୂର ଓ ଅନ୍‌ଲାଇନ୍ ଶିକ୍ଷା କେନ୍ଦ୍ରର ଇଂରାଜୀ ବିଭାଗର ସହକାରୀ ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ପରିଚାଳନା କରିଥିବା ବେଳେ, ବିଶ୍ୱବିଦ୍ୟାଳୟର ସାମରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ବ୍ୟବସାୟ ପ୍ରଶାସନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ସୀତାରାମ ଦାସ ସ୍ୱାଗତ ଓ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ।




# ବ୍ରିଜ୍ ନିକଟରୁ ବନ୍ଧୁକ, ଗୁଳି ଓ ମାଗାଜିନ୍ ଜବତ:ଜଣେ ଗିରଫ

**ସୋନପୁର, ନ୍ୟୁଜ୍ ବ୍ୟୁରୋ**





ପାଟ୍ରୋଲିଂ ଡ୍ୟୁଟି ସମୟରେ ବୈଦ୍ୟନାଥ ବ୍ରିଜ୍ ନିକଟରେ ଅବୈଧ ଅସ୍ତ୍ରଶସ୍ତ୍ର ବିକ୍ରୟ ଓ କାରବାର ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସୋନପୁର ପୋଲିସ ଚଢ଼ଉ କରିଥିଲା। ପୋଲିସ ଟିମ୍‌କୁ ଦେଖି ଦୁଇଜଣ ବ୍ୟକ୍ତି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବା ବେଳେ, ଜଣେ ବ୍ୟକ୍ତିଙ୍କୁ ପୋଲିସ କାବୁ କରିଥିଲା। ଗିରଫ ବ୍ୟକ୍ତି ହେଲେ ସତ୍ୟରାମ ଚୌକିଆ (୨୩)। ତାଙ୍କ ତଲାସି ସମୟରେ ଗୋଟିଏ ବନ୍ଧୁକ, ୩ଟି ଅଫୁଟା ଗୁଳି ଓ ଗୋଟିଏ ମାଗାଜିନ ଜବତ ହେବା ସହ ୧୦,୦୦୦ ହଜାର ଟଙ୍କା ଗୋଟିଏ ଆଇଫୋନ୍ ମୋବାଇଲ ଜବତ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଜବତ ଅସ୍ତ୍ରଶସ୍ତ୍ର ରଖିବା ପାଇଁ ସତ୍ୟରାମ କୌଣସି ବୈଧ ଲାଇସେନ୍ସ କିମ୍ବା ଆଇନ୍ ସମ୍ମତ ଅନୁମତି ଦେଖାଇ ପାରିନଥିଲେ। ପଚରା ଉଚରା ସମୟରେ ଅବୈଧ ଅସ୍ତ୍ରଶସ୍ତ୍ର ଓ ଗୁଳିର ବିକ୍ରୟ ତଥା କାରବାରରେ ତାଙ୍କ ସମ୍ପୃକ୍ତି ଥିବା ନେଇ ସେ ସୂଚନା ଦେଇଥିବା ପୋଲିସ କହିଛି। ଏହି ଅସ୍ତ୍ରକୁ ଡକାୟତି ଓ ରାହାଜାନି ସମୟରେ ଲୋକଙ୍କୁ ଭୟଭୀତ କରିବା ପାଇଁ ବ୍ୟବହାର କରାଯାଇଥିବା ନେଇ ମଧ୍ୟ ସୂଚନା ମିଳିଥିବା ପୋଲିସ ପକ୍ଷରୁ ପ୍ରକାଶ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ମାଲ୍ ଗୋଦାମ୍‌ରୁ ଚୋରି:୧୦ ଲକ୍ଷ ଟଙ୍କାର ସିଗାରେଟ୍ ଲୁଟ୍

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମାଲଗୋଦାମ୍ ଅଞ୍ଚଳରେ ଗତ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଲୁଟ୍ କରିଛନ୍ତି। ଏକ ଦୋକାନର ସଟର୍ କାଟି ଭିତରକୁ ପଶି ଲୁଟ୍ କରିଥିବା ଜଣାପଡ଼ିଛି। ସକାଳେ ସ୍ଥାନୀୟ ଲୋକେ ଦୋକାନର ସଟର୍ କଟା ହୋଇଥିବା ଦେଖିବା ପରେ ଘଟଣା ସମ୍ପର୍କରେ ମାଲଗୋଦାମ୍ ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ମାଲଗୋଦାମ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଜଣାପଡ଼ିଛି ଯେ ୨ ଜଣ ଦୁର୍ବୃତ୍ତ ଏକ ଜରି ପାଲ ମାଧ୍ୟମରେ ସିଗାରେଟ୍ ବୋହି ନେଇଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ବୋଲି ଜଣାପଡ଼ିଛି। ତେବେ ଏ ସଂକ୍ରାନ୍ତରେ ଚୋରି ହୋଇଥିବା ଦୋକାନୀଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନଥିବା ବେଳେ, ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଏ ନେଇ ତଦନ୍ତ ଜାରି ରଖିଛି ମାଲଗୋଦାମ୍ ଥାନା ପୋଲିସ।

# ପରିବେଶ-ଅନୁକୂଳ ଓ ପ୍ରଦୂଷଣ ମୁକ୍ତ ପର୍ବପର୍ବାଣୀ ପାଳନ ଉପରେ ଗୁରୁତ୍ୱ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ପର୍ବପର୍ବାଣୀକୁ ପରିବେଶ-ଅନୁକୂଳ ଓ ପ୍ରଦୂଷଣ ମୁକ୍ତ ଉପାୟରେ ପାଳନ କରିବା ପାଇଁ ବରଗଡ଼ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ (SPCB), ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ସମସ୍ତ ପୂଜା କମିଟିକୁ ନିବେଦନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୭ତମ ଜିଲ୍ଲାସ୍ତରୀୟ ପରିବେଶଗତ ତଦାରଖ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସାଂସ୍କୃତିକ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ସହିତ ପର୍ବପର୍ବାଣୀର ଦାୟିତ୍ୱପୂର୍ଣ୍ଣ ଓ ସ୍ଥାୟୀ ପାଳନକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ, ପରିବେଶ ପ୍ରତି ଦାୟିତ୍ୱବାନ ହୋଇ ପ୍ରଦୂଷଣ ମୁକ୍ତ ପୂଜା ପଦ୍ଧତି ଆପଣାଉଥିବା ଉତ୍କୃଷ୍ଟ ପ୍ରଦର୍ଶନକାରୀ ପୂଜା କମିଟିଗୁଡ଼ିକୁ ଜିଲ୍ଲା ପ୍ରଶାସନ ଓ SPCB ପକ୍ଷରୁ ମିଳିତ ଭାବେ ସମ୍ବର୍ଦ୍ଧିତ କରାଯିବ। ପ୍ରାକୃତିକ ମାଟି ଓ ପ୍ରାକୃତିକ ରଙ୍ଗରେ ମୂର୍ତ୍ତି ନିର୍ମାଣ, ପ୍ଲାଷ୍ଟିକ୍ ଓ ଥର୍ମୋକଲ୍ ବର୍ଜନ କରି ପରିବେଶ-ଅନୁକୂଳ ସାଜସଜ୍ଜା, ଡାକବାଜି ଯନ୍ତ୍ରର ନିୟନ୍ତ୍ରିତ ବ୍ୟବହାର ଏବଂ ପରିବେଶ-ସୁରକ୍ଷିତ ମୂର୍ତ୍ତି ବିସର୍ଜନ ପ୍ରକ୍ରିୟା ଆପଣାଇବା ଉପରେ ଆଧାର କରି ଏହି ଚୟନ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ SPCB ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (Addl. SP), ଆଞ୍ଚଳିକ ପରିବହନ ଅଧିକାରୀ (RTO), ସହକାରୀ ବନ ସଂରକ୍ଷକ (ACF), ଖଣି ବିଭାଗ, ପୌରପାଳିକା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH)ର ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜ ବିଭାଗୀୟ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।



# ବୌଦ୍ଧ ଜିଲ୍ଲାରେ ନିଶାମୁକ୍ତ 'ମେରା ଯୁବ ଭାରତ'



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମେରା ଭାରତ, ବୌଦ୍ଧ' ପକ୍ଷରୁ 'ନଶା ମୁକ୍ତ ଯୁବ ଫର ବିକଶିତ ଭାରତ' ପଦକ୍ଷେପ ଅନ୍ତର୍ଗତ '୧୦୦ ସପ୍ତାହ ନଶା ମୁକ୍ତ ଯୁବ ଅଭିଯାନ'ର ଏକ ଅଂଶବିଶେଷ ଭାବରେ ସରକାରୀ ପଲିଟେକ୍ନିକ୍ କଲେଜ, ବୌଦ୍ଧରେ ଏକ ଯୁବ ପ୍ରତିଜ୍ଞା ଏବଂ ସ୍ୱାକ୍ଷର ଅଭିଯାନ – 'ରାଷ୍ଟ୍ରୀୟ ସଂକଳ୍ପ ସମାରୋହ'ର ଆୟୋଜନ କରାଯାଇଥିଲା। ମୋଟ୍ ୧୫୪ ଜଣ ଯୁବ ପ୍ରତିଭା ଏବଂ କଲେଜ ଛାତ୍ରଛାତ୍ରୀ ଏକ ନିଶାମୁକ୍ତ ଭାରତ ଗଠନ ଦିଗରେ ତାଙ୍କ ଅବଦାନ ରଖିବା ପାଇଁ ଶପଥ ନେଇଥିଲେ ଏବଂ ଏହି ସ୍ୱାକ୍ଷର ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତିରଞ୍ଜନ ଭୂଏ ମୁଖ୍ୟ ଅତିଥି ଭାବରେ ଓ ସମ୍ମାନିତ ଅତିଥି ଭାବରେ ପୋଲିସ ଅଧିକାରୀ ଅରୁଣ କୁମାର ସିଂହ, ସରକାରୀ ଆଇ.ଟି.ଆଇ କଲେଜ ବୌଦ୍ଧ ଅଧ୍ୟକ୍ଷ ସୁବୋଧ କୁମାର ପାଣିଗ୍ରାହୀ, ଏ.ଏସ୍.ଆଇ ବ୍ରହ୍ମାନନ୍ଦ ପ୍ରଧାନ, ସରକାରୀ ପଲିଟେକ୍ନିକ୍ ଅଧ୍ୟକ୍ଷ ପି.କେ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମାରୋହର ଆବାହକ ଜିଲ୍ଲା ଯୁବ ଅଧିକାରୀ, ମାଇଁ ଭାରତ ପ୍ରେରଣା ମୀନା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀ ଡାକ୍ତର ମନସୁଖ ମାଣ୍ଡବୀୟ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ସଚିବ, 'ମେରା ଯୁବ ଭାରତ'ର ସି.ଇ.ଓ ଏବଂ ରାଜ୍ୟ ଯୁବ ବ୍ୟାପାର ବିଭାଗର ରାଷ୍ଟ୍ରମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସେମାନଙ୍କର ଅବିରତ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ। ୧୦୦ ସପ୍ତାହର ଏହି ଅଭିଯାନର ଏକ ଅଂଶ ଭାବରେ ପ୍ରତି ରବିବାର ବିଭିନ୍ନ ଯୁବ-କୈନ୍ଦ୍ରିକ କାର୍ଯ୍ୟକ୍ରମ ସହିତ ଏହି ପଦକ୍ଷେପ ଜାରି ରହିବ ବୋଲି କହିଥିଲେ। ସେ ଯୁବା ବର୍ଗଙ୍କୁ ଆହ୍ୱାନ ଦେଲେ ଯେ ଆସନ୍ତୁ ସମସ୍ତେ ଏକାଠି ହେବା, ଶପଥ ନେବା, ଆମର ସ୍ୱର ଉତ୍ତୋଳନ କରିବା ଏବଂ ଏକ 'ବିକଶିତ ଭାରତ' ପାଇଁ 'ନଶା ମୁକ୍ତ ଯୁବ' ଗଠନ କରିବା। ଏହି ଜାତୀୟ ଆନ୍ଦୋଳନରେ ଆମ ସହିତ ଯୋଗ ଦିଅନ୍ତୁ। ନଶାମୁକ୍ତ ଭାରତ ପାଇଁ ଯୁବପିଢ଼ି ବିକଶିତ ଭାରତ ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆସମାନ ମହାକୁଡ଼, ସ୍ୱେଚ୍ଛାସେବୀ ସୁଶୀଲ ପାତ୍ର, ଦେବାଶିଷ ସେଠି, ଅବିନାଶ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

# ସାମ୍ବାଦିକଙ୍କୁ ପଥର ମାଫିଆଙ୍କ ଆକ୍ରମଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ପାହାଡ଼ ସୁରକ୍ଷା କର୍ମୀ ସାମ୍ବାଦିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କୁ କୁଆଖିଆରୁ ଫେରୁଥିବା ବେଳେ ଜେନାପୁର ଲେବଲ୍ କ୍ରସିଂ ଠାରେ କେହି ଅଜଣା ଦୁର୍ବୃତ୍ତ ଆକ୍ରମଣ କରି ଗୁରୁତର କରିଛନ୍ତି। ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅନ୍ତର୍ଗତ ବିଭିନ୍ନ ସଂରକ୍ଷିତ ପାହାଡ଼, ଜଙ୍ଗଲ କିସମ ଜମିରୁ ପଥର ମାଫିଆମାନେ ଦିନରାତି ଚୋରାରେ କଳାପଥର ଲୁଟ୍ କରୁଥିବା ଖବର ଗଣମାଧ୍ୟମରେ ପ୍ରକାଶ କରୁଥିବାରୁ କାର୍ତ୍ତିକଙ୍କୁ ଆକ୍ରମଣ କରିଥିବା ତାଙ୍କ ସ୍ତ୍ରୀ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜେନାପୁର ପୋଲିସ ୨୬୦/୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଏହି ଘଟଣା ପୂର୍ବରୁ ବରିଷ୍ଠ ସାମ୍ବାଦିକ ତଥା ପାହାଡ଼ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କୁ ମଧ୍ୟ ପଥର ମାଫିଆମାନେ ଆକ୍ରମଣ କରି ଗୁରୁତର କରିଥିଲେ।



# ବିଶ୍ୱ ସ୍ତରରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ନିମନ୍ତେ ପ୍ରବାସୀ ଓଡ଼ିଆଙ୍କୁ ଆହ୍ୱାନ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ନୀଳଶୈଳ, ବିଶ୍ୱ ଓଡ଼ିଆ ସମ୍ମିଳନୀ ଏବଂ ରାଜକିଶୋର ରାଜ ସ୍ମୃତି ସଂସଦର ଆହ୍ୱାନ କ୍ରମେ ସାରା ବିଶ୍ୱ ପାଳନ କରିଛି ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ – ୨୦୨୬। ଏହି ଅବସରରେ ଢେଙ୍କାନାଳର ଶତାୟୁ, ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ଦଳେଇ, ଲକ୍ଷ୍ମୀଧର ମ୍ୟୁନିସିପାଲିଟି ହାଇସ୍କୁଲ୍, ଢେଙ୍କାନାଳର ପ୍ରଧାନ ଶିକ୍ଷକ ଇତିଶ୍ କୁମାର ବରାଳଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦର ଆଜୀବନ ସଦସ୍ୟ ଓ ପ୍ରାକ୍ତନ ସହ ସମ୍ପାଦକ, ଶିକ୍ଷାବିତ୍ ପଣ୍ଡିତ ଡା. ରୁଦ୍ରନାରାୟଣ ମିଶ୍ର ସ୍ମୃତି ସଂସଦର ସମ୍ପାଦକ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ତଥା ନୀଳଶୈଳ ଢେଙ୍କାନାଳ ଜିଲ୍ଲା ଶାଖାର ସଭାପତି ଡା. ଦେବୀପ୍ରସାଦ ମିଶ୍ରଙ୍କ ଆବାହକତ୍, ବଳିଷ୍ଠ ନେତୃତ୍ୱ ଓ ପୌରୋହିତ୍ୟରେ ପାଳନ ହୋଇଯାଇଛି ଢେଙ୍କାନାଳ ଜିଲ୍ଲାରେ ବର୍ଣ୍ଣାଢ଼୍ୟ 'ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ' -୨୦୨୬। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୀଳଶୈଳର ସାଧାରଣ ସମ୍ପାଦକ ବିଭୁପ୍ରସାଦ ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସୌମ୍ୟଶଙ୍କର ରାଜ, ନରେନ୍ଦ୍ର ରାଜ ସାମନ୍ତ, ରାହୁଲ କୁମାର ପ୍ରମୁଖ ପୁରୀ ଶ୍ରୀ ମନ୍ଦିରରୁ ଆଜ୍ଞା ମାଳ ଧରି ଆସି ଯୋଗଦାନ କରିଥିଲେ। ଡା. ଦେବୀ ପ୍ରସାଦ ମିଶ୍ର ଅତିଥି ପରିଚୟ, ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି ସ୍ୱୀୟ ବକ୍ତବ୍ୟରେ ନୀଳଶୈଳ ଏବଂ ବିଶ୍ୱ ଓଡ଼ିଆ ସମ୍ମିଳନୀର ସଭାପତି ଡକ୍ଟର ମୁରଲୀ ମନୋହର ଶର୍ମା ଏବଂ ନୀଳଶୈଳର ସାଧାରଣ ସମ୍ପାଦକ ବିଭୁପ୍ରସାଦ ନାୟକ (ଡଃ ଧର୍ମଛଡା), ସୌମ୍ୟଶଙ୍କର ରାଜ, ନରେନ୍ଦ୍ର ରାଜ ସାମନ୍ତ, ରାହୁଲ କୁମାରଙ୍କ ଦୃଢ଼ ଆହ୍ୱାନ କ୍ରମେ ଓଡ଼ିଶାର ପୁରାତନ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ନୀଳଶୈଳ' ପକ୍ଷରୁ ଆୟୋଜିତ ସ୍ୱାକ୍ଷର ସଂକଳ୍ପ ଦିବସରେ ଆମେ ଭାଗ ନେଇ ଓଡ଼ିଆରେ ଦସ୍ତଖତ କରି ସେପ୍ଟେମ୍ବର ୨୨ ତାରିଖ 'ସ୍ୱାକ୍ଷର ସଂକଳ୍ପ ଦିବସ'-୨୦୨୬କୁ ଏକ ଗଣପର୍ବରେ ପରିଣତ କରିଥିବାରୁ ଓଡ଼ିଆ ଭାବେ ସମସ୍ତଙ୍କ ସହିତ ମୁଁ ଢେଙ୍କାନାଳ ଜିଲ୍ଲାରୁ ନୀଳଶୈଳ ଅନୁଷ୍ଠାନର ସଦସ୍ୟ ଭାବେ ତଥା ଢେଙ୍କାନାଳ ଜିଲ୍ଲା ଶାଖାର ସଭାପତି ଭାବେ ନିଜକୁ ଗର୍ବିତ ମନେ କରୁଛି। ଏଭଳି ଅଭିନବ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ସମ୍ପର୍କରେ ସ୍ୱୀୟ ଅଭିବ୍ୟକ୍ତିରେ ଡା. ମିଶ୍ର ଏହା ଯେ ଦେଶ ବିଦେଶରେ ଥିବା ପ୍ରତ୍ୟେକ ଓଡ଼ିଆ ଗୋଟିଏ ଦିନ ଆମ ନିଜର ମାତୃଭାଷା ଓଡ଼ିଆ ଲିପିରେ ନିଜେ ଦସ୍ତଖତ କରିବା ସହିତ ନିଜ ପିଲାମାନଙ୍କୁ ଓଡ଼ିଆ ଲିପିରେ ଦସ୍ତଖତ କରିବା ପାଇଁ ପ୍ରବର୍ତ୍ତାଇ ଓଡ଼ିଆ ଭାଷା ଆନ୍ଦୋଳନରେ ନିଜକୁ ସାମିଲ୍ କରିବା ଆମ ସମସ୍ତ ଓଡ଼ିଆଙ୍କର ପରମ, ପବିତ୍ର କର୍ତ୍ତବ୍ୟ ବୋଲି ଦୃଢ଼ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଗ୍ରାମରୁ ୨୦୦ରୁ ଉର୍ଦ୍ଧ୍ୱ ସମସ୍ତ ଛାତ୍ରୀଛାତ୍ରମାନେ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସମୀର କୁମାର ପରିଡ଼ା, ସମସ୍ତ ସଦସ୍ୟା, ସଦସ୍ୟଙ୍କ ସମେତ ବହୁ ପୂରାତନ ଛାତ୍ରୀ, ଛାତ୍ର, ବର୍ତ୍ତମାନର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ, ଛାତ୍ର, ସେମାନଙ୍କର ପିତା ମାତା, ଅଭିଭାବିକା, ଅଭିଭାବକ ମଧ୍ୟ ଯୋଗଦାନ କରି ମାତୃଭୂମି ଓ ମାତୃଭାଷାର ଟେକ ରଖିବା ନିମନ୍ତେ ଶପଥ ନେବା ସହିତ ଓଡ଼ିଆ ଲିପିରେ ଦସ୍ତଖତ କରିଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୦ / ୯ | ୮ | ୭ଶ / ୬ରା |
| ୧୧ବୃମ | ୨୪ / ୧୧ | ୫ |
| ୧୨କେ / ୧ରବୁ | ୨ଶୁ | ୪ / ୩ |

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୨୧ଙ୍କ
**ତା୨୫।୦୯।୨୦୨୬, ଆଶ୍ୱିନ ଦ୯ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ ୫।୩୮।୦୯ ଚନ୍ଦ୍ରୋଦୟ- ଦିଘ୪।୪୭।୫୩**

ଚତୁର୍ଦ୍ଦଶୀ ରାଘ ୧୧।୦୯ ପର୍ଯ୍ୟନ୍ତ, ଶତଭିଷା ନକ୍ଷତ୍ର ଦିଘ ୧୧।୨୩ ପର୍ଯ୍ୟନ୍ତ। କୁମ୍ଭ ଚନ୍ଦ୍ର ନିଘ ୫।୩୪ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର। ନିଘ ୫।୩୪ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର। ନିଘ ୫।୩୪ ଗତେ ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୧୧।୦୯ ଗତେ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୪୦ ଗତେ ଦିଘ ୬।୨୯ ମଧ୍ୟେ। ଦିଘ ୧୨।୦୪ ଗତେ ଦିଘ ୩।୧୫ ମଧ୍ୟେ। **ପର୍ବୋତ୍ସବ-** ଅନନ୍ତ ଚତୁର୍ଦ୍ଦଶୀ, ଅନନ୍ତ ବ୍ରତ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା।


**ମେଷ:** ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ। ଦେହ ଓ ମନ ଭଲ ରହିବ। ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି। ରୋଜଗାର ଭଲ ହେବ। ଘରେ ଆନନ୍ଦ ଦେଖାଦେବ।


**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଚିନ୍ତା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ଅତିବାହିତ ହେବାର ସୂଚନା।


**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନ ଅବଲମ୍ବନୀୟ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅସନ୍ତୋଷ ଦେଖାଦେବ। ମହିଳାମାନେ ଗର୍ବୀ ହେବେ।


**କର୍କଟ:** ସତ କଥା କହି ବନ୍ଧୁଙ୍କ ପାଖରେ ବିରୋଧି ହୋଇପାରନ୍ତି। ଦାମ୍ପତ୍ୟ ଜୀବନରେ କଳହ ଦେଖାଦେଇପାରେ। ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ। ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ।


**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ରୋଜଗାର ସ୍ଥିର ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମହିଳାମାନେ ସୁଖୀ ହେବେ। ଭ୍ରମଣ ଯୋଗ ମଧ୍ୟ ରହିପାରେ।


**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ। ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହୋଇପାରେ। ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ। ଘରେ ଶାନ୍ତି ଅବ୍ୟାହତ ରହିବ।


**ତୁଳା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ପରୋପକାରୀ ହେବାର ସୂଚନା। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା।


**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ଶରୀର ସୁସ୍ଥ ରହିବ। ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ। ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ। ଘରେ ଶାନ୍ତିର ବାତାବରଣ ରହିବ।


**ଧନୁ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଶୁଭ କାର୍ଯ୍ୟ କରିବା ନିମନ୍ତେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।


**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ରୋଜଗାର ଭଲ ହେବ। ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଶରୀରରେ ସାମାନ୍ୟ ପୀଡ଼ା ଅନୁଭବ କରିପାରନ୍ତି।


**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ଘରେ ଶାନ୍ତିର ପରିସ୍ଥିତି ସୃଷ୍ଟି ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି।


**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ। ଏଣୁ ସାବଧାନ ରହିବେ। ଖର୍ଚ୍ଚର ପରିମାଣ ବଢ଼ିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ। ଘରେ ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବ।

32 YEARS
ସମ୍ବାଦ କଳିକା

# ବ୍ୟାଙ୍କ ଧର୍ମଘଟ ପୂର୍ବରୁ ମିଳିବ କେନ୍ଦ୍ରୀୟ କର୍ମଚାରୀଙ୍କ ଦରମା ଓ ପେନସନ୍

କର୍ମଚାରୀମାନଙ୍କୁ ଯେପରି କୌଣସି ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ସେପ୍ଟେମ୍ବର ମାସର ପେନସନ୍ ବ୍ୟାଙ୍କ କିମ୍ବା ପେ ଆଣ୍ଡ ଆକାଉଣ୍ଟ୍ସ ଅଫିସ୍ (PAO) ଜରିଆରେ ସିଧାସଳଖ ଆକାଉଣ୍ଟକୁ ପଠାଯିବ । ଯଦି ଆପଣ ଜଣେ କେନ୍ଦ୍ରୀୟ କର୍ମଚାରୀ କିମ୍ବା ପେନସନ୍‌ଭୋଗୀ, ତେବେ ଆପଣଙ୍କ ପାଇଁ ଆଶ୍ୱସ୍ତିକର ଖବର ରହିଛି । ଆଗାମୀ ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ହେବାକୁ ଥିବା ୩ ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନ୍‌ଭୋଗୀଙ୍କ ଆକାଉଣ୍ଟକୁ ସେପ୍ଟେମ୍ବର ୨୫ ଅର୍ଥାତ୍ ଶୁକ୍ରବାର ଦିନ ହିଁ ସେପ୍ଟେମ୍ବର ମାସର ଆଡ୍‌ଭାନ୍ସ ବା ଅଗ୍ରିମ ଦରମା ଏବଂ ପେନସନ୍ ପଠାଇ ଦିଆଯିବ । ଏହି ନିଷ୍ପତ୍ତିରେ ପ୍ରତିରକ୍ଷା, ଡାକ ଏବଂ ଟେଲିକମ୍ ବିଭାଗର କର୍ମଚାରୀମାନେ ମଧ୍ୟ ସାମିଲ ଅଛନ୍ତି । ଅର୍ଥ ମନ୍ତ୍ରଣାଳୟାଧୀନ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଆକାଉଣ୍ଟସ (CGA) ପକ୍ଷରୁ ଏନେଇ ସମସ୍ତ ବିଭାଗକୁ ନିର୍ଦ୍ଦେଶ ପଠାଯାଇଛି ।

'ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ' (UFBU) ପକ୍ଷରୁ ସେପ୍ଟେମ୍ବର ୨୮ ରୁ ୩୦ ମଧ୍ୟରେ ୩ ଦିନିଆ ଦେଶବ୍ୟାପୀ ଧର୍ମଘଟର ଘୋଷଣା କରାଯାଇଛି । ଏହି କାରଣରୁ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିବାର ସମ୍ଭାବନା ରହିଛି । କର୍ମଚାରୀମାନଙ୍କୁ ଯେପରି କୌଣସି ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ସେପ୍ଟେମ୍ବର ମାସର ପେନସନ୍ ବ୍ୟାଙ୍କ କିମ୍ବା ପେ ଆଣ୍ଡ ଆକାଉଣ୍ଟ୍ସ ଅଫିସ୍ (PAO) ଜରିଆରେ ସିଧାସଳଖ ଆକାଉଣ୍ଟକୁ ପଠାଯିବ ।

ସାଧାରଣ ଜନତାଙ୍କୁ ଲଗାତାର ଛୁଟି ଯୋଗୁଁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପାଇଁ ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କ (RBI) ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଆସନ୍ତା ରବିବାର ଅର୍ଥାତ୍ ସେପ୍ଟେମ୍ବର ୨୭ ତାରିଖ ଦିନ ଦେଶର ସମସ୍ତ ସରକାରୀ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ସମ୍ପୂର୍ଣ୍ଣ ଖୋଲା ରହିବ । RBI ପକ୍ଷରୁ ବ୍ୟାଙ୍କ ଶାଖା, କାର୍ଯ୍ୟାଳୟ, ଏଟିଏମ୍ ଏବଂ କରେନ୍ସି ଚେଷ୍ଟ୍‌ଗୁଡ଼ିକୁ ସେହିଦିନ ଚାଲୁ ରଖିବାକୁ ଅନୁମତି ଦିଆଯାଇଛି । ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରାହକମାନଙ୍କୁ ସତର୍କ କରାଇ କହିଛନ୍ତି ଯେ ଧର୍ମଘଟ ସମୟରେ ଗ୍ରାହକମାନେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର କରନ୍ତୁ । ଟଙ୍କା ଉଠାଇବା କିମ୍ବା ଟଙ୍କା ପଠାଇବା ପାଇଁ UPI, ATM, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସେବା ନିର୍ବିଘ୍ନରେ ଜାରି ରହିବ । ସେପ୍ଟେମ୍ବର ୩୦ ତାରିଖରେ ବ୍ୟାଙ୍କଗୁଡ଼ିକର ହାଫିୟରଲି କ୍ଲୋଜିଂ ମଧ୍ୟ ରହିଛି, ତେଣୁ ଆପଣଙ୍କର ସମସ୍ତ ଜରୁରୀ କାମ ସେପ୍ଟେମ୍ବର ୨୮ ପୂର୍ବରୁ ସାରି ନିଅନ୍ତୁ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

**ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ**

## ମନୁଷ୍ୟ ଭକ୍ତ ଭିତରେ ରହସ୍ୟ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଶିଷ୍ୟ ହେଉକି ଭକ୍ତ ହେଉ ସେ ସଦାସର୍ବଦା ଶ୍ରୀ ଗୁରୁଙ୍କ ପଦ୍ମ ପାଦରେ ଲୟ ରଖି ଶ୍ରୀଗୁରୁଙ୍କ ଆଦେଶକୁ ଗୁରୁଜ୍ଞାନ ଭାବି ସେ ତାର କର୍ମକୁ ସମ୍ପାଦନ କରିଥାଏ। କିନ୍ତୁ ମନୁଷ୍ୟ ତାର ନିଜର କର୍ମ ପାଇଁ ବ୍ୟକ୍ତି ଭାବରେ ନିଜକୁ ଦିନହୀନ ଭାବି କର୍ମ ସମ୍ପାଦନ କରିଥାଏ। ମନୁଷ୍ୟ ନିଜ ପାଇଁ କରେ ଶିଷ୍ୟ ଭଗବାନଙ୍କ ପାଇଁ କର୍ମ କରେ ଏହାହିଁ ପ୍ରକୃତ ରହସ୍ୟ । ମନୁଷ୍ୟ, ଶିଷ୍ୟ ଭକ୍ତ ଭିତରେ ଆଉ ଗୋଟିଏ କଥା ଜୀବ(ବା) ମନୁଷ୍ୟ ନିଜପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ । ମୁଁ ଏବଂ ମୋର ସଂସାରରେ କିପରି ଉନ୍ନତି ହେବ କିନ୍ତୁ ଭକ୍ତ ବା ଶିଷ୍ୟ ସମାଜର, ଦେଶର, ବିଶ୍ୱର କିପରି ମଙ୍ଗଳ ହେବ ସେ ନିରନ୍ତର ଭଗବାନଙ୍କୁ ଜଣାଇଥାଏ । ଅର୍ଥାତ୍ ସେ ନିଜକୁ ଭୁଲି ପରମାତ୍ମା ସରଣରେ ବୁଡି ରହିଥାଏ । ଆଉ ଏ ବଦ୍ଧଯିବ ନିଜକୁ ଜାବୁଡି ଧରି ମୋହ ମାୟାର ପଙ୍କିଳ ଭିତରେ ମନକୁ ବୁଡାଇ ରଖିଥାଏ । ଗୋଟିଏ (ମହୁମାଛି ହେଲେ ଅନ୍ୟଟି ମାଛି) ତାର ଅର୍ଥ ଭକ୍ତ ବା ଶିଷ୍ୟ ମଧୁ ସଂଗ୍ରହ କରି ଅନ୍ୟକୁ ବାଣ୍ଟିଥାଏ ଏବଂ ଆନନ୍ଦ ଅନୁଭବ କରୁଥାଏ। କିନ୍ତୁ ଏ ବଦ୍ଧଜିବ ପଚାଷଢା ପୁତି ଗନ୍ଧରେ ମନକୁ ଛନ୍ଦି ନର୍କକୁ ଗମନ କରିଥାଏ।

# ଅତିମାନବୀ



**ଅଶୋକ ବିଶ୍ୱାଳ**
(ପୂର୍ବତନ ପିସିସିଏଫ, ଅରୁଣାଚଳ ପ୍ରଦେଶ, ମିଜୋରାମ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ)
ମୋ-୯୪୩୨୦୧୦୯୫୧

ଭାବୁଥିଲି, ବିପରୀତ ଶବ୍ଦମାନ ବାଛି, ଯଦି ମୁଁ ଏକ ନାରୀ ମୂର୍ତ୍ତି ତିଆରେ ତେବେ ସେ ରୂପ କେମିତି ହେବ ? ମନକୁ ଆକର୍ଷିତ କରିବ କି ? ଆମେ କାଗଜ ପୃଷ୍ଠାରେ ଏକ ତରଙ୍ଗାୟିତ ବର୍ଣ୍ଣନାକୁ ପ୍ରକୃତ ରୂପ ଭାବୁଛେ । ଏକ ନାରୀର ସୁଢୋଳ ରୈଖିକ ଚିତ୍ର ଦେଖି ତା'ର ପ୍ରତିଟି କର୍ମ ସୁକର୍ମ ହୋଇଥିବ ବୋଲି ଭାବି ଆସିଛେ। କେଉଁଠି ଦର୍ଶନ ଥିଲା, ସୁନ୍ଦର ମୁହଁର ଜୟ ସବୁଠି । ଭୁବନେଶ୍ୱରରୁ ରାଉରକେଲା ଟ୍ରେନ ଯାତ୍ରାରେ ଏକ ତରୁଣୀ ଓ ତା'ର ପରିବାର ସହ ଦେଖାହେଲା । ରୂପ ଦୃଷ୍ଟିରୁ ବହୁ ବିପରୀତ ଶବ୍ଦମାନ ଆପେ ସୃଷ୍ଟି ହେଲା। କିନ୍ତୁ ସମୟ ବିତିବା ସହ ତା'ର ପ୍ରତିଶବ୍ଦମାନ ତିକ୍ତ ହେବା ପରିବର୍ତ୍ତେ, କ୍ରମେ ମଧୁର ହୋଇଉଠିଲା । କାରଣ, ମନରେ ଏକ ସୁଶୀଳ ଚିତ୍ର ଅଙ୍କିତ ହେଉଥିଲା । ସେହି ତରୁଣୀ ନିଜ ଆଞ୍ଚଳ ଠିକ କରିବାରେ, ଅହେତୁକ ଘର୍ମ ସୃଷ୍ଟିର ଉତ୍ସ ଖୋଜିବାରେ ସମୟ ବିତାଉନଥିଲା । ତା'ର କାବ୍ୟିକ ବିନ୍ୟାସ ପାଇଁ ଆଉ ଅଧିକ ଶବ୍ଦ ଆସିଲାନି । ପରନ୍ତୁ, ତା'ର ମର୍ମ ସ୍ୱରୂପ ଦେଖି ତାକୁ ଅସାଧାରଣ ମାନବୀ ରୂପରେ ଚିତ୍ରଣ କରିବାକୁ ତୀବ୍ର ଇଚ୍ଛା ହେଲା । ସେତେବେଳକୁ ଆଗର ତଳ ବର୍ଥରେ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରି ଜଣେ ବୟସ୍କା ମହିଳା ଶୋଇଥିଲେ । ଦେହରେ ଅତି ସାଧାରଣ ପୋଷାକ, ଗାଢ କୃଷ୍ଣ ବର୍ଣ୍ଣ, କୃଶାଙ୍ଗୀ, ଶରୀର ଯନ୍ତ୍ରଣାରେ କୁଞ୍ଚିତ । ଚକ୍ଷୁ କୋଟରଗତ, ଉଦର ସ୍ଫୀତ, ଲିଭର କାମ କରୁନି । ଭୁବନେଶ୍ୱରରେ ସବୁଠାରୁ ବଡ ବେସରକାରୀ ଡାକ୍ତରଖାନା ଫେରାଇଦେଇଛି । ଏବେ କିଛି ପ୍ରତୀକ୍ଷା, ଆଉ ହେବ ଯନ୍ତ୍ରଣାର ଅନ୍ତ । ଆମର ନମ୍ର କିନ୍ତୁ ତୀକ୍ଷଣ ଦୃଷ୍ଟି ଆଗରେ ଯନ୍ତ୍ରଣାଗ୍ରସ୍ତ ମହିଳାଙ୍କର ଚକ୍ଷୁ ଶୂନ୍ୟ ହୋଇଯାଉଥିଲା, ମୁଦିଯାଉଥିଲା । ପାଖରେ ବୃଦ୍ଧ ସ୍ୱାମୀ, ମଧ୍ୟ ବୟସ୍କ ପୁତ୍ର ଆଉ କନ୍ୟା, ସେହି ତରୁଣୀ । ତରୁଣୀଟି କେଇ ମୁହୂର୍ତ୍ତ ବା କେଇ ଦିନ ହେଉ ପଛେ, ମା'କୁ ଛାଡିପାରୁ ନଥିଲା । କେତେବେଳେ ମା'ର ଗୋଡ ସିଧା କରି ମୋଡି ଚାଲୁଥିଲା । ବୃଦ୍ଧାର ଗୋଡ କାଲୁଆ ମାରିଯାଉଛି । ସେ ମା'କୁ ମୋଟ କମ୍ବଳରେ ଘୋଡାଇଦେଉଛି । ରୋଗଗ୍ରସ୍ତ ଶରୀର ଆଉ ନିଜ ପାଇଁ ଉତ୍ତାପ ସୃଷ୍ଟି କରିପାରୁନାହିଁ । କେବେକେବେ ମା'କୁ ଆଉଁଷି ଦେଉଛି। ମା'ର କଡ ଲେଉଟାଇ ଦେଉଛି । ଅନେକ ଅନେକ ଦିନ ଖଟରେ ଶୋଇଥିବା ହେତୁ ପିଠିରେ କଷ୍ଟ ହେଉଥିବ । ଭଗବାନଙ୍କ କୃପାରୁ ପିଠିରେ ଘାଆ ହୋଇନାହିଁ । ମା'କୁ ସାମାନ୍ୟ ପାଣି ବା କିଛି ତରଳ ଦେଉଛି। ଏକ ଯନ୍ତ୍ରଣା ଜର୍ଜରିତ ରୋଗୀ ପାଇଁ ସାତ ଆଠ ଘଣ୍ଟା ମଧ୍ୟ ଲମ୍ବା ଯାତ୍ରା । ମହିଳାଙ୍କ ପାଇଁ ଦିବା ଶୟନ ମଧ୍ୟ କଷ୍ଟକର । ତରୁଣୀ ପାଖରେ ପାଖରେ ବୃଦ୍ଧ ପିତା ବସିଛନ୍ତି, କିନ୍ତୁ ମା'ର ସେବା କରିପାରୁନାହାନ୍ତି । କିଛି ସାମାନ୍ୟ କହି, ଟିକିଏ ଆଉଁଷି ଦେଇ, ପାଖରେ ଟିକିଏ ବସି ପୁଣି ଚାଲୁଛନ୍ତି । ଆଉ ଭାଇର ସିଟ ଦୂରରେ ଅଛି । ସେ ଖାଲି ବୁଲିଦେଇ ଚାଲିଯାଉଛି। ମା'ର ପ୍ରତି ମୁହୂର୍ତ୍ତରେ ସେବା ଦରକାର। ରୋଗୀ ମା'ଟି ଝରକାକୁ ଅନାଉଛି । ବାହାର ଦୃଶ୍ୟ କେତେ ସୁନ୍ଦର ଥିବ । ଡାକ୍ତଖାନାରେ ପଡିପଡି ମନ ଚିଟା ଧରିବଣି । ମା'ର ବସିବାର ଶକ୍ତି ନାହିଁ । ତରୁଣୀଟି ମା'କୁ ବସାଇଦେଇ ଭରା ଦେଉଛି । ମା' ତଳେ ପଡିନଯାଉ, ମା'କୁ ତିଳେମାତ୍ର ଅସୁବିଧା ନହେଉ । ଆମର ଅସରନ୍ତି ଗପମାଳାରେ ସେ କେବେ ସାମାନ୍ୟ ଯୋଗ ଦେଉଛି । କିନ୍ତୁ ତା'ର ଲକ୍ଷ୍ୟ ପୂର୍ଣ୍ଣ ଭାବେ ମା' ଉପରେ କେନ୍ଦ୍ରୀଭୂତ ଥିଲା । ସେବାର ପ୍ରତିମୂର୍ତ୍ତି , ମଧୁର ହସ ଆଉ କରୁଣାର ଦେହଧାରିଣୀ ସେହି ନିଷ୍ଠାବାନ ତରୁଣୀ ହଠାତ୍ ମୋ ଆଗରେ ଆଲୋକିତ, ନମସ୍ୟ ଏକ ନାରୀ ହୋଇଗଲା । ଭାବିଲି, ସଂସାରରେ ଅନେକ ବର୍ଣ୍ଣନା ପରେ ଏହି ନାରୀର ସ୍ୱରୂପ ଆଉ ଚିନ୍ତାଧାରା କ'ଣ ଭିନ୍ନ ଅଛି ? ଭାଇ କ'ଣ ପାଇଁ ମା'ର ସେବା କରୁନି ? ବାପ ଘରର ସବୁ ଅଧିକାର ଭାଇ ପାଇବ। ମା'ର ବେଶି ସେବା ଭାଇ କରିବା କଥା। ମା'କୁ ମା'ର ହାତ ଗୋଡକୁ ସାମାନ୍ୟ ମୋଡିବା କଥା । କିଛି କାମ ଅବଶ୍ୟ ଭାଇ କରିପାରିବନି, ମହିଳାମାନେ କରିବେ । କିନ୍ତୁ ସେତିକି ବି କରୁନି । ଆଉ ବାପା । ଜୀବନସାରା ମା'ର ହାତ ଧରିବାକୁ ବେଦୀରେ ଶପଥ ନେଇଥିଲେ । ନିର୍ବିକାର ପୁରୁଷ ହୋଇଯାଉଛନ୍ତି । ପୁରୁଷ କେବଳ ଶରୀର ସୁଖରେ ସାଥି, ଦୁଃଖ ଯନ୍ତ୍ରଣା ବେଳକୁ ବେକରେ ପଘା ନାହିଁ । ବାପ ଆଉ ଭାଇକୁ ଅନାଇ ସେ ଆମ ଭାବିବା ହିସାବରେ ମୁଣ୍ଡ ହଲାଇ ହିସାବ ବୋଧହୁଏ କରୁନଥିଲା । ତା' ମୁହଁ କୁଞ୍ଚିତ ହେଲାନି କି ଦୃଷ୍ଟିରେ ଉଗ୍ରତା ଆସିଲାନାହିଁ ସେ ନଅଟକି ହସହସ ମୁହଁରେ ଆଶା ବିନା ସେବା ଅର୍ପଣ କରୁଥିଲା । ରାସ୍ତାରେ ସେତେବେଳକୁ ଆଠ ଘଣ୍ଟା ବିତିଗଲାଣି। ଟ୍ରେନ ବିଳମ୍ବ ହୋଇଚାଲିଛି । ରାଉରକେଲା ଆଉ ଦୁଇ ଘଣ୍ଟା ଭଳି ସମୟ ଲାଗିବ । ଆମ ଦେଖା ଭିତରେ ସେହି ତରୁଣୀ ନିଜ ସେବାକର୍ମରୁ ସାମାନ୍ୟ ବିରତି ନେଇନି। ଆମେ ବାମରା ଷ୍ଟେସନରେ ଓହ୍ଲାଇଲା ପରେ ସରକାରୀ ଚାକିରିର ଅବଧି ଶେଷ କରି ଅଶୀତି ବର୍ଷରେ ପଦାର୍ପଣ କରିଥିବା ମିଶ୍ର ମହାଶୟଙ୍କୁ ପ୍ରଶ୍ନ ଥିଲା, ଆପଣଙ୍କ ଝିଅ ଏତେ ସେବା କରିବ ? ସାମାନ୍ୟ ପ୍ରଶ୍ନ । ତାଙ୍କ ମନରେ ସନ୍ଦେହ ହେଲା ବୋଧହୁଏ, ମୁହଁରେ କଳା ଛାଇ ବୁଲିଗଲା। ଏମିତି କିଛି ଅବସର ଆସିନି ଯେଉଁଠି ଝିଅ ମିଶ୍ର ମହାଶୟଙ୍କ ପାଖରେ ନମ୍ର ହୋଇ ଲମ୍ବା ସେବା କରିଛି । ବୋଧହୁଏ ଝିଅ ଏପରି ସେବା ସୁଚାରୁରୂପେ କରିବନି । ତା' ପାଇଁ ରଙ୍ଗର ଏକ ସମାଜ ଅଛି, ଆଉ ଶୀର୍ଣ୍ଣ ପିତା ପାଇଁ ଏତେ ସମୟ ଦେବା ହୁଏତ ସମ୍ଭବ ହେବନି । କଥାରେ ପଟ୍ଟନାୟକ ମହାଶୟ ଯୋଗଦେଲେ । ସେ ଆଉ ବର୍ଷେ ଦୁଇ ବର୍ଷରେ ଅବସର ନେବେ। ତାଙ୍କ ଝିଅ କେଉଁଠି ଉଚ୍ଚପଦସ୍ଥ ଅଧିକାରୀ, ଏକ ସୁଖଦ ସଂସାରର କର୍ତ୍ତ୍ରୀ। ତାଙ୍କର ଯଦି ଏମିତି ଅବସ୍ଥା ହୁଏ, ସତରେ କ'ଣ ଝିଅ ପାଖରେ ଠିଆହେବ ? ସମୟ ଆଉ ଲକ୍ଷ୍ୟର ରାସ୍ତାରେ ସେ କ'ଣ ବନ୍ଧନର ବ୍ୟାଖ୍ୟା ନକରି, ତାଙ୍କୁ ଆଶ୍ୱାସନା ଆଉ ସେବାର ପରଶ ଦେଇପାରିବ ? ବିଶ୍ୱାସ ଆସୁନି। ଜୀବନରେ ଅବଶ୍ୟ ଏମିତି ଅବସର ଆସିନି । ଝିଅର ତ୍ୟାଗର କିଛି ସ୍ୱଚ୍ଛ ଦର୍ଶନ ମଧ୍ୟ ମିଳିନି । ମନରେ ତେବେବି ପ୍ରଶ୍ନ ଆସିଲା, ଏହି ଯୌବନାବତୀ ତରୁଣୀ ନିଜକୁ ମନର ରୂପସୀ କରି ସଭିଙ୍କୁ ଯୌବନର ଛଟା କ'ଣ ପାଇଁ ଦେଖାଇଲା ନାହିଁ ? କଥାର ଚାତୁର୍ଯ୍ୟରେ ଅନ୍ୟକୁ ଭୂଲୁଣ୍ଠିତ କରି ମା'ର ଅସ୍ଥାବର ସମ୍ପତ୍ତିକୁ ନିଜର କରିବାକୁ ବୋଧହୁଏ ଭାବିଲା ନାହିଁ । ମନୁଷ୍ୟକୃତ ହୃଦୟହୀନ ବଳୟ ଭିତରେ ତଥାପି କରୁଣାଧାରିଣୀମାନେ ରହିଛନ୍ତି। ଭାବିଲୁ, ଟ୍ରେନର ସେହି ସେବାକାରିଣୀ ତରୁଣୀକୁ ଆଗକୁ ଆମେ ସମସ୍ତେ କି ରୂପ ଦେବୁ ? ଏକ ମହିୟସୀ ମହିଳା, ବା ଏକ ସାଧାରଣ ନାରୀ କେବଳ ? କାବ୍ୟିକ ଛଟା ମନରେ କେବଳ ଏକ ରୂପସୀ ସୃଷ୍ଟି କରିବାକୁ ଉଦ୍ଦିଷ୍ଟ । ବିନା ସେବା ଭାବ, ସମବେଦନା ରହିତ ରୂପସୀ ଯେ ରୂପହୀନା । ସେହି ଲାସ୍ୟମୟୀ, ଛନ୍ଦମୟୀ କେବଳ ସର୍କସର ଏକ ଉଚ୍ଚ ଅଶ୍ୱ । ମାନସୀ, କେବଳ ଏକ ମରୁଭୂମିରେ ମରିଚିକା, ମାୟା । ନାରୀର କାଳୀରୂପ ମଧ୍ୟ ଭୟ ଉଦ୍ରେକକାରୀ । ସାଧାରଣ ସଂସାରରେ ସବୁବେଳେ ଆବଶ୍ୟକ ନାହିଁ । ନାରୀର ଏକ ଦେବୀ ରୂପ ତେବେ ଫୁଟିଉଠିଲା। ସେ ପ୍ରଶଂସା ପାଇଁ ଅପେକ୍ଷା କରୁନି, ତୋଷାମଦ ପାଇଁ ବିଳମ୍ବ କରୁନି। ମୁଖମଣ୍ଡଳରେ ପ୍ରକୃତିଦତ୍ତ ଦୟାର ଭାବ। ହୃଦୟରୁ ବହିଚାଲିଛି କରୁଣାର ଅବିରତ ବାରି । ମନୁଷ୍ୟତ୍ୱର ଏକ ସାକ୍ଷାତ ମୂର୍ତ୍ତି । ସମାଜ ଏକ ତ୍ୟାଗର ମୂର୍ତ୍ତି, ଦୟାର ପ୍ରତିମା ଚାହେଁ, ରୂପ ଗରବିଣୀ, ସମୟ ଡାକୁଣୀ ନୁହେଁ । କଷ୍ଟରେ କରୁଣାର ଆବଶ୍ୟକ ଅଛି । ତାହା କାର୍ଯ୍ୟରେ ରୂପାନ୍ତରିତ ହେଉ, କେବଳ ବଚନରେ ନୁହେଁ । ଆମର ଚାରିପାଖରେ ଭାଷଣର ପାରାବାରରେ ଦିଗ ରହୁନାହିଁ । ଦିଗ ପାଇଁ ଦୃଢ ତରୀର ଆବଶ୍ୟକ ଅଛି, ଦୃଷ୍ଟାନ୍ତମାନ ଆମେ ଭୁଲି ସାରିଲୁଣି । ତଥାପି, ତା'ର ଏହି ବ୍ୟବହାରକୁ କେହି ଦୁର୍ବଳ ନାରୀ ରୂପରେ ଚିତ୍ରିତ କରିବେ । ଦୟାଧାତ୍ରୀ ନାରୀର ସେବାକାରୀଣୀ ରୂପ ଅବସନ୍ନ ସଂସାର ସାଗରର ସ୍ୱଚ୍ଛ ବତିଘର, ଦୁର୍ବଳତାର ଅନ୍ଧକାର ନୁହେଁ। ମନୁଷ୍ୟର ବ୍ୟାଧି ହରିହେବ ନାହିଁ, କିନ୍ତୁ କରୁଣାସିକ୍ତ ହସ୍ତର ନରମ ସ୍ପର୍ଶ ଯନ୍ତ୍ରଣାକୁ ଲାଘବ କରିବ ନିଶ୍ଚୟ । ଆସନ୍ନ ମୃତ୍ୟୁ ଆଗରେ ସମସ୍ତେ ଅସହାୟ । କିନ୍ତୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରାକୁ ଯଥାସମ୍ଭବ ଯନ୍ତ୍ରଣାରହିତ କରିବାକୁ କାହିଁକି ବହୁ କ୍ଷେତ୍ରରେ ଅବସର ରୁହେନାହିଁ ? ଶେଷରେ ସେହି ତରୁଣୀ ଆମ ପାଇଁ ଦେବୀର ରୂପ ନେଇଥିଲା । ବିଶ୍ୱାସ ଆସୁଥିଲା, ସଂସାରରେ ଏମିତି କରୁଣାମୟୀ ମହିଳାମାନେ ତଥାପି ରହିଛନ୍ତି, ରହିବେ ମଧ୍ୟ । ସେମାନେ ମହୀୟସୀ, ଅତିମାନବୀ କିଛିଙ୍କ ମନରେ, କାହା ବର୍ଣ୍ଣିତ ଚିତ୍ର ରୂପରେ ନୁହେଁ, ବର୍ତ୍ତମାନରେ ମୂର୍ତ୍ତିମନ୍ତ ହୋଇ ପ୍ରତୀତ ହେଉଥିଲା, ମଣିଷର ସଂସାରରେ, କେବଳ ବେଗ ଯାତ୍ରା ଆଉ ଲୋକାଚାରର ଫଳକକୁ ଲକ୍ଷ୍ୟରେ ନରଖି ତଥାପି ବି ସହଯାତ୍ରୀ ଅଛନ୍ତି । ବାଟରେ ଅଟକିଯାଇ, ନିରଳସ ହୋଇ ହାତ ବଢାଉଥିବା ବ୍ୟକ୍ତି ସମାଜ ପାଇଁ ବେଶି ଆବଶ୍ୟକ। ଏମିତି ଅପରିଚିତା ମହିଳା ଯେଉଁଠାରେ ରୁହନ୍ତୁ, ସବୁବେଳେ ପ୍ରଶଂସାର ଯୋଗ୍ୟ । ଏକ ଛୋଟ ଦୁନିଆରେ ସେମାନେ ଦେବୀ ରୂପରେ ସଦା ଆବିର୍ଭୂତ ହୋଇଚାଲିଛନ୍ତି।

# ବିପ୍ଳବୀ ଭଗତ ସିଂ



**ଅକ୍ଷୟ କୁମାର ରାଉତ**
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫.

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୂନ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତ୍ତି। ଦେଶପ୍ରେମ ଏକ ଦିବ୍ୟ ଚେତନା। ଯେଉଁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ। ୧୯୦୭ ମସିହା ସେପ୍ଟେମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତ୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ। ଭଗତ୍ ସିଂ ଜେଜେବାପା ଅର୍ଜୁର୍ନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ। ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା। ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ। ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ। ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ। ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ। ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା। ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ। ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ। ସେ କହୁଥିଲେ ' ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ। ଏହି କଲେଜର ଉଦ୍ଦେଶ୍ୟ ଥିଲା। ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ। ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ। ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା। ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା। ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା। ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା। ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି ' କୃଷ୍ଣ ବିଜୟ' ନାମରେ ଏକ ନାଟକ



ଅଭିନୟ କଲେ। ଏହି ନିଟକରେ ଇଂରଜେମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା। ଏହି ନାଟକଟି ସରକାରଙ୍କ ବିରୋଧି ହେଲା। ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ। ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣୀରେ ନାମ ଲେଖାଇଲେ। ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚ୍ଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ। ଶଚ୍ଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି। ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଛେଦ ପଡିଲା। ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ଥ କରିଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ। ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ। ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି। ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ। ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ। ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ। କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକୁ ଚିଠି ଲେଖିଲେ। ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ କରାଯିବ ନାହିଁ। ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ। ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ। ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା। ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଥିଲା। ସତେ କଣ ମଣୀକାଞ୍ଚନର ଅପୂର୍ବ ମିଳନ ଘଟିଲା। ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ। ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା। ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ। ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ। ତାଙ୍କର ପଇସାର ଅଭାବ ନଥିଲା। ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ। ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ। ୧୯୨୮ମସିହାରେ "ସାଇମନ କମିଶନ" ଭାରତ ଆସିଥିଲେ। ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ। ଭାରତୀୟମାନେ ଏହାକୁ ବିରୋଧ କଲେ। ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ। ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ। ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ। ଦେଶରେ ଶୋକର ଛାୟା ଖେଳିଗଲା। ଭଗତ୍ ସିଂ କାନ୍ଦି ଉଠିଲେ। ପ୍ରତିଶୋଧ ନେବା ପାଇଁ " ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲକାନ୍ ଆର୍ମି " ନାମକ ଏକ ସଙ୍ଗଠନ ଗଢାହେଲା। ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ,ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଳବୀ ଯୋଗଦେଲେ।୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଲକୁ ହତ୍ୟା କରାଗଲା। ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ। ରାଜଗୁର, ସୁଖଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ। ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତ ହେଲା। ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ। ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ। ବିପ୍ଳବୀମାନଙ୍କ "ଇନ୍‌କିଲାବ ଜିନ୍ଦାବାଦ୍" ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା। ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ। ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର। ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ। ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା। ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ। ୧୯୩୧ ମସିହା ମାର୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ। ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ " ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ। ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ। " ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ। ଭଗତ୍ ସିଂ କହିଲେ-" ମାଜଷ୍ଟ୍ରେଟ ସାହେବ। ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି। ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ। ଫାଶୀ ଦଉଡିକୁ ଚୁମ୍ବନଦେଇ କହିଲେ "ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ" । ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ " ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ" । ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ। ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ। ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ। ଭଗତ୍ ସିଂ ମରି ମଧ ଆଜି ଅମର, ଆଜି ଭାରତର ମାଟି, ପାଣି ,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ।

# ସ୍ୱାଧୀନତା ଦିବସ କେବଳ ଗୋଟିଏ ମୁଖ ରୋଚକ ଶବ୍ଦଟିଏ ମାତ୍ର ! (୪)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏହି ଦୁଇ ମହାନ୍ ନେତାଙ୍କ ଭଳି ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ଆତ୍ମ ବଳିଦାନରେ ୧୫ ଅଗଷ୍ଟ ୧୯୪୭ ମସିହାରେ ଆମେ ହେଲୁ ସ୍ୱାଧୀନ । ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ବର୍ବରୋଚିତ ମାନସିକତାରେ ବ୍ରିଟିଶ ଶାସକମାନେ ହତ୍ୟା କରିଛନ୍ତି, ଯେଉଁ ରକ୍ତାକ୍ତ ଇତିହାସକୁ ବଖାଣିଲେ କୋଟି କୋଟି ଭାରତୀୟଙ୍କ ଆଖିରୁ ଆଜିବି ଅବାରିତ ଢଙ୍ଗରେ ଲୁହର ବନ୍ୟା ବହିଯିବ । ବଡ ବିଚିତ୍ର ପରିସ୍ଥିତି ସୃଷ୍ଟି ହେବାକୁ ଯାଇଥିଲା ସ୍ୱାଧୀନତା ସଂଗ୍ରାମର ଆଦ୍ୟ ସୋପାନରୁ। ସମ୍ଭବତଃ ପ୍ରାୟ ୨୧ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନେଇ ଗଠିତ ହୋଇଥିବା ଜାତୀୟ କଂଗ୍ରେସର ସଭାପତି (୧୮୮୫) ଉମେଶ ଚନ୍ଦ୍ର ବାନାର୍ଜୀ ତାଙ୍କ ଅଭିଭାଷଣରେ କହିଥିଲେ ଆମର ଏ ସମାବେଶ ବ୍ରିଟିଶ ଶାସନ ତଳେ ସମ୍ଭବପର ହୋଇଥାନ୍ତା । ତତ୍କାଳୀନ ଭାଇସରାୟ କଂଗ୍ରେସର ତୃତୀୟ ଅଧିବେଶନରେ ଯୋଗ ଦେଇଥିବା ସଦସ୍ୟମାନଙ୍କର ମାନସିକତାକୁ ଲକ୍ଷକରି ଏକ ଭୋଜିକୁ ନିମନ୍ତ୍ରଣ କରି ସନ୍ତୁଷ୍ଟ କରିଥିଲେ । ଧୀରେ ଧୀରେ ଏହି ଉଦ୍‌ବେଳନ କ୍ରମରେ ବ୍ରିଟିଶ ଶାସକଙ୍କ ବାହୁଛାୟା ତଳେ ନିୟନ୍ତ୍ରିତ ହେଉଥିବା ଜାତୀୟ କଂଗ୍ରେସର ସ୍ୱର୍ଦ୍ଧିତ ମାନସିକତାକୁ ଭଲ ଭାବେ ଅନୁଶୀଳନ କରି ଭାଇସରାୟ ଏଲ୍‌ଗିନ୍‌ଙ୍କ ଆହ୍ୱାନ ରହିଲା (୧୮୯୮ରୁ ୧୮୯୯) ତରବାରୀ ଯୋଗେ ବିଜିତ ଭାରତବର୍ଷ ସେହି ଶାଣିତ ଅସ୍ତ୍ରଦ୍ୱାରା ବଶୀଭୂତ ରହିବ । ଏହି ଔଦ୍ଧତ୍ୟ ଅହଂକାରୀ ଅଭିବ୍ୟକ୍ତି ଏବଂ ପରବର୍ତ୍ତୀ ଭାଇସରାୟ(୧୮୯୯ରୁ୧୯୦୫) ଲର୍ଡ କର୍ଜନଙ୍କ କ୍ରୁର ଶାସନବାଦୀ ବକ୍ତବ୍ୟ ଭାରତୀୟଙ୍କ ପାଇଁ ଆଦର୍ଶ ନଥିଲା । ଏହିଭଳି ନିର୍ମମ ଅଭିବ୍ୟକ୍ତିକୁ ମଧ୍ୟ ଭାରତୀୟ ନେତୃମଣ୍ଡଳି ହଜମ କରିପାରିଲେ ନାହିଁ । ନିର୍ମମ ଅଭିବ୍ୟକ୍ତିକୁ ମଧ୍ୟ ଭାରତୀୟ ନେତୃମଣ୍ଡଳି ହଜମ କରିପାରିଲେ ନାହିଁ। ଢାକା ମହାନଗରୀ ମଧ୍ୟରେ ଆଦୃତ ଏକ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେଇ ତତ୍କାଳୀନ ଗଭର୍ଣ୍ଣର କହିଲେ ମୋର ଦୁଇଜଣ ପତ୍ନୀ ଜଣେ ହିନ୍ଦୁ ଆଉ ଜଣେ ହେଲେ ମୁସଲମାନ । ଏହି ଦୁଇ ଜଣଙ୍କ ମଧ୍ୟରୁ ମୋର ଗଭୀର ଆସକ୍ତି ରହିଛି ମୁସଲମାନ ପତ୍ନୀଙ୍କ ଉପରେ। ସାମ୍ପ୍ରଦାୟିକତାର ଭୟାବହ ବିଷ ମଞ୍ଜିକୁ ଏହିଠାରୁ ରୋପଣ କରାଗଲା ଗୋଟାଏ ବିଶାଳ ମହାଭାରତୀୟ ଜାତିର ମାନସିକତାରେ । ବ୍ରିଟିଶ୍ ଶାସକଙ୍କର ଏହି କଦର୍ଯ୍ୟ ଓ ଅଶାଳୀନ ଶବ୍ଦରୁ ଆରମ୍ଭ ହେଲା ତତ୍କାଳୀନ କଂଗ୍ରେସରେ ଥିବା ସମସ୍ତ ସଦସ୍ୟମାନଙ୍କ ଭିତରେ ଗୋଟାଏ ଗୁଞ୍ଜରଣ ପରିବେଷ୍ଟିତ ବୈପ୍ଳବିକ ଆଲୋଡନ, ଯାହାକୁ ଆଧାର କରି ଭାରତରେ ଜାଗି ଉଠିଥିଲା ସ୍ୱାଭିମାନ ଭରା ଜାତୀୟ ପ୍ରୀତି ଓ ବ୍ରିଟିଶ୍ ଶାସକମାନଙ୍କ ପ୍ରତି ଘୃଣିତ ମାନସିକତା।

ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଅଗ୍ନି ସ୍ଫୁଲିଙ୍ଗ ଉଦ୍‌ଭାସିତ ହେବାବେଳକୁ ନେତୃତ୍ୱର ଆଦ୍ୟ କର୍ଣ୍ଣଧାର ହେଲେ ଶ୍ରୀ ଅରବିନ୍ଦ। ବିପିନ ଚନ୍ଦ୍ର ପାଲ ଓ ଲାଲା ଲଜପତରାୟ ପର୍ଯ୍ୟାୟକ୍ରମେ ସ୍ୱାଧୀନତା ଆନ୍ଦୋଳନର ଶାଖା ପ୍ରଶାଖା ହୋଇ ଯେତେବେଳେ ଅସୁମାରୀ ଭାରତୀୟ ବାଧ୍ୟ ହୋଇ ବିଦ୍ରୋହକୁ ଅନୁସରଣ କଲେ ସେତେବେଳେ କିନ୍ତୁ ଏହି ସାମ୍ପ୍ରଦାୟିକ ବିଭେଦ ସଂସ୍କୃତିଟି ଧୀରେ ଧୀରେ ମଳିନ ପଡିଯାଇ ଥିଲେ ବି କେତେକ ଏହାକୁ ମନ ଭିତରୁ ଅପସରଣ କରିପାରିନଥିଲେ । ତେବେ ଯାହାହେଉ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ କାହାପ୍ରତି କାହାର ଘୃଣାବୋଧ ପ୍ରାୟ ନଥିଲା। ସମସ୍ତେ ଏକତାବଦ୍ଧ ସୂତ୍ରରେ ବାନ୍ଧି ହୋଇଯାଇ ଭାରତମାତାର ମୁକ୍ତିପାଇଁ ହୋଇଯାଇଥିଲେ ପାଗଳ। କିନ୍ତୁ ଭାଗ୍ୟର ବିଡମ୍ବନା ସାଂପ୍ରଦାୟିକ ଶକ୍ତିର ନିର୍ବାପିତ ଭସ୍ମର ଉପତ୍ୟକା ଭିତରେ କେଉଁଠି ଏକ ସୁପ୍ତ ଅଗ୍ନୀ କଣିକାଟିଏ ଧୀରେ ଧୀରେ ଜୀବନ୍ତ ହୋଇ ଉଠିଲା। ଗୋଟାଏ ନିର୍ଲଜ ଭାବାବେଗ ମଧ୍ୟରୁ, ଯାହାକି ଅତ୍ୟନ୍ତ ବିସ୍ଫୋରଣାତ୍ମକ ପରିସ୍ଥିତି ସୃଷ୍ଟି କଲା। ବିଶ୍ୱ ଇତିହାସରେ ଭାରତ ବର୍ଷର ମୁକ୍ତି ସଂଗ୍ରାମ ଯେତିକି ଚର୍ଚ୍ଚିତ ଠିକ୍ ସେହି ପରିମାଣରେ ଅନ୍ତିମ ଭାଗ ସବୁଠାରୁ ନିର୍ମମ, ନିନ୍ଦିତ ଓ ବିବିଧ ରକ୍ତପାତରେ ଅଶ୍ରୁସିକ୍ତ । ଏଭଳି ରକ୍ତପାତ ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ନିମନ୍ତେ ଅଗଣିତ ମଣିଷ ପୈଶାଚିକ ପ୍ରବୃତ୍ତିରେ ପ୍ରଲୁବ୍ଧ ହୋଇ ଲକ୍ଷଲକ୍ଷ ସରଳ, ନିରୀହ, ନିଷ୍ପାପ ମଣିଷକୁ ହତ୍ୟା କରିବା, ଦୁଷ୍କର୍ମ କରିବା, ନିରୀହ ଶିଶୁମାନଙ୍କର ଆଖିକୁ ଫୁଟାଇ ହତ୍ୟା କରି ରାସ୍ତାରେ ଫିଙ୍ଗି ଦେବା ଭଳି ହୃଦୟ ବିଦାରକ ଘଟଣା ସମ୍ଭବତଃ ବିଶ୍ୱ ସ୍ୱାଧୀନତା ଇତିହାସରେ ବିରଳ। ଏହି ସାଂପ୍ରଦାୟିକ ବିଭତ୍ସ ଗଣହତ୍ୟାର କେନ୍ଦ୍ରସ୍ଥଳ ଥିଲେ ମହମ୍ମଦ ଅଲିଜିନ୍ନା । କ୍ଷମତାର ଶୀର୍ଷ ସ୍ଥାନ ହାସଲ କରିବା ପାଇଁ ମଣିଷ କିପରି ଦେଶ ପ୍ରେମୀର ଖୋଳପାରେ ଆବୃତ ହେବାପରେ ଏତେବଡ ଜଘନ୍ୟ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ସୃଷ୍ଟି କରେ, ତାହା ଜିନ୍ନାଙ୍କଠାରୁ ଶିଖାଯାଇପାରେ। (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସ୍ୱାଭିମାନ

**ସତ୍ୟନାରାୟଣ ପ୍ରଧାନ**

ଜୀବନରେ ଭଲ ପାଇବା ଜାଣି ନ ଥିବା ଖିଆଲି ମନରେ ଅଚାନକ ପ୍ରେମର ପହିଲି ପୁଲକ ପ୍ରବେଶ କରିଥିଲା ତାହା ପୁଣି ସାଙ୍ଗ ମାନଙ୍କ ମିଛ ଥଟ୍ଟା କଥାକୁ ନେଇ ଯାହାକୁ ସେ ସତ ବୋଲି ଭାବି ନେଇଥିଲା । କେଇ ପଦ ମିଛ କଥା ପ୍ରକାଶ ମନରେ ଆଙ୍କିଥିଲା ଭଲ ପାଇବାର ଇନ୍ଦ୍ରଧନୁ ରଙ୍ଗ। ଜୀବନରେ ଭଲ ପାଇବାକୁ ଘୃଣା କରୁଥିବା ଯୁବକ ମାଉସୀ ଘର ଯିବା ବାଟରେ ପ୍ରିୟାକୁ ଦେଖେ। ନିଜର ଇଚ୍ଛା ଥାଏ ଅନେକ କିଛି କହି ଦେବାକୁ କାଳେ ସେ ଖରାପ ଭାବିବ ବୋଲି ଚୁପ ରହିବାକୁ ବାଛି ନେଇଥିଲା। ଏଥର ସବୁଦିନ ମାଉସୀ ଘରକୁ ବୁଲି ଯିବା ତାର ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । ନିଜର ପାଠ ପଢା ଭୁଲି କେବଳ ଭଲ ପାଏ ବୋଲି କହିବାକୁ ପାଗଳ ପାଲଟି ଯାଇଥିଲା। ମାଉସୀ ଘର ଆଖ ପାଖ ଲୋକ ସନ୍ଦେହ କରୁଥିଲେ ସେ କାହିଁକି ସବୁବେଳେ ଆସୁଛି ବୋଲି। ଧୀରେ ଧୀରେ ପ୍ରଚାର ହୋଇ ଯାଇଥିଲା ଆକାଶ ପ୍ରିୟାକୁ ଭଲ ପାଏ । ମାଉସୀ ଏ କଥା ଗାଁ ଗଣ୍ଡାରୁ ଜାଣି ପାଠରେ ଧ୍ୟାନ ଦେ ବୋଲି କହୁଥିଲା । ଆକାଶ ନିଜର ମନକଥା କହିବ ବୋଲି ବ୍ୟାକୁଳ ହୋଇ ପଡିଲା। ପ୍ରିୟାର ଘର ଟେଲିଫୋନ ନମ୍ବର ତା ମାଉସୀ ଝିଅର ସେ ସାଙ୍ଗ ହୋଇ ଥିବାରୁ କେତେ ରାଣ ନିୟମ ପକାଇ ତା ଠାରୁ ଯୋଗାଡ଼ କରିଥିଲା । କେବେ କୌଣସି ଝିଅ ସହିତ ଆଗରୁ କଥା ହୋଇ ନ ଥିବାରୁ ସେ ମନରେ ସାହସ ବାନ୍ଧି ଫୋନ୍ କରି କଥା ହୋଇ ନିଜର ପରିଚୟ ଦେଲା । ଭଲ ପାଏ ବୋଲି ଖୋଲି କହି ଦେଇଥିଲା। ପ୍ରିୟା ତା ବାପାଙ୍କର ସ୍ୱାଭିମାନ ଅଛି ଏପରି କେବେ କରି ପାରିବ ନାହିଁ ବୋଲି କହି ଦେଇଥିଲା । ପ୍ରକାଶ ବନ୍ଧୁଟିଏ ହୋଇ କଥା ହେବାର ପ୍ରସ୍ତାବ ଦେଇଥିଲା । ଏତେ ଦିନ ଧରି ପଛରେ ପଡିଥିବାରୁ ଶେଷରେ ପ୍ରିୟା ବନ୍ଧୁତାକୁ ସ୍ୱୀକାର କରିଥିଲା । ପ୍ରକାଶ କଥା ହେବାରୁ ମନ ତାର ପକ୍ଷୀ ପରି ଖୋଲା ଆକାଶରେ ଉଡି ବୁଲୁଥିଲା । ତାକୁ ଯିଏ ଯାହା ସାଙ୍ଗସାଥୀ ପଚାରିଲେ ସବୁ କଥା ଗୁପ୍ତ ନ ରଖି ଖୋଲି କହି ଦେଇଥିଲା। ସେ ଜୀବନରେ ଭଲ ପାଇବାର ମାନେ କି ଛଳନା କ'ଣ ଜାଣି ନ ଥିଲା । ସେ ଦୁହେଁ କଥା ହେବାର ଦିନ କେଇଟା ଯାଇନାହିଁ ପ୍ରିୟା ପ୍ରକାଶକୁ ଗୋଟେ ଫଟୋ ଆଣି ଦେବ ବୋଲି ହସି କହିଥିଲା । ପ୍ରକାଶ ନିଜର ଫଟୋ ଦେବା ସହିତ ଉପହାର କିଣି ଦେବ ବୋଲି ମନରେ ଚିନ୍ତା କରିଥିଲା । ସେମାନଙ୍କ ଭିତରେ କଥାବାର୍ତ୍ତା ଚାଲିଛି ବୋଲି ପ୍ରିୟାର ସାନ ଭଉଣୀ ଅନ୍ୟ ମାନଙ୍କ ଠାରୁ ଶୁଣିବାକୁ ପାଇଥିଲା । ଭଲ ପାଇବାକୁ ହାଟ ବଜାରରେ ନିଲାମ କରୁଥିବା ପୁଅ ସହିତ କଥା ହେବାର କୌଣସି ଆବଶ୍ୟକ ନାହିଁ ବୋଲି ସେ ତାର ବଡ଼ ଭଉଣୀକୁ କହିବାରୁ ଗଢ଼ି ଉଠିଥିବା ପ୍ରେମର ସୌଧ ଭାଙ୍ଗି ରୁଜି ଛାରଖାର ହୋଇ ଯାଇଥିଲା । ପ୍ରକାଶ ନିଜ ଜାଣିବା ହେଉ କି ଅଜାଣତରେ ହୋଇ ଯାଇଥିବା ଭୁଲ ପାଇଁ କେବଳ ଥରେ କ୍ଷମା କରି ଦେବାର ସୁଯୋଗ ତାକୁ ମିଳି ପାରୁ ନ ଥିଲା । ସେ ନିଜ ଭୁଲ ପାଇଁ କ୍ଷମା ମାଗିବା ସହିତ ତାର ପ୍ରାୟଶ୍ଚିତ କରିବାକୁ ନିଜ ମାଉସୀ ଝିଅକୁ ଟିକେ କଥା କରାଇ ଦେବା ଲାଗି ବିକଳ ହୋଇ କହିଥିଲା । ସେ କିନ୍ତୁ ପ୍ରଥମ ହେଉ କି ଶେଷ ଥର ପାଇଁ କ୍ଷମା ନ କରି ସବୁଦିନ ପାଇଁ ଦୂରେଇ ଯାଇଥିଲା । ପାଠ ପଢ଼ା ପରେ ପ୍ରକାଶ ସରକାରୀ ଚାକିରିଟିଏ ପାଇଲା। କାଳେ ତାର ମନ ବଦଳି ଯାଇଥିବ ଭାବି ସେଇ ନମ୍ବରକୁ ଫୋନ୍ କରିଥିଲା । ପ୍ରିୟା ଫୋନ୍ ନ ଉଠାଇ ତା ସାନ ଭଉଣୀ ଫୋନ୍ ଉଠାଇ ମୋ ଭଉଣୀ ତୁମ ସହିତ କଥା ହେବନାହିଁ କି ଭଲ ପାଇ ବିବାହ କରିବ ନାହିଁ କହି ଫୋନ୍ କାଟି ଦେଇଥିଲା । ପ୍ରକାଶ ନିଜ ଆଡୁ ଛୋଟ ହୋଇଯିବ ଭାବି କେବେ ଆଉ ଫୋନ୍ କରିବ ନାହିଁ ବୋଲି ମନକୁ ବୁଝାଇ ଦେଇଥିଲା। ପ୍ରିୟାର ଯେଉଁଦିନ ବାହାଘର ଥିଲା ତାର ଅଫିସ ଛୁଟି ଥିଲେ ମଧ୍ୟ ସେ ଘରକୁ ନ ଆସି ବାହାରେ ରହି ଯାଇଥିଲା। ପ୍ରିୟାର ସାନ ଭଉଣୀ ଆସିଥିବା ବରଯାତ୍ରୀଙ୍କ ଭିତରୁ ଜଣଙ୍କ ସହିତ ମୋବାଇଲରେ କଥା ହୋଇ ଶେଷରେ ତାକୁ ବିବାହ କରିଥିଲା । ପ୍ରକାଶ ଏ ସବୁ ପଛରେ ଜାଣିଲା ଯେ ପ୍ରିୟା ଯେଉଁ ପୁଅକୁ ବିବାହ କରିଥିଲା ସେ ଆଉ କାହାକୁ ଭଲ ପାଉଥିଲା କେବଳ ଯୌତୁକ ଦେବା ନେବା ପାଇଁ ବିବାହ କାର୍ଯ୍ୟ ଅଟକି ଯାଇଥିଲା । କେବେ ଦେଖା ହେଲେ ସେ ଦୁଇ ଭଉଣୀଙ୍କୁ ନିଶ୍ଚୟ ପଚାରିବ ଜଣେ ଭଲ ପାଇ ବିବାହ କଲା ଆଉ ଜଣେ ଆଗରୁ ଅନ୍ୟ ଝିଅକୁ ଭଲ ପାଉଥିବା ପୁଅକୁ ବିବାହ କଲା ବେଳେ ସେମାନଙ୍କ ସ୍ୱାଭିମାନ କୁଆଡ଼େ ଯାଇଥିଲା । ଥରେ ଗାଁ ଯାତ୍ରାରେ ସେମାନଙ୍କ ସହିତ ଯିବା ଆସିବା କଲାବେଳେ ଦେଖା ହୋଇଗଲା ଇଚ୍ଛା ଥିଲା ସେଇ ସ୍ୱାଭିମାନ କଥା ପଚାରିବ ବୋଲି କିନ୍ତୁ ନିଜର ସ୍ୱାଭିମାନ ପାଇଁ ସେ ଜାଗା ଛାଡି ଅନ୍ୟ ପଟକୁ ଚାଲିଗଲା ।।

ଅଣ୍ଡିଆ,
ଯାଜପୁର,
୯୧୭୮୩୧୩୬୪୪

# ଭୋକ

**ସୁନନ୍ଦା ମହାନ୍ତି**

ଲେଖିକା ବା କବୟିତ୍ରୀ ହିସାବରେ ମତେ କିଏ ଗଣୁ ବା ନଗଣୁ ନିଜେ ନିଜକୁ ଗଣି ଗଣି ବାଟ ଚାଲିଲା ବେଳେ ମୋ ଆଖିରେ ସୃଷ୍ଟିକର ଏତେ ସବୁ ଖରାପ କଥା ନଜରରେ ଏତେ ପଡେ କାହିଁକି କେଜାଣି ! ଏଇ ଯେମିତି ଦେଖେ ଏବେବେ ଘା ହୋଇ ଥିବା କୁକୁରଟି ଜମିଥିବା ବର୍ଷା ପାଣି ମୁହଁ ଚାଟି ଚାଟି ପାଣି ପିଉଥିବା ବେଳେ ମୋ ହୃଦୟ ଫାଟି ଯାଏ। ମୁଁ ଦୁଇଟା ବରା କିଣି ତା ଆଡ଼କୁ ଫୋପାଡିବାକୁ ଚାହିଁ ବି ପାରେନା କାରଣ ଫୁଙ୍ଗୁଳା ଶରୀର ନୁଖୁରା ବଢ଼ିଆସିଥିବା ଚୁଟି ସହିତ ରୁଗ୍ଣ ଲୋକଟା ପିଞ୍ଜରା ହାଡ଼ ଗଣି ହେଇଯାଉଥିବା ଶରୀରର ଭୋକ ପେଟକୁ ଆଉଁସୁ ଥାଏ ସେତେବେଳକୁ। ଯନ୍ତ୍ରଣାରେ ମୋ ଛାତି ଚିରି ହୋଇଗଲା ବେଳେ ଭାବନା ଭିତରକୁ ଧସେଇ ଆସେ ଦୁର୍ଭାବନା ଅନେକ। ତ ମୁଁ କବିତା ଲେଖେ ଓ ଗପର ଚରିତ୍ର ପାଇଁ ସେହି ସବୁ ବିଶେଷ ଓ ବିଶେଷଣ ଥିବା ମଣିଷ ବା ପଶୁ, ପକ୍ଷୀ ବା ଗଛକୁ ତାଲିକାଭୁକ୍ତ କରୁଥାଏ ସ୍ଥାନ, କାଳ, ପାତ୍ର ଅନୁଯାୟୀ। ତା ଭିତରେ ପୁଅ ଜନ୍ମ କରିଥିବା ମାଆ ବାପାଙ୍କ ଆଖିର ଚମକ ଭିତରେ ମତେ ଦେଖାଯାଉଥାଏ ଏଇ ରୁଗ୍ଣ, ଅସହାୟ ଲୋକଟା ମଧ୍ୟ ଦିନେ କୋଉ ବାପା ମାଆଙ୍କ ସ୍ୱପ୍ନ ସାର୍ଥକ କରି କୋଳ ମଣ୍ଡନ କଲାବେଳେ ତାକୁ ନେଇ କେତେ ସ୍ୱପ୍ନ ଦେଖିଥିବେ ସେମାନେ। ଝିଅ ନୁହଁ ବରଂ ପୁଅ ହୋଇଛି ଖୁସିରେ କିଛି ନହେଲେ ହାତ ଯୋଡୁଥିବେ ସେହି ଐଶ୍ୱର୍ଗୀକ ସର୍ବ ଶକ୍ତିମାନଙ୍କ ଉଦେଶ୍ୟରେ. ବାପା ମାଆ ଜନ୍ମ ଦେଇଥାଆନ୍ତି କିନ୍ତୁ କର୍ମ ନୁହଁ ନ୍ୟାୟରେ କୋଉଠି ପାଗଳ, କୋଉଠି ରୋଗୀ କୋଉଠି ମାନସିକ ରୋଗୀ, ଶାରୀରିକ ବିକଳାଙ୍ଗ ପୁରୁଷମାନେ କାହିଁକି ଯେ ପଥରେ ପଥିକ ହୋଇ ରାସ୍ତାରେ ଦେଖାଯାଆନ୍ତି ମୋ ଆଖିକୁ ବୁଝିପାରେନି ମୁଁ। ଲେଖିଦିଏ ମନରେ ଶାନ୍ତି ଆସିବା ଯାଏଁ। ଏଇ ଖାଲ ଖମା ତଥା ଆବର୍ଜ୍ଜନା ପୂର୍ଣ୍ଣ ରାସ୍ତାରେ ଚାଲିବା ବନ୍ଦ କରିଦେଲେ ବି ଗାଁରେ ଉଦୟଭାନୁଙ୍କୁ ଜନ୍ମ ରୁ ଜାଣେ ମୁଁ । ଉଦୟଭାନୁ ନାମ ଦେଇ ପିତାମାତା ତାର ଏକୋଇଶିଆ, ମାସିକିଆ, ଜନ୍ମଦିନ କରିଥିଲେ ଏମିତି ଯେ ଆଜିଯାଏଁ ହାତରୁ ବାସ୍ନା ଛାଡ଼ିନି ଗାଁ ଓ ଗାଁ ପାଖାପାଖି ଲୋକଙ୍କୁ । ଉଦୟଭାନୁ ସୂର୍ଯ୍ୟ ସମ ଉଦିତ ହୋଇ ବାପଙ୍କ ନାମ ରଖିବ। ପରିବାର ଆକାଶରେ ସୂର୍ଯ୍ୟ ହୋଇ ଉଦିତ ହେଉ ହେଉ ଘର ହେଲିବ, ଗାଁ ମାନ ସମ୍ମାନ ବଢେଇବ ବୋଲି ଭାବୁଥିବା ବାପା ଚାଲିଗଲା ପରେ ଉଦୟଭାନୁ ଉଦୟ ନହୋଇ ଅସ୍ତ ହୋଇଗଲା। କମ୍ପାନୀ ଚାକିରୀରୁ ଲେ ଅଫ ହୋଇ ଘର ତଥା ଗାଁ ର ଉନ୍ନତି କରୁ କରୁ ରୋଗୀ ହୋଇଗଲା। ଡାକ୍ତର ବଇଦ ପାଖକୁ ଦଉଡି ଦଉଡି ସର୍ବସ୍ୱାନ୍ତ ହୋଇଯିବା ପରେ ସ୍ତ୍ରୀ ଛାଡ଼ି ଚାଲିଗଲା। ପିଲାର ମୁହଁ ଦେଖି ନ ଥିଲେ। ଗାଁ ଲୋକ ସ୍ୱାସ୍ଥ୍ୟ କି ସମବେଦନା ଦେବା ବଦଳରେ କୁକୁର ପ୍ରତି ନିର୍ଦ୍ଦୟ ହେଲାପରି ହେ ହେ ହେଉଥିଲେ ତାଙ୍କୁ ଦେଖିଲେ। ତାର ଏକମାତ୍ର କାରଣ ସେ ନିଶାଶକ୍ତ, ସେ ମଦ୍ୟପ । ସେଇଥିପାଇଁ ଚାକିରୀ ଗଲା, ସ୍ତ୍ରୀ ଛାଡ଼ି ପଳେଇଲା, ଗାଁ ଲୋକ ଛି ଛାକର କରୁଥିଲେ। ଏକମାତ୍ର ମାଆଟି ପୁଅର ପାଖ ଛାଡ଼ି ନଥିଲା। ରୋଗକୁ ସିନା ଔଷଧ ଦେଇପାରିବ ନାହିଁ। ବସି ଖାଇଲେ ନଈ ବାଲି ସରିବା ପରି ସବୁ ସରିଯାଇଥିଲେ ମଧ୍ୟ ମାଟି ପିଠି ସାଉଁଳେଇ ପୁଅକୁ ସୁପଥକୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିଲା। ଶାଗ ପଖାଳ ମୁଠେ ବାଢି ଦେଉଥିଲା। ଗୋଡ଼ ଘଷି ଆଉଁସି ପୁଅର ଆୟୁଷ ଥାଉ ବୋଲି ମାଗୁ ମାଗୁ ଆଖି ବୁଜିଲା ମାଆ। ମାଆ ଚାଲିଗଲା ପରେ ପକ୍ଷୀଟି ଭୋକ ବିକଳରେ ଲିଚୁ ଲାଇଟକୁ ପାଚିଲା ଫଳ ଭାବି ଖୁମ୍ପୁ ଥିଲା ଭଳି ଉଦୟଭାନୁ ଭୋକରେ ତାଟିଆ କାମୁଡୁ କାମୁଡୁ ଚାଲିଗଲା ସେପାରିକୁ। ଏ ଭିତରେ କିଏ କୁଆଡେ ଯାଇଥିଲେ ତ ମାଆ ନଥିଲା କି ପୁଅ ନଥିଲା। ପଇସା ଅଭାବରୁ ଓ ମାଆ ହାତ ଛାଡ଼ି ସ୍ୱର୍ଗପୁର ଚାଲିଯିବା ପରେ ଉଦୟ ନାଥ ଯିବାର ଚାରି ବର୍ଷ ପରେ ଯେବେ ଗାଁରେ ଯୋଗ୍ୟ ହିତାଧିକାରୀମାନଙ୍କ ହେଲଥ କାର୍ଡ ବାଣ୍ଟିବାକୁ ଗାଁକୁ ଅଙ୍ଗନବାଡି ଦିଦି ଆସି ଡାକୁଥିଲେ ଉଦୟଭାନୁ ସାହୁ ଘରେ ଅଛନ୍ତି ? ଏଣିକି ଘରକୁ ଫେରିଆସି ଘରେ ରହୁଥିବା ତା ବିଧବା ସ୍ତ୍ରୀ ର ହାତ ଟି ଲମ୍ବି ଆସୁଥିଲା। ଏସବୁ ଦେଖି ଦୂରରୁ ଗଳ୍ପ ଲେଖିବାକୁ ମୋ ଡାଏରୀ ଓ ପେନ ବାହାର କରି ବସି ଭାବୁଥିଲି ମୁଁ, ମୋନାଲିସା ଦାସ। ଗପର ଆରମ୍ଭ, ମଝି ଓ ଶେଷ କଣ ହେଇପାରେ ! ମୁଁ ମୋନାଲିସା ଦାସ ଭାବୁଥିଲି କହନ୍ତି ସେମାନଙ୍କୁ ଯିଏ ଦେଲେ ଦିଅ ନଦେଲେ ନଦିଅ ଦାଉ ସାଧି କୁକୁର ଉପରକୁ ଗରମ ପାଣି କି ତେଲ ଫୋପାଡ କାହିଁକି ? କେତେ କଷ୍ଟ ହୁଏ ତାକୁ ବୁଝିଛ କେବେ ! ଦୋଷ ତାର ତାକୁ ଖୁବ୍ ଭୋକ ହୁଏ କିନ୍ତୁ ତା ପାଇଁ ଖାଦ୍ୟ କାହିଁ ! ଦୋଷ କଣ କରିଥିଲା ସେ ଷଣ୍ଢଟି ! ଯାହା ଲାଙ୍ଗୁଡରେ ଓହଳି ଓହଳି ସାଇ ପିଲମାନେ ତାକୁ ଲାଙ୍ଗୁଡ଼ ବିହୀନ କରିଛନ୍ତି ଆଉ ସେ ଭୋକ ସମ୍ଭାଳିଲେ ମଧ୍ୟ ସମ୍ଭାଳି ପାରୁନି ଭିଡି ଭିଡି ଲାଙ୍ଗୁଡ଼ ଛିଣ୍ଡି ଯାଇଥିବା ଜାଗାରେ ମାଛି ବସି ତାଙ୍କୁ ଉଡାଇ ନପାରିବା ଭୋକ ନମେଣ୍ଟେଇପାରିଲା ବେଳେ। ଲାଞ୍ଜ ପାଇଁ ସିନା ମଶା ମାଛି ଉଡେଇ ପାରୁଥିଲା। ସେତକ ନକରି ପାରି ରାତିରେ ରଡି ଛାଡିଲେ ମଣିଷ ଅଡା ଆକଟ କରି ବାଉଁଶ ବାନ୍ଧୁଛି ଦୁଆରେ ନହେଲେ ରାତିରେ ଗାଇ ଗୋରୁ ଷଣ୍ଢ ଶୋଇ ଶୋଇ ସକାଳୁ ଉଠିଲା ବେଳକୁ ମଳତ୍ୟାଗ କରୁଛନ୍ତି ତ ସେଇ ଗୋବର କାଢିବା ଗନ୍ଧରେ ଭୋକ ମରିଯାଉଛି କାହାର। ଏମିତି ସବୁ ଭାବି ଭାବି ମୁଁ ମୋନାଲିସା ଦାସ ସେଦିନ ଖୁବ ଡେରି ଯାଏଁ ଶୋଇପାରି ନଥିଲି । ଶେଷକୁ ଭୋକ ଉପରେ ଦୁଇ ତିନିଟା ଗପ ଓ କବିତା ଲେଖିସାରିବା ବେଳକୁ ଗରମ ରେ ଦେହ ହାତ କୁଣ୍ଡେଇ ହେଲା। ତେଲ ଲଗେଇ ଗାମୁଛାରେ ଦେହ ହାତ ରଗଡି ରଗଡି ମଇଳା କାଢୁଥିଲା ବେଳେ ମନେପଡ଼ିଲା ଷ୍ଟେସନର ପ୍ଲାଟଫର୍ମ, ବରଗଛ ମୂଳ ଚାନ୍ଦିନୀ, ବସଷ୍ଟାଣ୍ଡର ଯାତ୍ରୀ ବିଶ୍ରାମଗାରରେ ଭୋକ ପେଟରେ ଶାନ୍ତିରେ ଶୋଇଯାଉଥିବା ମଣିଷ ଗୁଡାଙ୍କ ପାଖରେ ନାହିଁ ଖାଦ୍ୟ ପେଟ ପାଇଁ। ପୁଣି ବସ୍ତ୍ର ଭୋକ ତାଙ୍କୁ କେତେ ଅସହାୟ କରିଦେଇନଥିବ ସତରେ ! ଲେଖିଲି ଗପ। ଯୋଉ ଗପରେ ନାୟକ ରାଜନେତା, ଅମଲା ନୁହଁ ବରଂ ସେଇ ପାଗଳ ବୋଲାଉଥିବା ଆମ ସାହି ବୁନୁ କଥା। ସେଇ ପାଗେଳୀ ଝିଅଟା ଫୁଲ କଥା। ଯିଏ ଥରେ ଅଧେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବେଳେ ମତେ ନଡ଼ିଆ କୋରା ମାଗି ପାଇନି ମୋଠୁ। ସକାଳ ପାଇଲେ କିଛି କରିବି ଭାବି ଉଠିଲା ବେଳକୁ କାଉ ଆଜିକାଲି କା କା ବଦଳରେ କୁଆଡେ ବାପା ବାପା, କାକା କାକା ଡାକି ନିଦରୁ ଉଠେଉଛି ଖବର ମନେପଡୁଥିଲା। ଭାବନା ବଦଳେଇ କାଉ ନିଦରୁ ଉଠେଇବା ବଦଳରେ ମାଗୁଛି ଭୋକ ପାଇଁ କିଛି ଆହାର। ଥୋଇଲି ଚାଉଳ ମୁଠେ କାଉ ପାଇଁ। ମତେ ଟିକେ ସାହାଯ୍ୟ କରିବ କାହ୍ନୁ। ପଚାରିଥିଲି ଆମ ତଳ ଘରେ ଭଡ଼ା ଥିବା ପୁଅକୁ। କୁହନ୍ତୁ ମାଡାମ କି ସାହାଯ୍ୟ କରିପାରିବି ମୁଁ। କିଛି ଅନାଥ ନିରାଶ୍ରୟ ସ୍ତ୍ରୀ ପୁରୁଷଙ୍କୁ ଶାଢ଼ି ଓ ଧୋତି ଦେବାକୁ ଚାହେଁ। ନୂଆ ନା ପୁରୁଣା ମ୍ୟାଡାମ ? ପୁରୁଣା କିନ୍ତୁ ଚିରା ନୁହଁ। ପୁରୁଣା ଦେଲେ କିଛି ଧର୍ମ ନାହିଁ। ପାରୁଛନ୍ତି ଜଦି କିଛି ନୂଆ ଦିଅନ୍ତୁ ବୋଲି କହି କାହ୍ନୁ ତା ବାଟରେ ଚାଲିଯିବା ପରେ ଭାବୁଥିଲି ଖୋଲିକି ତାକୁ କହିପାରୁନଥିଲି ନାହିରେ କାହ୍ନୁ ପୁରୁଣା ହେଉ ପଛେ ଲୋଡ଼ା ଦରବ ନେବାକୁ ଓ ଦେବାକୁ ମଧ୍ୟ ଭୋକ ଥାଏ। ମୋର ଦେବାର ଭୋକ ଆଉ ସେମାନଙ୍କର ପାଇବା ଭୋକ। କଣ ବୁଝିଲା କେଜାଣି କାହ୍ନୁ କହିଲା ଆଜିକାଲି ସମସ୍ତେ ଖାଉଛନ୍ତି ଓ ପିନ୍ଧୁଛନ୍ତି। ଏସବୁ ନେବାକୁ ତାଙ୍କର ଆବଶ୍ୟକ ନାହିଁ ଆଉ । ବୁଝେଇ ପାରୁନଥିଲି ରାତି ଅଧରେ ଗରମ ହେଲେ ଦେହ ରଗଡିବା ପାଇଁ ହେଉ ଅବା କାନ୍ଦୁରା ପୁଅ ଝିଅଙ୍କ ଆଖି କାନ ନାକ ପୋଛି ସଫା କରିବାକୁ ସେମାନଙ୍କର ନୂଆ ନୁହଁ ବରଂ ପୁରୁଣା ଶାଢ଼ି କି ଗାମୁଛାର କେତେ ଆବଶ୍ୟକତା ଥିବ ! କାହ୍ନୁକୁ ଅବା କଣ ବୁଝେଇବି ମୁଁ। ଭାରି ଅବୁଝା ସିଏ ଭୋକ ବିଷୟରେ କାରଣ ଅଭିଜ୍ଞତା କାହିଁ ତାର ! ଦୃଷ୍ଟିଭଙ୍ଗୀ ବଦଳିବାକୁ ହେଲେ କବି ବା କବୀ ହେବା ନିହାତି ଜରୁରୀ। ତାକୁ କଣ, ମୁଁ ମୋ ନିଜ ସ୍ୱାମୀ, ପୁଅ, ଝିଅଙ୍କୁ ବି ବୁଝାଇ ପାରିନି ଏଯାଏଁ। କୋଉ ସାହାସରେ ସାମାଜିକ ବାର୍ତ୍ତା ଦେବାକୁ ବାହାରିଛି କେଜାଣି ! କେତେଜଣ ପଢ଼ନ୍ତି ବହି ? ଶିଖନ୍ତି ଓ ଶିଖାନ୍ତି ଅନ୍ୟକୁ ! ସମସ୍ତଙ୍କୁ ଏଠି ଲେଖକ ଓ ଲେଖିକା ହେବାର ଭୋକ। ପଢୁଛି କିଏ ନା ଗଢୁଛି କିଏ ! ଗଢ଼ିଥିଲେ ବିଶ୍ୱକର୍ମା। ଲକ୍ଷ୍ମୀଙ୍କ ଉଆସ। ପୁଣି ରାତାରାତି। ଏତେକଥା ଭାବି ବା ଲାଭ କଣ ଭାବି ଭାବିଲି ନୂଆ ଦେବି। ନିଶ୍ଚୟ ଦେବି ଫୁଲ ପାଗେଳୀକୁ। ତା ସହିତ କୁମାରପୂର୍ଣ୍ଣମୀର ପିଠା, ମିଠା, କ୍ଷୀରି, ଖେଚେଡ଼ି, ତରକାରୀ, ଡ଼ାଲମା ସହିତ ନୂଆ ପୋଷାକ ଓ ନଡ଼ିଆ କୋରା। ବାୟଣୀଟା ବିଚରା। ବେଳେ ବେଳେ ଉଧୁ ଲଙ୍ଗଳା ଫୁଙ୍ଗୁଳା ବୁଲୁଥାଏ। ଶାଢ଼ିପଟା ତାକୁ ଦେଲେ ଫୋପାଡେ। ବାପା ମାଆ ନଥିବା ଭାଇ ଭାଉଜ ଆକଟିଲେ ଭାଉଜକୁ କହେ ଭାରି ଯୌନ ଭୋକ ଓ କଷ୍ଟ। ସେଇଥିପାଇଁ ଭାଇକୁ କଣ ସବୁ ଶିଖେଇ କହି ବାୟାଣୀଟାକୁ ଏକା ଛାଡ଼ି ଭାଇ ଭାଉଜ ଚାଲିଗଲେ ଅନ୍ୟତ୍ର। ବୁନୁ ଏବେ ଗୋଟେ ଆଶ୍ରମରେ ଭଲରେ ଅଛି। ଫୁଲ ବାୟାଣୀ କିଛି ଦିନ ଯାଇଥିଲା ହେଲେ ଫେରିଆସିଲା କାହିଁକି କେଜାଣି ସେଠୁ ! ସଜାଡ଼ିଲି ତା ପାଇଁ ପିଠା, ମିଠା, କ୍ଷୀରି, ପୁରି ସହ ନବବର୍ଷ ପଣା ସହ ନଡ଼ିଆ ଓ ରାଶି ଦେଇ ନିଜ ହାତରେ ପ୍ରସ୍ତୁତ କରିଥିବା କୋରା ଓ ନୂଆ ମ୍ୟାକ୍ସି ଦୁଇ ହଳ। ଗଳି ବାଙ୍କ ମୁଣ୍ଡେ ତା ଘର। ଘର ଆଗରେ ଏତେ ପୋଲିସ ଓ ଲୋକ ଦେଖି ରହିଗଲି। ଫୁଲ ବାୟାଣୀ ଆଉ ନାହିଁ। କିଏ ସବୁ ତାକୁ ମାରିଦେଇଛନ୍ତି । ମୃତ୍ୟୁ ପୂର୍ବରୁ ନିଜ ଦେହର ଭୋକ ମେଣ୍ଟାଇ ବିଚାରୀ ବାୟାଣୀର ଜୀବନ ନେଇ ଯାଇଛନ୍ତି ବୋଲି କୁହାକୁହି ହୋଇ ଲୋକ ଯା ଆସ କଲାବେଳେ ଆହା ଚୁ ଚୁ କହୁଛନ୍ତି। ମୋ ହାତରୁ ଖସିପଡ଼ିଲା ତା ପାଇଁ ନେଇଥିବା ପ୍ୟାକେଟ ସବୁ। ଫେରି ପଡିବା ବେଳେ ବାୟାଣୀ ସ୍ୱର ଶୁଭୁଥିଲା। ଯୌନ ଭୋକ ମଧ୍ୟ ଖୁବ କଷ୍ଟଦାୟକ ଲୋ କବୀ। ମୋ କଥା ଲେଖିଦେବୁ। ବାୟାଣୀ ହେଲେ ବି ସେ ବୁଝିଥିଲା ମୋର ମଧ୍ୟ ଏହି ଲେଖିବା ଭୋକ ଅଛି। ବିଚରା ଫୁଲ ବାୟାଣୀ ମୃତ୍ୟୁ ରହସ୍ୟ ହୋଇ ରହିଗଲା। ସାକ୍ଷୀ, ପ୍ରମାଣ କିଛି ବି ନଥିଲା। ଉଦୟଭାନୁ ମରିବା ପରେ ତା ସ୍ତ୍ରୀ ଘରକୁ ଫେରିବା ପରି ଫୁଲ ବାୟାଣୀ ମରିବା ପରେ ଭାଇ ଭାଉଜ ଫେରିଆସି ଘରକୁ ସ୍ୱର୍ଗ ବନେଇବାକୁ ଯୋଜନା କରୁଥିଲେ। ଉଦୟଭାନୁ ଘର ଦେଇ ଫେରିବା ବେଳେ ତା ଘରର ରୂପରେଖ ଦେଖି ଆଚମ୍ବିତ ହେଉ ହେଉ ମୋର ଭୋକ ବଢୁଥିଲା ନୂଆ ଘରଟିଏ କରିବାକୁ।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ଭିନ୍ନ ଏକ ଆକାଶ

**ଡ. ସନ୍ତୋଷ କୁମାର ପଣ୍ଡା**

ସକାଳର ଚିକ୍‌ମିକ୍ ଆଲୁଅ ଓଡ଼ିଶା ଲୋକସେବା ଭବନର ଝରକା କାଚ ଦେଇ ଅନନ୍ୟାଙ୍କ ଟେବୁଲ୍ ଉପରେ ପଡୁଥିଲା। ନୀଳ ରଙ୍ଗର ଫର୍ମାଲ୍ କୁର୍ତ୍ତି, କାନ୍ଧରେ ଶାଳୀନ ଭାବେ ପଡ଼ିଥିବା ଓଢ଼ଣୀ ଆଉ ଟେବୁଲ୍ ଉପରେ ଚକ୍‌ଚକ୍ କରୁଥିବା ନାମଫଳକ—'ଅନନ୍ୟା ପ୍ରିୟଦର୍ଶିନୀ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ)'। ସାଧାରଣ ଲୋକଙ୍କ ପାଇଁ ଏହା ଏକ ପଦବୀ ହୋଇପାରେ, କିନ୍ତୁ ଅନନ୍ୟାଙ୍କ ପାଇଁ ଏହା ଥିଲା ଅପମାନର ଅଗ୍ନିକୁଣ୍ଡ ଭିତରୁ ଫୁଟି ଉଠିଥିବା ଏକ ରକ୍ତଗୋଲାପ। ବାହାରୁ ଯେତେ ଶାନ୍ତ ଦିଶୁଥିଲେ ବି, ଭିତରେ କେଉଁଠି ନା କେଉଁଠି ପିଲାଦିନର ସେଇ କ୍ଷତଗୁଡ଼ିକ ଏବେ ବି ମଝିରେ ମଝିରେ ଚିହ୍ନ ଛାଡ଼ିଯାଉଥିଲେ। ଛୋଟବେଳେ ଯେତେବେଳେ ସାଙ୍ଗମାନେ ତାଙ୍କ ଚାଲିଚଳଣି, କଥାବାର୍ତ୍ତାର ଢଙ୍ଗ ଦେଖି 'ମାଇଚିଆ', 'ହିଞ୍ଜଡ଼ା' କହି ତାଳି ମାରି ହସୁଥିଲେ, ସେତେବେଳେ ଅନନ୍ୟା ବାପାମାଆଙ୍କ କୋଳରେ ମୁହଁ ଗୁଞ୍ଜି କାନ୍ଦୁଥିଲେ। ଗାଁ ଦାଣ୍ଡରେ ଲୋକଙ୍କ କଟାକ୍ଷ ଆଉ ସ୍କୁଲ୍ ପିଲାଙ୍କ ଟାହିଟାପରା ଛାତିକୁ ଛୁରୀ ଭଳି କାଟୁଥିଲା। ସେଦିନ ବାପା ରାମଚନ୍ଦ୍ର ବାବୁ ତାଙ୍କ କାନ୍ଧରେ ହାତ ରଖି କହିଥିଲେ, "ଶୁଣ୍ ଅନୁ, ଈଶ୍ୱର ତୋତେ ଅଲଗା କରି ଗଢ଼ିଛନ୍ତି ସତ, କିନ୍ତୁ ତୋର ପରିଚୟ ଏହି ତାଳି ମାରୁଥିବା ଲୋକେ ନୁହଁନ୍ତି, ତୋର କର୍ମ ସ୍ଥିର କରିବ। ତୁ କଲମ ଧର। ଏ ଦୁନିଆର ପ୍ରତ୍ୟେକ ବିଷାକ୍ତ ଶବ୍ଦର ଉତ୍ତର ତୋର ସଫଳତା ଦେବ।"

ମାଆ ସୁମିତ୍ରା ଦେବୀ ଆଖିରୁ ଲୁହ ପୋଛି କହିଥିଲେ, "ମୋ ଧନ ମୋ ପାଇଁ ଗର୍ବ। ସମାଜ ଯାହା କହୁ ପଛେ, ତୁ ଆଗକୁ ବଢ଼।"

ସେହି ଦିନଠାରୁ ଅନନ୍ୟା ନିଜର ଦୁଃଖକୁ ଅକ୍ଷରରେ ରୂପାନ୍ତରିତ କରିବା ଶିଖିଥିଲେ। ରାତି ରାତି ଅନିଦ୍ରା ରହି ପଢ଼ିବା, ଲୋକସେବା ଆୟୋଗ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବା ଆଉ ସେପଟେ କବିତା, ଗଳ୍ପ ଭିତରେ ନିଜ ଆତ୍ମାକୁ ଖୋଜିବା—ଏଇଆ ଥିଲା ତାଙ୍କର ତପସ୍ୟା। କିନ୍ତୁ ସରକାରୀ ସେବାରେ ଯୋଗଦେବା ପରେ ବି ସମାଜର ମାନସିକତା ସମ୍ପୂର୍ଣ୍ଣ ବଦଳି ନଥିଲା।

ଦପ୍ତରର କରିଡର ଦେଇ ଗଲାବେଳେ ପଛରୁ ଶୁଭୁଥିବା ଚପା ହସ, ପାଖ ସେକ୍ସନର କର୍ମଚାରୀଙ୍କ ତେର୍ଚ୍ଛା ଚାହାଣୀ, ଆଉ କ୍ୟାଣ୍ଟିନରେ ଏକା ବସି ଚାହା ପିଇବାର ନିଃସଙ୍ଗତା... ସବୁକିଛି ସୂଚାଇ ଦେଉଥିଲା ଯେ ଏ ସମାଜ ପୋଷାକ ଆଉ ପଦବୀକୁ ସମ୍ମାନ ଦିଏ ସତ, ମାତ୍ର କିନ୍ନର ଶରୀରକୁ ସହଜରେ ଆପଣେଇ ପାରେନାହିଁ। କିନ୍ତୁ ଅନନ୍ୟା କାହା ଉପରେ ରାଗୁ ନଥିଲେ। ସାହିତ୍ୟ ତାଙ୍କୁ ଧୈର୍ଯ୍ୟ ଆଉ କ୍ଷମା କରିବାର ଅପାର ଶକ୍ତି ଦେଇଥିଲା। ସେ ଜାଣିଥିଲେ, ଘୃଣାର ଉତ୍ତର କେବେ ଘୃଣାରେ ଦିଆଯାଏ ନାହିଁ।

ସେଦିନ ଥିଲା ରାଜ୍ୟ ସ୍ତରୀୟ 'ବାର୍ଷିକ ସାହିତ୍ୟ ଓ ପ୍ରାଶାସନିକ ସମ୍ମିଳନୀ'। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ ଖଚାଖଚ୍ ଭରି ରହିଥିଲା। ସଚିବାଳୟର ବଡ଼ ବଡ଼ ଅଧିକାରୀ, ବରିଷ୍ଠ ସଚିବ, କବି, ଲେଖକ ଆଉ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ରାଜ୍ୟସ୍ତରୀୟ ସାହିତ୍ୟ ପୁରସ୍କାର, ଯାହା ଏକ ଛଦ୍ମନାମରେ ଲେଖାଯାଇଥିବା ଅଜ୍ଞାତ ପାଣ୍ଡୁଲିପି 'ଭିନ୍ନ ଏକ ଆକାଶ'କୁ ମିଳିଥିଲା। ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ସେହି ରହସ୍ୟମୟ ଲେଖକଙ୍କୁ ଦେଖିବା ପାଇଁ।

ସଭାପତି ମଞ୍ଚ ଉପରୁ ଘୋଷଣା କଲେ, "ଚଳିତ ବର୍ଷର ଶ୍ରେଷ୍ଠ ସାହିତ୍ୟ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି ଛଦ୍ମନାମଧାରିଣୀ ଆମ ସଚିବାଳୟର ଆସିଷ୍ଟାଣ୍ଟ ସେକ୍ସନ ଅଫିସର, ଅନନ୍ୟା ପ୍ରିୟଦର୍ଶିନୀ!"

ହଲ୍‌ରେ କିଛି କ୍ଷଣ ପାଇଁ ନୀରବତା ଛାଇଗଲା। କେତେକଙ୍କ ଆଖିରେ ବିସ୍ମୟ ତ ଆଉ କେତେକଙ୍କ ମୁହଁରେ କୁଣ୍ଠାବୋଧ। ଅନନ୍ୟା ଶାନ୍ତ ପଦକ୍ଷେପରେ ମଞ୍ଚ ଉପରକୁ ଉଠିଲେ। ମୁଖ୍ୟ ଶାସନ ସଚିବ ତାଙ୍କୁ ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରି ମାଇକ୍ ଆଗକୁ ଆମନ୍ତ୍ରଣ କଲେ।

ଅନନ୍ୟା ମାଇକ୍ ଧରିଲେ। ସେ ସମସ୍ତଙ୍କ ମୁହଁକୁ ଥରେ ଚାହିଁଲେ—ଯେଉଁମାନଙ୍କ ଭିତରେ ଥିଲେ ଦପ୍ତରରେ ତାଙ୍କୁ ଉପହାସ କରୁଥିବା କିଛି ସହକର୍ମୀ ମଧ୍ୟ। ଅନନ୍ୟାଙ୍କ କଣ୍ଠସ୍ୱରରେ କୌଣସି କ୍ରୋଧ ନଥିଲା, ବରଂ ଥିଲା ଏକ ଗଭୀର ଗାମ୍ଭୀର୍ଯ୍ୟ।

"ମୁଁ ଏକ ଏମିତି ଅସ୍ତିତ୍ୱ, ଯାହାକୁ ଏ ସମାଜ କେବେ ଶୁଭ କାର୍ଯ୍ୟରେ କେବଳ ଆଶୀର୍ବାଦ ମାଗିବା ପାଇଁ ବ୍ୟବହାର କରେ, ଆଉ ବାକି ସମୟରେ ଟ୍ରାଫିକ୍ ଛକରେ ଦେଖିଲେ ଗାଡ଼ିର କାଚ ଟେକିଦିଏ। ପିଲାଦିନେ ମୋତେ ପଚରାଯାଉଥିଲା, 'ତୁ ପୁଅ ନା ଝିଅ?' ମୁଁ ଉତ୍ତର ଦେଇପାରୁ ନଥିଲି। କିନ୍ତୁ ଆଜି ମୁଁ ଗର୍ବର ସହ କହୁଛି—ମୁଁ ଜଣେ ମଣିଷ।"

ସଭାଗୃହ ସ୍ତବ୍ଧ ହୋଇ ଶୁଣୁଥିଲା। ଅନନ୍ୟା ଆଗକୁ କହିଲେ, "ମୋ ଶରୀର ମୋ ନିଜ ହାତରେ ନଥିଲା, କିନ୍ତୁ ମୋ ଚରିତ୍ର, ମୋ ପ୍ରତିଭା ଆଉ ମୋ କର୍ତ୍ତବ୍ୟ ମୋ ହାତରେ ଥିଲା। ମୁଁ ଜାଣିଛି, ଆଜି ବି ଆପଣଙ୍କ ମଧ୍ୟରୁ କେତେକ ମୋ ଚେୟାରକୁ ନୁହେଁ, ମୋ ଲିଙ୍ଗ ପରିଚୟକୁ ଦେଖନ୍ତି। କିନ୍ତୁ ମୁଁ ସେମାନଙ୍କୁ ଦୋଷ ଦିଏନାହିଁ। କାରଣ ଅସଲ ଅକ୍ଷମତା ଶରୀରରେ ନଥାଏ, ଥାଏ ସଂକୀର୍ଣ୍ଣ ମାନସିକତାରେ। ମୋ କଲମ ମୋର ଲୁହକୁ ଶକ୍ତ କରିଛି, ଆଉ ମୋ ଚାକିରି ପ୍ରମାଣ କରିଛି ଯେ ସାଧନା ଆଗରେ କୌଣସି ଲିଙ୍ଗର ବାଧା ତିଷ୍ଠି ପାରେନାହିଁ।" ସେହି ମୁହୂର୍ତ୍ତରେ, ଦପ୍ତରରେ ସବୁବେଳେ ତାଙ୍କୁ କଟାକ୍ଷ କରୁଥିବା ଜଣେ ବରିଷ୍ଠ କିରାଣୀ ନିଜ ଆସନରୁ ଉଠି ଠିଆ ହୋଇଗଲେ। ତାଙ୍କ ଆଖିରେ ପଶ୍ଚାତାପର ଲୁହ ଥିଲା। ସେ ଦୁଇ ହାତ ଯୋଡ଼ି ଜୋରରେ ତାଳି ମାରିବା ଆରମ୍ଭ କଲେ। ଦେଖୁ ଦେଖୁ ପୂରା ରବୀନ୍ଦ୍ର ମଣ୍ଡପର ଶହ ଶହ ଦର୍ଶକ ନିଜ ସ୍ଥାନରୁ ଛିଡ଼ା ହୋଇ କରତାଳିରେ ହଲ୍‌କୁ କମ୍ପାଇ ଦେଲେ। ଏହା ସେହି ଉପହାସର ତାଳି ନଥିଲା ଯାହା ସେ ପିଲାଦିନେ ଶୁଣୁଥିଲେ, ଏହା ଥିଲା ତାଙ୍କ ସଂଘର୍ଷ, ଆତ୍ମସମ୍ମାନ ଆଉ ଅଦମ୍ୟ ମନୋବଳ ଆଗରେ ମୁଣ୍ଡ ନୁଆଁଇବାର ତାଳି। ମଞ୍ଚ ତଳେ ବସିଥିବା ବୃଦ୍ଧ ବାପାମାଆଙ୍କ ଆଖିରୁ ଲୁହ ଝରି ପଡୁଥିଲା, କିନ୍ତୁ ସେ ଲୁହ ଭିତରେ ଥିଲା ଅପାର ଗର୍ବ। ଅନନ୍ୟା ଟ୍ରଫିଟିକୁ ଛାତିରେ ଚାପି ଧରି ଉପରକୁ ଚାହିଁଲେ; ଆଜି ତାଙ୍କ ପାଇଁ ଆକାଶଟା ଆଉ ଭିନ୍ନ ନଥିଲା, ବରଂ ସେହି ଅନନ୍ତ ଆକାଶରେ ସେ ନିଜର ଏକ ଉଜ୍ଜ୍ୱଳ ନକ୍ଷତ୍ର ଆଙ୍କି ସାରିଥିଲେ।



କଟକ
୮୨୪୯୦୨୧୪୨୪

# ଆମ୍ଭ ସନ୍ତୋଷ

**ପ୍ରକାଶ ମହାପାତ୍ର**

ଦଶ କି ଏଗାର ବର୍ଷର ଝିଅଟିଏ।ମୁଣ୍ଡର ଚୁଟି ଅଲରା ହୋଇ ଉଡୁଛି ଫୁର ଫୁର। ଦେହରେ ରଙ୍ଗ ଛଡ଼ା ମଇଳା ଫ୍ରକଟାଏ । ଅନେକ ଦିନର ଲଗାଣ ବର୍ଷାର ପ୍ରଭାବରେ ବୋଧହୁଏ ଥଣ୍ଡା ଯୋଗୁ ନାକରୁ ସିଙ୍ଘାଣି ବହୁଛି। ଡାହାଣ ହାତର ବୁଢ଼ା ଆଙ୍ଗୁଠିଟାକୁ ପାଟିରେ ପୁରେଇ ଏକ ଲୟରେ ଚାହିଁ ରହିଛି ରାସ୍ତା କଡରେ ସାମୟିକ ଭାବେ ଖୋଲା ଯାଇଥିବା ଏକ ରାକ୍ଷୀ ଦୋକାନ ଆଡ଼କୁ।

ରାକ୍ଷୀ ପୂର୍ଣ୍ଣିମାର ଦିନ ହୋଇଥିବାରୁ ପୂର୍ବ ଦିନ ପରି ଆଉ ବିଶେଷ ଗହଳ ଚହଳ ପରିଲକ୍ଷିତ ହେଉନଥିଲା ଦୋକାନରେ। କିଏ କେମିତି ସେହି ସମୟରେ ଦୋକାନକୁ ଆସୁଥିଲେ ରାକ୍ଷୀ କିଣିବା ପାଇଁ । ରାକ୍ଷୀ କିଣି ପୁଣି ଫେରିଯାଉଥିଲେ । ହେଲେ ଝିଅଟି କେତେବେଳେ ଦୋକାନକୁ ତ କେତେବେଳେ ଲୋକଙ୍କ ଯିବା-ଆସିବାକୁ ଚାହୁଁଥିଲା ଏପାଖ ସେପାଖ ହୋଇ ।

ପ୍ରାତଃ ଭ୍ରମଣରେ ଯାଇ ଆଜି ଫେରିବା ବେଳକୁ ଟିକେ ବିଳମ୍ବ ହୋଇଥିଲା ବିରୂପାକ୍ଷ ବାବୁଙ୍କର । ହଠାତ ଝିଅଟି ଉପରେ ନଜର ପଡ଼ିଥିଲା ତାଙ୍କର । ରାଜଧାନୀର ଗଙ୍ଗୁଆ ନାଳ ରାସ୍ତା କଡରେ ଗଢ଼ି ଉଠିଥିବା ବସ୍ତି ଠାରୁ ଅନତି ଦୂରରେ ଥିବା ଛକରେ ଅସ୍ଥାୟୀ ଦୋକାନ କେତୋଟି ରହିଛି । ଆଉ ସେହି ଦୋକାନ ଗୁଡ଼ିକର ଶେଷ ମୁଣ୍ଡରେ ଏହି ଋତୁକାଳୀନ ବ୍ୟବସାୟ ପାଇଁ ଥିବା ରାକ୍ଷୀ ଦୋକାନଟି ସାମ୍ନାରେ ଟିକେ ଛିଡ଼ା ହୋଇ ବିରୂପାକ୍ଷ ବାବୁ ଉଭୟ ଦୋକାନ ଓ ଝିଅକୁ ଚାହିଁ ଟିକେ ଭାବୁକ ହୋଇ ଉଠିଲେ ଯେମିତି।

ଦେଶ ସ୍ୱାଧୀନ ହେବାର ଅଣାଅଶି ବର୍ଷ ବିତିଗଲାଣି । ସ୍ୱାଧୀନତା ପ୍ରାପ୍ତିର ଅମୃତ ମହୋତ୍ସବ ଧୁମଧାମରେ ପାଳିତ ହୋଇଛି ।ଆଉ ବିକାଶ ପଥରେ ନୁହେଁ ଏବେ ବିକଶିତ ରାଜ୍ୟ ଓ ରାଷ୍ଟ୍ର ଗଠନ ପାଇଁ ଯୋଜନା ସ୍ଥିର ହୋଇ କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଗଲାଣି । ତଥାପି ଏମିତି ଅବସ୍ଥାକୁ ଦେଖି ସତେ ଯେମିତି ମନ ଭିତରେ କିଛି କ୍ଷଣ ପାଇଁ ଗୋଟାଏ ବିଦ୍ରୋହର ପ୍ରଶ୍ନବାଚୀ ସୃଷ୍ଟି ହୋଇଗଲା ତାଙ୍କ ମନଭିତରେ। ବିରୂପାକ୍ଷ ବାବୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ।ତାଙ୍କ ବାପା, ଜେଜେଙ୍କ ପରି ଅନେକ ଲୋକ ଫିରିଙ୍ଗିଙ୍କୁ ଏ ଦେଶରୁ ତଡ଼ି ଦେଶକୁ ସ୍ୱାଧୀନ କରିବା ପାଇଁ କେତେ କଷ୍ଟ କରିଥିଲେ । କିନ୍ତୁ ଫିରିଙ୍ଗି ଶାସନ ଦେଶ ଛାଡ଼ି ଗଲାପରେ ଦେଶର ଦଶା ବଦଳିବ ବୋଲି ସେମାନଙ୍କର ଯେଉଁ ସ୍ୱପ୍ନ ଥିଲା ତାହାତ ଏଯାଏ ସାକାର ହେଲା ନାହିଁ ।

ଦେଶୀ ଲୋକେ ଶାସନର ଅଧିକାର ପାଇବା ପରେ କର୍ତ୍ତବ୍ୟ ଭୁଲି ବିଦେଶୀଙ୍କ ପରି ଲୁଟପାଟରେ ଲାଗିଗଲେ । ଘର ଢିଙ୍କି କୁମ୍ଭୀର ସାଜିଲେ ବଞ୍ଚାଇବ କିଏ ? ଫଳରେ ଖାଲି ଗୋଦର ଗୋଡ଼ରେ ମାଉଁସ ଲାଗିଲା ପରି ସିଆଣିଆମାନେ ନିଜ ନିଜର ସମ୍ପତ୍ତି ଓ ପ୍ରତିପତ୍ତି ବଢ଼ାଇ ଚାଲିଲେ । ନିରୀହ ମଣିଷଙ୍କ ଜୀବନ ଶୁଖିଶୁଖି ସଳିତା ହେବାକୁ ବସିଲା। ନିଃସ୍ୱାର୍ଥ ଭାବରେ ଦେଶକୁ ଓ ଦେଶର ମଣିଷଙ୍କୁ ଭଲ ପାଉଥିବା ବିରୂପାକ୍ଷ ବାବୁଙ୍କ ପରି ଲୋକମାନେ ନିରୁପାୟ ଦର୍ଶକ ସାଜିବା ଛଡ଼ା ଆଉ କିଛି କରି ପାରୁନଥିଲେ। ଗାଡ଼ିର ହର୍ଣ୍ଣରେ ଭାବନା ରାଜ୍ୟରୁ ଫେରି ଝିଅଟି ପାଖରେ ପହଞ୍ଚି ବିରୂପାକ୍ଷ ବାବୁ ପଚାରିଲେ-'ଏ ଝିଅ ତୋ' ନାଁ କ'ଣ ? ଅସ୍ପଷ୍ଟ ସ୍ୱରରେ ଝିଅଟିର ଉତ୍ତରରୁ ଜଣାଗଲା ତା' ନାଁ ଝୁମା ।

ବିରୂପାକ୍ଷ ବାବୁ ଏହାପରେ ପଚାରିଲେ - 'ରାକ୍ଷୀ ନେବୁ ?'

'ହଁ' ଭରିଲା ଝିଅଟି ନିଃସଙ୍କୋଚରେ।

ରାକ୍ଷୀ ଦୋକାନ ପାଖକୁ ଝିଅଟିକୁ ଡାକିନେଲେ ବିରୂପାକ୍ଷ ବାବୁ । ଝିଅକୁ କହିଲେ-କେତେଟା ରାକ୍ଷୀ ନେବୁ ଦେଖ ।'

ଝିଅଟି ଆଙ୍ଗୁଳିରେ ଇସାରା କରି ଗୋଟିଏ ରାକ୍ଷୀ ପାଇଁ ଉତ୍ତର ରଖିଲା ଆଉ ଜଗନ୍ନାଥଙ୍କ ଛବି ଥିବା ରାକ୍ଷୀଟି ପାଇଁ ହାତ ବଢ଼ାଇ ସଂକେତ ଦେଲା । ଝିଅଟିକୁ ସେହି ରାକ୍ଷୀଟିକୁ ଦେବା ପାଇଁ ଦୋକାନୀକୁ କହିଲେ ସେ । ଦୋକାନୀ ହାତରୁ ରାକ୍ଷୀଟି ଆଣି ଝିଅଟି ଟିକେ ଚାହିଁଲା ବିରୂପାକ୍ଷ ବାବୁଙ୍କୁ ପ୍ରଶ୍ନିଳ ଚାହାଣୀରେ । ଝିଅଟିକୁ ଯିବା ପାଇଁ କହି ଦୋକାନୀକୁ ରାକ୍ଷୀର ମୂଲ୍ୟ ବଢ଼ାଇ ଦେଲେ ବିରୂପାକ୍ଷ ବାବୁ । ଦୋକାନରୁ ମୁହଁ ଫେରାଇ ରାସ୍ତାକୁ ମୁହାଁଇଲା ବେଳକୁ ଦେଖିଲେ ଝିଅଟି ଏକମୁହାଁ ହୋଇ ତାର କୁନି କୁନି ପାଦରେ ଧାଇଁଥିଲା ଆଗକୁ । କିଛି ସମୟ ପରେ ରାସ୍ତାର ମୋଡ଼ ବୁଲିବା ବେଳକୁ ଦେଖିଲେ ଝିଅଟି ତା'ଠାରୁ ସାମାନ୍ୟ ବଡ଼ ଫୁଙ୍ଗୁଳା ଦେହ, ରୋଗିଣା ଚେହେରାର ପିଲାଟି ହାତରେ ରାକ୍ଷୀଟିକୁ ବାନ୍ଧୁଛି ।ଖୁସିରେ ଅଧୀର ହେଉଛନ୍ତି ଦି'ଜଣ ଯାକ । ସେହି ଖୁସିରେ ଆତ୍ମସନ୍ତୋଷ ଲାଭ କରି ବିରୂପାକ୍ଷ ବାବୁ ସାମାନ୍ୟ ଆଶ୍ୱସ୍ତି ଅନୁଭବ କଲେ ସିନା ଅନେକ ପ୍ରଶ୍ନର ସମାହାରରେ ବିଷଣ୍ଣ ହୋଇ ପଡୁଥିଲେ।

ମଞ୍ଜୁରୀରୋଡ୍, ଭଦ୍ରକ-୭୫୬୧୨୧
ମୋ-୯୯୩୭୯୭୦୩୪୫ ।

# ଭିନ୍ନ ଏକ ପରିଚୟ

**ଆଦିତ୍ୟ ମହାପାତ୍ର**

ମୁଁ ଯେମିତି ବିଭୁଦତ୍ତ ଦାସ ଅର୍ଥାତ୍ ବିଭୁ ଭାଇଙ୍କୁ ଜାଣେ, ଯେତିକି ଚିହ୍ନେ, ଯେତିକି ବୁଝେ, ଯେମିତି ଅନୁଭବ କରେ ଆଜି କିନ୍ତୁ ସେଥିରେ ବ୍ୟତିକ୍ରମ ଦେଖିଲି।

ବହୁତ ଦିନ ପରେ ଗାଁକୁ ଯାଇଥିଲି,ଆଉ ଫେରିଲା ବେଳକୁ ଭେଟ ହୋଇଥିଲା ବିଭୁ ଭାଇଙ୍କ ସହିତ। ଘରୁ ବାହାରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଚାଲି ଚାଲି ଯାଉଥିବା ବେଳେ ହିଁ ଦୂରରୁ ତାଙ୍କୁ ଦେଖି ଡାକ ଛାଡିଲି। ତାଙ୍କୁ ଦେଖିଲେ ହିଁ ମୁଁ ଉଚ୍ଛ୍ୱସିତ ହୋଇପଡ଼େ ଏମିତି। ସେ ମୋ ଡାକ ଶୁଣି ପଛକୁ ଚାହିଁଲେ ଆଉ ସ୍ମିତ ହସିଲେ। ତାଙ୍କର ଶାନ୍ତ ସ୍ୱଭାବ ଏବଂ ସେଇ ଅମାୟିକ ହସ ହିଁ ମୋର ଖୁବ୍ ପସନ୍ଦ।

ବାହାରକୁ କିନ୍ତୁ ସେ ମୋତେ ଲାଗିଲେ ସେମିତି, ଯେମିତି ଲାଗନ୍ତି ଆଗରୁ। ଆଗରୁ ଯେମିତି କଥାବାର୍ତ୍ତା କରନ୍ତି ସେମିତି ବି କଥା ଆରମ୍ଭ କଲେ ଆଜି। ସେଇ ଚିରାଚରିତ ଅଭିଯୋଗ ମୁଁ ଗାଆଁକୁ ଧୀରେ ଧୀରେ ଭୁଲି ଯାଉଛି ବୋଲି। ଏମିତି ଦେଖିବାକୁ ଗଲେ କୁଶଳ ସମାଚାର ବି ପଚାରିଲେ।

ତଥାପି ମୋତେ କାହିଁକି ଲାଗିଲା ବିଭୁ ଭାଇ କିଛି କହିବାକୁ ଚାହୁଁଛନ୍ତି ଅଥଚ କହି ପାରୁନାହାନ୍ତି, କିମ୍ବା ପଚାରି ବୁଝିବାକୁ ଚାହୁଁଛନ୍ତି ଅଥଚ ସେଥିରୁ ନିବୃତ୍ତ ରହୁଛନ୍ତି।

ସତେ ଯେମିତି କିଏ ତାଙ୍କୁ ତାଗିଦ୍ କରି କହିଛି ଏମିତି କିଛି କଥା ମୋ ସହିତ ନହେବାକୁ ! ମୋ ମନକୁ ନବିଡିବାକୁ !

ମୋତେ ସେ ଡାକିନେଲେ ଘରକୁ ସବୁଥର ପରି। ମାତ୍ର ପ୍ରତିମ ଭାଉଜଙ୍କ ସହିତ ଭେଟ କରାଇବାର ସୁଯୋଗ ଦେଲେ। ଯେଉଁ ଭାଉଜଙ୍କୁ ଦେଖିଦେଲେ ମୋ ଭିତରେ ଖେଳିଯାଏ ଅନିର୍ବଚନୀୟ ଆନନ୍ଦ। ଯେମିତି ମା ସରସ୍ୱତୀ କିମ୍ବା ଦେବୀ ମା'ଙ୍କ ବିଶ୍ୱ ମୋହିନୀ ରୂପ ! ବ୍ୟବହାର ଖୁବ୍ ଅମାୟିକ। ମୁଁ ହୋଇଯାଏ କୃତ୍ୟ କୃତ୍ୟ ! ତାଙ୍କ ପାଇଁ ମୋ ଅନ୍ତରରୁ ଭକ୍ତିଧାରା ଚିର ପ୍ଲାବିତ।

ଭାଉଜ ମୋର ଭବ୍ୟ ସ୍ୱାଗତ କରି ଯଥାବିଧି ଚର୍ଚ୍ଚା କରିବା ପରେ ହିଁ ଯାଇଁ ବିଭୁ ଭାଇ ମୋତେ ତାଙ୍କ ସ୍କୁଟରରେ ନେଇ ପହଞ୍ଚାଇ ଦେଲେ ବସ୍ ଷ୍ଟପ୍ ରେ। ତାଙ୍କ ଠାରୁ ବିଦାୟ ନେବାର ଅବ୍ୟବହିତ ପୂର୍ବରୁ ସେ ହଠାତ୍ କହିଲେ -' ଜାଣିଲୁ ପ୍ରକାଶ ! ପୁରୁଷ ମାନଙ୍କ ଭିତରେ ଗୋଟେ ଜିଦପଣ ରହିବା କଥା। ନଚେତ୍ ସଂସାର ଠିକଣା ବାଟରେ ଆଗେଇ ପାରେନା।'

ମୁଁ ନବୁଝିପାରିଲା ଆଖିରେ ଚାହିଁଲି ତ ସେ ପୁଣି କହିଲେ -'ଜାଣିଲୁ, ଏଇ ଜିଦପଣ ଅବା ନିଜକୁ ସାବ୍ୟସ୍ତ କରିବା ପଣ ହିଁ ପରିବାର ରେ ନିଜର ପ୍ରଭାବ ବିସ୍ତାର କରିବାରେ ସହାୟତା କରେ।'

ବସ୍ ଆସିଯାଇଥିଲା ତ ତାଙ୍କ ଠାରୁ ବିଦାୟ ନେଲି ।

ହେଲେ ବିଭୁ ଭାଇ ଯେଉଁ ଦୁଇପଦ ମୋତେ କହିଲେ ସେଇଠି ହିଁ ଅଟକିଗଲା ମୋର ମନ। ସେଇଠି ହିଁ କେନ୍ଦ୍ରୀଭୂତ ହେଲା ମୋର ଧ୍ୟାନ। ବାଟସାରା ଭାବି ହେଲି ସେଇକଥା। ହଠାତ୍ ଏପରି ଟିପ୍ପଣୀ କଣ ମୋ ଉଦ୍ଦେଶ୍ୟରେ ଦେଲେ ତାଙ୍କ କଥାରେ କ'ଣ କିଛି ଘଟଣା ଲୁକ୍କାୟିତ ଅଛି ?

ପୁଣି ମୋତେ ଲାଗିଲା ବିଭୁ ଭାଇ ଯାହା କହିବାକୁ ଚାହୁଁଥିଲେ, ହୁଏତ ସେଇ କଥା କହିବାକୁ ତାଙ୍କୁ ତାଙ୍କର ବିବେକ ବାଧା ଦେଲା। କଥା ଛଳରେ ଏମିତି କିଛି କଥା କହିବାକୁ ଚାହୁଁଥିଲେ ଯାହା ଶୁଣିଲେ ମୋତେ ଖରାପ ଲାଗିବ। ସେଥିପାଇଁ ନିଜକୁ ଠିକ୍ ଭାବରେ ପ୍ରକାଶ କରି ପାରିଲେ ନାହିଁ। ଆଉ ସେଇଥିପାଇଁ ସେଇ ମୁହୂର୍ତ୍ତରେ, ସେଇ ପରିବେଶରେ ଯାହା ମୋତେ କହିଲେ ସେସବୁ କଥା ତାଙ୍କର ମୋଟେ ପ୍ରାସଙ୍ଗିକ ମନେହେଲା ନାହିଁ ମୋତେ।

ତାଙ୍କ କଥାକୁ ବିଭିନ୍ନ ଦିଗରୁ ତର୍ଜମା କଲି ମୁଁ।

ନିଜକୁ ସାବ୍ୟସ୍ତ କରିବା ପାଇଁ ସତରେ କଣ ଜଣେ ଭିନ୍ନ ଭିନ୍ନ ରୂପ ନେଇ ପାରିବେ ଆବଶ୍ୟକତା ଅନୁସାରେ ? ମୁଁ ତ ଜାଣେ ଯାହାର ଯେଉଁ ପ୍ରକୃତି ସେଇ ପ୍ରକୃତିର ପରିପ୍ରକାଶ ହୁଏ ତାର ଦୈନନ୍ଦିନ ଜୀବନରେ। ହଁ କେତେଜଣ ମୁହଁରେ କପଟର ମୁଖାପିନ୍ଧି ପ୍ରତିପକ୍ଷଙ୍କ ଦୃଷ୍ଟିଭଙ୍ଗୀ ବଦଳାଇ ଦେବାର କ୍ଷମତା ରଖନ୍ତି। ମୁଖାପିନ୍ଧା ମୁହଁର ଭାବଭଙ୍ଗୀରେ ଜଣଙ୍କ ହୃଦୟକୁ ଛୁଇଁ ପାରନ୍ତି। ବାସ୍ ! କାହାରି ହୃଦୟ ଛୁଇଁ ପାରିବା ହିଁ ତାଙ୍କର ଜିତ୍। ସେଇ ସଫଳତା ତାଙ୍କୁ ଉଦ୍ରେକିତ କରାଏ ନିଜକୁ ଆହୁରି ସାବ୍ୟସ୍ତ କରିବାରେ। ଦୁନିଆକୁ ଜିତି ନେବାର ଅଧିକାର କେବଳ ତାଙ୍କର ଅଛି ବୋଲି ନିଜ ଭିତରେ ପ୍ରତ୍ୟୟ ସୃଷ୍ଟି ହୁଏ।

କିଛି ଲୋକ ନିଜର ଯାଦୁକରୀ ଅଭିନୟରେ ଦୁନିଆକୁ ମନ୍ତ୍ରମୁଗ୍ଧ କରିପାରିବାର କ୍ଷମତା ରଖନ୍ତି। ନିଜକୁ ଠିକ୍ ଭାବେ ପ୍ରତିପାଦିତ କରି ପାରନ୍ତି ସବ ସମ୍ମୁଖରେ। ନିଜର ବାଞ୍ଛିତ ଉଦ୍ଦେଶ୍ୟ ପୂରା କରନ୍ତି ବିନା ସଂଶୟରେ।ନିରାଟ ସତକଥା ଟିଏ ତାଙ୍କ ଅଭିନୟ ସ୍ପର୍ଶରେ ହୁଏ ମିଥ୍ୟା ପ୍ରମାଣିତ। ସମ୍ପୂର୍ଣ୍ଣ ମିଛକଥା ଟିକୁ ବି ନିଜକୁ ସୁହାଇଲା ଭଳି ଏମିତି ପରିବେଷଣ କରନ୍ତି ଯେମିତି ଦର୍ଶକ ହେବେ ଅଭିଭୂତ। ବାନ୍ଧି ହୋଇ ରହିବେ ବଳିଷ୍ଠ ଅଭିନୟ ଯାଦୁରେ। କିନ୍ତୁ ସତକଥା କହୁଥିବା ଲୋକଟି ସହିବ ଅପମାନ, ଲାଞ୍ଛନା, ଅକଥନୀୟ ମାନସିକ ଯନ୍ତ୍ରଣା। ଗୁମୁରି ଉଠୁଥିବ ତାର ମନ। ଅଥଚ ଅସହାୟ !

ବିଭୁ ଭାଇଙ୍କ କଥାକୁ ଅନୁଶୀଳନ କଲା ଭିତରେ ଆହୁରି ଗୋଟିଏ କଥା ମନକୁ ଆସିଲା। ମନକୁ ନଆସିବ ବା କେମିତି ? ସଂସାରରେ ଏତେ ଦିନ ଜୀଇଁବା ଭିତରେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏମିତି ସବୁ ଦୃଷ୍ଟାନ୍ତ ଆପଣା ଛାଏଁ ମନକୁ ଛୁଏଁ ଏବଂ ଖୁବ୍ ଆନ୍ଦୋଳିତ କରେ।

କିଛି ଲୋକ ପୁଣି ଅଛନ୍ତି ଯେଉଁମାନେ ପରିବାରରେ ନିଜର ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ପ୍ରାଣାନ୍ତକ ଚେଷ୍ଟା କରନ୍ତି। ସେମାନଙ୍କ ଜିଦଖୋର ମନୋଭାବରେ ଯେ ଅନ୍ୟମାନେ କଷ୍ଟ ପାଆନ୍ତି ତାହା ଠିକ୍ ଭାବରେ ବୁଝନ୍ତି। ତଥାପି ସେଇ ଝୁଙ୍କ୍ ରୁ ସେ ଓହରି ଆସିବାକୁ କଦାପି ଚାହାନ୍ତି ନାହିଁ। ବରଂ ଯୁକ୍ତି ଛଳରେ ନିଜେ ଠିକ୍ ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କରନ୍ତି। ଏଇ ପ୍ରକାର ପଦକ୍ଷେପରେ ନିଜ ଲୋକ ପାଆନ୍ତି କଷ୍ଟ। ଏଥିପାଇଁ କେଉଁଠି ପ୍ରତିବାଦର ସ୍ୱର ଉଠେ ତ କେଉଁଠି ମୁହ୍ୟମାନ ହୋଇ ନୀରବରେ କିଛି ଦିନ ପାଇଁ ସହିଯାନ୍ତି ଆପଣାର ଲୋକ। ଯାହା ପଶ୍ଚାତରେ ଆଗ୍ନେୟଗିରିର ରୂପ ଧାରଣ କରିବାକୁ ବାଧ କରାଏ। ମନୋମାଳିନ୍ୟ ହୁଏ। ପରିବାର ଭାଙ୍ଗି ଯାଏ।

ବସ୍‌ରୁ ଓହ୍ଲାଇବାର ସମୟ ଆସିଯାଇଥିଲା ବୋଲି କଣ୍ଡକ୍ଟର ବାବୁଙ୍କ ଉଚ୍ଚସ୍ୱରର ଡାକରାରୁ ଜାଣିଲି। ବ୍ୟାଗ ପତ୍ର ଏକାଠି କରିବା ଭିତରେ ଭାବୁଥିଲି ବିଭୁ ଭାଇ ତ ଏମିତି କୌଣସି ଖରାପ ଗୁଣର ନୁହଁନ୍ତି। ତଥାପି କାହିଁକି ଏମିତି କଥାକୁ ସପୋର୍ଟ କଲେ ?

ଭାବିଲି ଏମିତି କୌଣସି ଘଟଣା ନିକଟ ଅତୀତରେ ଘଟିଛି କି ଯେଉଁଥିରେ ମୋର ସ୍ଥାଣୁତା ଯୋଗୁଁ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଛି ? ସେମିତି କିଛି ତ ମନେ ହେଲା ନାହିଁ।

ଆଉ ଗୋଟିଏ କଥା ମନକୁ ଆସିଲା। ବିଭୁ ଭାଇଙ୍କ ପାଖରେ ମୋର ଭିନ୍ନ ଏକ ପରିଚୟ ଦେବା ପାଇଁ କେହି ପ୍ରୟାସ କରିନାହିଁ ତ... ? ? ?

ମନେ ପଡ଼ିଲା, ଗତଥର ମୁଁ ଆସିଲା ବେଳକୁ ସମସ୍ତଙ୍କ ମୁହଁ ଦିଶୁଥିଲା ଥମ ଥମ। କାରଣ ଘରର



ବୋହୂ ହୋଇ ଶ୍ୱଶୁରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଅନୁପସ୍ଥିତ ରହିଲେ ତୃପ୍ତି, ମୋ ପତ୍ନୀ।

ତୃପ୍ତି କାହିଁକି ଆସିଲେ ନାହିଁ, ସେ ବାବଦରେ ମୁଁ କିଛି ସଫେଇ ଦେବାକୁ ଉଚିତ ମନେ କରି ନଥିଲି ସେତେବେଳେ। କାରଣ ଦୁର୍ଘଟଣା ଦିନ ଥରେ ଦେଖିବାକୁ ଯାଇଥିବା ପରିବାର ଲୋକ ଆପଣାପଣ ଜାହିର କରିଥିଲେ ସିନା, ଦୁଇଟି ଯାକ ଗୋଡ଼ ଅପରେସନ ପରେ ଆମେ କେମିତି ଅଛୁ ବୋଲି କେହି ଥରେ ପଚାରିନଥିଲେ। ଥରେ ନୁହେଁ ଦୁଇ ଦୁଇ ଥର ଅପରେସନ ପରେ ତୃପ୍ତି ଯେ ଦୀର୍ଘ ତିନି ମାସ ଧରି ବେଡ଼ ପ୍ୟାନ ବ୍ୟବହାର କରି ଗୋଟିଏ ଜାଗାରେ ଏପର୍ଯ୍ୟନ୍ତ ପଡି ରହିଛି ଏକଥା ଆଉ କେହି ଶୁଣିବାକୁ ପ୍ରସ୍ତୁତ ନଥିଲେ।

ଏଣୁ ଉଭୟ ପକ୍ଷ ନିଜ ନିଜ ଅଭିମାନକୁ ବଳବତ୍ତର ରଖିବାକୁ ଚାହିଁଥିଲୁ ତ ମୋ ଉପରେ ଖପ୍ପା ହୋଇଥିଲେ ପରିବାର ଲୋକେ। ଏମିତି କି ବଡ଼ ଭଉଣୀ ମଜା କରିବା ଢଙ୍ଗରେ କହିଥିଲା -' ପ୍ରକାଶ ଆମର ତା ସ୍ତ୍ରୀର ଖୁବ୍ ହେପାଜତରେ ଅଛି।' ସେତେବେଳେ ଅନ୍ୟ ମାନଙ୍କର ସମ୍ମିଳିତ ହସ ମୋତେ ଖୁବ୍ ଯନ୍ତ୍ରଣା ଦେଉଥିଲେ ବି ଚୁପ୍ ରହିବାକୁ ପସନ୍ଦ କରିଥିଲି। ତେଣୁ ସେଇ କଥା ଯେ ଘରୁ ବାହାରି ପଦାକୁ ବ୍ୟାପି ଯାଇନଥିଲା ବୋଲି କିଏ କହିପାରେ !

ବିଭୁ ଭାଇ ହୁଏତ ସେଇ ମର୍ମରେ ମୋତେ ବୁଝାଇବାକୁ ଚେଷ୍ଟା କରିଥିବେ। ଏସବୁ କଥା ବିଭୁ ଭାଇଙ୍କୁ କହିବା ସମୀଚୀନ ନୁହେଁ ବୋଲି ମନେକଲି। ଛାଡଃ! ନିଜ ଜାଗାରେ ନିଜେ ଠିକ୍ ଅଛି ତ ଏ ଦିଗରେ ଅଯଥା ଭାବନା ଠିକ୍ ନୁହେଁ ବୋଲି ସିଦ୍ଧାନ୍ତରେ ପହଞ୍ଚିଲି।

ଏହି ସମୟ ଭିତରେ କଟକରେ ପହଞ୍ଚି ଯାଇଥିଲି ତ 'ଘରେ ସମସ୍ତେ ଭଲ ଅଛନ୍ତି ?' ପ୍ରଶ୍ନରେ ତୃପ୍ତିଙ୍କ ଆଡ଼କୁ ଚାହିଁ ଈଷତ୍ ହସ ମାଧ୍ୟମରେ ସକରାତ୍ମକ ଭାବ ଦେଖାଇଲି।

ହାଇଟେକ୍ ମେଡିକାଲ କଲେଜ,
ଭୁବନେଶ୍ୱର

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୫ ସେପ୍ଟେମ୍ବର, ଶୁକ୍ରବାର, ୨୦୨୬
ପୃଷ୍ଠା – ୬

# ରୋଶିବିନାଙ୍କୁ ହ୍ୟାଟ୍ରିକ୍ ଏସିଆଡ୍ ପଦକ : ଉଷ୍ଟୁରେ ଜିତିଲେ ରୌପ୍ୟ

**ଆଇଏଏନ୍ଏସ୍**

ଭାରତୀୟ ଉଷୁ ଖେଳାଳି ରୋଶିବିନା ଚଳିତ ଆଇଚି-ନାଗୋୟା ଏସୀୟ କ୍ରୀଡ଼ା ଅଭିଯାନ ରୌପ୍ୟ ପଦକରେ ଶେଷ କରିଛନ୍ତି। ଫଳରେ ସେ ଏସୀୟ କ୍ରୀଡ଼ାରେ ପଦକ ଜିତିବାରେ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ପୂର୍ବରୁ ୨୦୧୮ରେ କାଂସ୍ୟ ଓ ୨୦୨୩ରେ ରୌପ୍ୟ ଜିତିଥିବା ୨୫ ବର୍ଷୀୟା ରୋଶିବିନା ଗୁରୁବାର ମହିଳା ସାଣ୍ଡା ୬୦ କିଲୋଗ୍ରାମ ଫାଇନାଲ୍‌ରେ ୦-୨ରେ ଚୀନ୍‌ର ଜିଆଓୟୁ ଝାଙ୍ଗଙ୍କଠୁ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ରହିଛନ୍ତି। ଆଇଚି ପ୍ରିଫେକ୍‌ଚୁରାଲ ମାର୍ଶଲ୍ ଆର୍ଟସ୍ ହଲ୍‌ରେ ଖେଳାଯାଇଥିବା ଏହି ଦୁଇ ମିନିଟ୍ ମ୍ୟାଚ୍‌ର ଉଭୟ ରାଉଣ୍ଡରେ ସମସ୍ତ ପାଞ୍ଚଜଣ ବିଚାରପତି ଚୀନ୍‌ର ଖେଳାଳିଙ୍କ ସପକ୍ଷରେ ସର୍ବସମ୍ମତ ଭାବେ ୫-୦ରେ ନିଷ୍ପତ୍ତି ଦେଇଥିଲେ। ପ୍ରଥମ ରାଉଣ୍ଡରେ ୫ଜଣ ବିଚାରପତି ଝାଙ୍ଗଙ୍କ ସପକ୍ଷରେ ୬-୨, ୬-୩, ୬-୨, ୬-୨, ୮-୨ ନିଷ୍ପତ୍ତି ଦେଇଥିଲେ। ଦ୍ୱିତୀୟ ରାଉଣ୍ଡ ନିଷ୍ପତ୍ତି ମଧ୍ୟ ୧୦-୨, ୮-୩, ୭-୩, ୭-୩, ୬-୧ ଝାଙ୍ଗଙ୍କ ସପକ୍ଷରେ ଯାଇଥିଲା।




# ଏସିଆନ ଗେମ୍ସ : ଦକ୍ଷିଣ କୋରିଆକୁ ୮-୨ ଗୋଲରେ ହରାଇଲା ଭାରତ

**କାକାମିଗାହାରା**

ଭାରତ ଏସିଆନ ଗେମ୍ସର ଗ୍ରୁପ୍ ପର୍ଯ୍ୟାୟର ନିଜର ତୃତୀୟ ମ୍ୟାଚ୍‌ରେ ଚାରିଥରର ଚାମ୍ପିଅନ ଦକ୍ଷିଣ କୋରିଆକୁ ୮-୨ ଗୋଲ୍‌ରେ ପରାସ୍ତ କରିଛି। ଭାରତୀୟ ପୁରୁଷ ହକି ଦଳ ଏହି ବିଜୟ ସହିତ ଏସିଆନ୍ ଗେମ୍ସରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି ଏବଂ ଗ୍ରୁପ୍‌ରେ ନିଜର ଦବାଦବା ବଜାୟ ରଖିଛି। ଭାରତ ପକ୍ଷରୁ ଅଭିଷେକ ଏବଂ ଦିଲପ୍ରୀତ ସିଂହ ଦୁଇଟି ଲେଖାଏଁ ଗୋଲ୍ କରିଥିଲେ।

ଗୁରୁବାର ଭାରତ ମ୍ୟାଚ୍ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇଥିଲା ଏବଂ ୪ର୍ଥ ମିନିଟ୍‌ରେ ଶିଳାନନ୍ଦ ଲାକ୍ରା ଗୋଲ୍ କରି ଦଳର ଖାତା ଖୋଲିଥିଲେ। ଏହାପରେ ଭାରତୀୟ ଆକ୍ରମଣର ଗତି ଆହୁରି ବଢ଼ିଯାଇଥିଲା। ସୁଖଜିତ ସିଂହ ୯ମ ମିନିଟ୍‌ରେ ଗୋଲ୍ କରିଥିବା ବେଳେ ଅଧିନାୟକ ହରମନପ୍ରୀତ ସିଂହ ୧୧ତମ ମିନିଟ୍‌ରେ ବଲ୍‌କୁ ଗୋଲ୍‌ପୋଷ୍ଟକୁ ପଠାଇ ଭାରତକୁ ପ୍ରାରମ୍ଭିକ ୧୧ ମିନିଟ୍‌ରେ ହିଁ ୩-




୦ରେ ଆଗୁଆ କରିଦେଇଥିଲେ।

ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ସମ୍ଭାଳିବା ପାଇଁ ସୁଯୋଗ ମିଳିନଥିଲା। ୧୪ତମ ମିନିଟ୍‌ରେ ଅଭିଷେକ ଭାରତ ପାଇଁ ଚତୁର୍ଥ ଗୋଲ୍ ଦେଇଥିଲେ। ଭାରତୀୟ ଦଳ ପ୍ରଥମ କ୍ୱାର୍ଟରରେ ହିଁ ମ୍ୟାଚ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିନେଇଥିଲା। ୧୪ତମ ମିନିଟ୍‌ରେ ଅଭିଷେକ ଭାରତ ପାଇଁ ଚତୁର୍ଥ ଗୋଲ୍ ଦେଇଥିଲେ। ଭାରତୀୟ ଦଳ ପ୍ରଥମ କ୍ୱାର୍ଟରରେ ହିଁ ମ୍ୟାଚ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିନେଇଥିଲା।

ସାତଟି ଗୋଲ୍‌ରେ ପଛୁଆ ରହିବା ପରେ କୋରିଆ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିଥିଲା। କିମ୍ ଜାଏହୋ ମ୍ୟାଚର ୪୨ତମ ମିନିଟ୍‌ରେ ଗୋଲ୍ କରି କୋରିଆର ଖାତା ଖୋଲିଥିଲେ। ଏହାପରେ କିମ୍ ୟୋଙ୍ଗବୋକ୍ ୫୨ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଯଦିଓ ଏହି ସମୟ ବେଳକୁ ମ୍ୟାଚ୍ ଭାରତର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆସି ଯାଇଥିଲା। ମ୍ୟାଚ୍‌ର ଶେଷ ମିନିଟ୍‌ରେ ରାଜିନ୍ଦର ସିଂହ ଗୋଲ୍ କରି ଭାରତର ବିଜୟ ବ୍ୟବଧାନକୁ ୮-୨ କରିଦେଇଥିଲେ।

ଭାରତ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଛଅଟି ଗୋଲ୍‌ର ବ୍ୟବଧାନ ରହିଥିଲା। ପୁରୁଷ ହକିରେ ଗୋଲ୍ ବ୍ୟବଧାନ ମାମଲାରେ ଭାରତର ଦକ୍ଷିଣ କୋରିଆ ବିପକ୍ଷରେ ଏସିଆନ ଗେମ୍ସ ଇତିହାସରେ ଏହା ସବୁଠାରୁ ବଡ଼ ବିଜୟ ଅଟେ। ଏହାପୂର୍ବରୁ ଭାରତ ୧୯୬୨ ଏସିଆନ ଗେମ୍ସରେ କୋରିଆକୁ ୫-୦ ରେ ପରାସ୍ତ କରିଥିଲା। ଅର୍ଥାତ୍ ସେତେବେଳେ ଭାରତର ବିଜୟ ବ୍ୟବଧାନ ପାଞ୍ଚଟି ଗୋଲ୍‌ର ଥିଲା।

ଭାରତ ଏସିଆନ ଗେମ୍ସରେ ନିଜ ଅଭିଯାନର ଆରମ୍ଭ ଇଣ୍ଡୋନେସିଆ ବିପକ୍ଷରେ ଏକ ଦମ୍‌ଦାର ଶୈଳୀରେ କରିଥିଲା। ଭାରତୀୟ ଦଳ ଏହି ମୁକାବିଲାରେ ୧୩-୧ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଏହାପରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୧୬-୧ରେ ଏକତରଫା ବିଜୟ ହାସଲ କରିଥିଲା। ବର୍ତ୍ତମାନ ଦକ୍ଷିଣ କୋରିଆ ବିପକ୍ଷରେ ୮-୨ର ବିଜୟ ସହିତ ଭାରତ ଗ୍ରୁପ୍ ପର୍ଯ୍ୟାୟରେ କ୍ରମାଗତ ତୃତୀୟ ବିଜୟ ପଞ୍ଜିକୃତ କରିଛି। ଭାରତ ଖେଳିଥିବା ଏହି ତିନିଟି ମ୍ୟାଚ୍‌ରେ ୩୭ଟି ଗୋଲ୍ ଦେଇଛି। ଭାରତୀୟ ଦଳ ନିଜର ପରବର୍ତ୍ତୀ ମୁକାବିଲା ୨୬ ସେପ୍ଟେମ୍ବରରେ ଜାପାନ ସହିତ ଖେଳିବ।

## ସାହାଣୀ କପ୍ ଫୁଟବଲ୍‌ର ଦ୍ୱିତୀୟ ଦିବସ

# ପ୍ରଥମ ମ୍ୟାଚ୍‌ରେ ବରଗଡ଼ ଦଳ ୪-୦ ରେ ବିଜୟୀ, ଦ୍ୱିତୀୟ ମ୍ୟାଚ୍ ଡ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁରରେ ୬୫ତମ ସାହାଣୀ କପ୍ ଫୁଟବଲ୍ ଲିଗ୍‌ର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ ସୁବର୍ଣ୍ଣପୁର ଓ ବରଗଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖେଳର ୨୦ ମିନିଟ୍‌ରେ ଜର୍ସି ନମ୍ବର୍ ୧୮ ବରଗଡ଼ର ଅମନ୍ ବରିହା ପ୍ରଥମ ଗୋଲ ସ୍କୋର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ୩୦ ମିନିଟ୍‌ରେ ୭ ନମ୍ବର୍ ଜର୍ସି ବିଜନ ବରିହା ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୪୯ ମିନିଟ୍‌ରେ ପୁଣିଥରେ ୧୮ ନମ୍ବର୍ ଜର୍ସି ଅମନ ବରିହା ତୃତୀୟ ଗୋଲ ସ୍କୋର କରିଥିବା ବେଳେ ମ୍ୟାଚ୍‌ର ୬୦ ମିନିଟ୍‌ରେ ୭ ନମ୍ବର୍ ଜର୍ସି ବିଜନ ବରିହା ଚତୁର୍ଥ ଗୋଲ ସ୍କୋର କରି ବରଗଡ଼ ଦଳକୁ ୪-୦ ରେ ବିଜୟୀ କରାଇଥିଲେ। ଏହି ଖେଳକୁ ମୁଖ୍ୟ ରେଫରି ଭାବେ ଫାଓର ଅରୁଣ କୁମାର ନାଏକ, ରତ୍ନାକର ସୋରେନ, ଅଶ୍ୱିନୀ ସାହୁ, ଧନେଶ୍ୱର ସର୍ଦ୍ଦାର ଓ ସୁବର୍ଣ୍ଣପୁର ଜୋନ୍‌ର ମ୍ୟାଚ୍ କମିଶନର ଭାବେ ନବୀନ ନାୟକ ଖେଳ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଯାଜପୁର ଦଳ ଓ ବୌଦ୍ଧ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌କୁ ମୁଖ୍ୟ ରେଫ୍‌ରୀ ଭାବେ ଦେବାଶିସ ବାଗ , ଅନିଲ କୁମାର ଭୋଇ, ଧନେଶ୍ୱର୍ ସର୍ଦ୍ଦାର, ସୁମିତ୍ ମହାଲିଂ ଓ ମ୍ୟାଚ୍ କମିଶନର ଭାବରେ ନବୀନ ନାୟକ ପରିଚାଳନା କରିଥିଲେ। ଉଭୟ ଦଳର ୧-୧ ଗୋଲ ସ୍କୋର ହୋଇ ଖେଳ ବରାବର ହୋଇ ଉଭୟ ଦଳ ୧-୧ ପଏଣ୍ଟ ପାଇଛନ୍ତି। ଯାଜପୁର ଦଳର ଜର୍ସି ନମ୍ବର ୧୯ ଭଞ୍ଜନଗର ହାଁସଦା ୨୨ ମିନିଟ୍‌ରେ ଓ ବୌଦ୍ଧ ଦଳର ୧୪ ନମ୍ବର ଜର୍ସି ସୁବ୍ରତ କୁମାର ନାୟକ ୪୮ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଫୁଟବଲ ଏସୋସିଏସନ୍, କ୍ରୀଡ଼ା ଯୁବ ବ୍ୟାପାର ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମ୍ୟାଚ୍ ଉଦ୍‌ଘାଟନୀ ଓ ପୁରସ୍କାର ବିତରଣୀ ସଭାକୁ ଅଧ୍ୟାପକ ମଦନ ସୁନ୍ଦର ଖେତି ଓ କ୍ରୀଡ଼ା ସଂଘ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ସଞ୍ଜୟ ସାହୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ସଂଘ ସଦସ୍ୟ ଦିଗାମ୍ବର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ କମିଟିର ପୀୟୂଷ ପଣ୍ଡା, ଭୁକୁଲୁ ବକ୍ସି, ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ, ବିକାଶ ପାଢ଼ୀ, ସୁଭାଷ ବିଶ୍ୱାଳ, ରିପୁନ ନାଏକ, ରାଜୀବ ସାହୁ, ଅନିଲ ସାହୁ, ରାଜୀବ ପଟ୍ଟନାୟକ, ବିକାଶ ପାଢୀ, ଦୁମନ୍ ମିଶ୍ର ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ରୋଇଂରେ ଭାରତକୁ ମିଳିଲା କାଂସ୍ୟ

## ସଲମାନଙ୍କ ସଙ୍ଘର୍ଷ ଏବଂ ସତନାମଙ୍କ ପ୍ରତିଭା ଦେଶ ପାଇଁ ଆଣିଲା ସୁନାମ

**ଆଇଏଏନ୍ଏସ୍**

ଏସିଆନ୍ ଗେମ୍ସ ୨୦୨୬ରେ ପୁରୁଷ ଡବଲ୍ ସ୍କଲ୍ସ ରୋଇଂ ଇଭେଣ୍ଟରେ ଭାରତର ଇତିହାସ। ସତନାମ ସିଂହ ଓ ସଲମାନ ଖାନଙ୍କ ଯୋଡ଼ି କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏହି ଭାରତୀୟ ଯୋଡ଼ି ଫାଇନାଲରେ ୬:୧୩.୨୫ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ଭାରତର ଏହା ପ୍ରଥମ ଏସୀୟ କ୍ରୀଡା ପଦକ। ସଲମାନଙ୍କ ସଙ୍ଘର୍ଷ ଏବଂ ସତନାମଙ୍କ ପ୍ରତିଭା ବଳରେ ଭାରତକୁ ଏହି ଉପଲବ୍ଧି ମିଳିଛି।




ଉତ୍ତର ପ୍ରଦେଶର ଅମେଠି ଜିଲ୍ଲାରେ ସଲମାନ ଖାନଙ୍କ ଜନ୍ମ। ଚାରି ଭାଇ ଏବଂ ୨ ଭଉଣୀଙ୍କ ଠାରୁ ସେ ସବୁଠୁ ବଡ଼। ତାଙ୍କ ପିତା ମହମ୍ମଦ କାସିମ ଖାନ ହରିୟାଣାର ତାବଡୁରେ ଟ୍ରକ୍ ବଡି ନିର୍ମାତା ଭାବରେ କାମ କରୁଥିଲେ। ସେଠାରେ ସଲମାନ ମଧ ତାଙ୍କର ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ୧୮ ବର୍ଷର ହେଲା ବେଳକୁ ସଲମାନଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ତାଙ୍କ କାନ୍ଧରେ ପରିବାରର ଦାୟିତ୍ୱ ପଡିଥିଲା। ଛୋଟ ଭାଇ ଭଉଣୀଙ୍କ ମୁହଁରେ ଦାନା ଗଣ୍ଡେ ଦେବାକୁ ସେ ରୋଜଗାର କରିବା ଆରମ୍ଭ କରିଥିଲେ। ସେ ଦିଲ୍ଲୀ ଆସି ଯାଇଥିଲେ। ପରିବାର ଚଳାଇବାକୁ ସଲମାନ ଉବେର ଟ୍ୟାକ୍ସି ଚଳାଉ ଥିଲେ। ଏହି ସମୟରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ସେନାରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ ସଲମାନ ୪ ମାସର ପ୍ରସ୍ତୁତି କରିଥିଲେ। ସେ ସବୁ ଟେଷ୍ଟ କ୍ଲିଅର କରି ୨୦୧୮ ସେପ୍ଟେମ୍ବର ୨୫ରେ ପୁଣେର ବମ୍ବେ ଇଞ୍ଜିନିୟର ଗ୍ରୁପରେ ଯୋଗ ଦେଇଥିଲେ।

ସେନାରେ ଭର୍ତ୍ତି ହେବା ପରେ ସଲମାନଙ୍କ ରୋଇଂରେ ରୁଚି ଆସିଥିଲା। କୋଚ୍ ସତ୍ୟବାନ, ସତୀଶ ସିରାଟ ଏବଂ ପ୍ରଭାତ ମିଶ୍ର ତାଙ୍କର ଶାରୀରିକ କ୍ଷମତା ଦେଖି ତାଙ୍କୁ ନୌଚାଳନା କରିବାକୁ ଉତ୍ସାହିତ କରିଥିଲେ। ପ୍ରଥମେ ସଲମାନ ଏହି ଖେଳ ପ୍ରତି ବହୁତ ଉତ୍ସାହୀ ନଥିଲେ। ସେ କେବେବି ନୌଚାଳନାକୁ ଏକ କ୍ୟାରିୟର ବୋଲି ଭାବି ନଥିଲେ। କିନ୍ତୁ ପ୍ରଶିକ୍ଷକମାନେ ତାଙ୍କୁ ପ୍ରେରଣା ଦେଇ ଚାଲିଲେ, ଏବଂ ଶେଷରେ ରୋଇଂରେ କମାଲ କରିଦେଲେ।

ସେହିପରି ସତନାମଙ୍କ ପାଇଁ ଏସିଆନ ଗେମ୍ସରେ ଏହା ପ୍ରଥମ ପଦକ ନୁହେଁ। ୨୦୨୩ରେ ସେ ଭାରତୀୟ ପୁରୁଷ କ୍ୱାଡ୍ରୁପଲ୍ ସ୍କଲ୍ସ ଦଳର ଅଂଶ ଥିଲେ। ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିଲା। ୨୦୨୫ ମସିହାରେ ମଧ ତାଙ୍କର ଦମଦାର ପ୍ରଦର୍ଶନ ଥିଲା। ସେ ଭିଏତନାମରେ ଅନୁଷ୍ଠିତ ଏସୀୟ ରୋଇଂ ଚାମ୍ପିଅନସିପରେ ପୁରୁଷ କ୍ୱାଡ୍ରୁପଲ୍ ସ୍କଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହି ବର୍ଷ ଇଣ୍ଡୋର ଏସୀୟ ଚାମ୍ପିଅନସିପରେ ପୁରୁଷ ଡବଲ୍ ସ୍କଲ୍ସରେ ମଧ ସେ ରୌପ୍ୟ ପଦକ ଜିତିଥିଲେ। ୨୦୨୬ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଆଉ ଏକ ପ୍ରମୁଖ ସଫଳତା।

# ସ୍କ୍ୱାସ୍ କ୍ୱାର୍ଟରରେ ଦୁଇ ଭାରତୀୟ ତନ୍ୱୀ-ଅନାହାତ ଲଢ଼େଇ

**ଆଇଏଏନ୍ଏସ୍**



ଚଳିତ ଏସୀୟ କ୍ରୀଡ଼ା ମହିଳା ସ୍କ୍ୱାସ୍ ଏକକ ବର୍ଗ କ୍ୱାର୍ଟରଫାଇନାଲ୍‌ରେ ଦୁଇ ଭାରତୀୟ ଖେଳାଳି କନିଷ୍ଠ ବିଶ୍ୱ ବିଜୟିନୀ ଅନାହାତ ସିଂହ ଓ ତନ୍ୱୀ ଖାନ୍ ମୁହାଁମୁହିଁ ହେବେ। ଫଳରେ ଏହି ଇଭେଣ୍ଟରେ ଭାରତର ଗୋଟିଏ ପଦକ ନିଶ୍ଚିତ ହୋଇଛି। ଗୁରୁବାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ଅନାହାତ ୩-୦ (୧୧-୪, ୧୧-୫, ୧୧-୭)ରେ ସିଙ୍ଗାପୁରର ୱାଇ ଇନ୍ ଆଉ ୟିଓଙ୍ଗଙ୍କୁ ଏବଂ ତନ୍ୱୀ ୩-୧ ? (୫-୧୧, ୧୧-୪, ୧୧-୫, ୧୩-୧୧)ରେ ସିଙ୍ଗାପୁରର ୱାଇ ୟାନ୍ ଆଉ ୟିଓଙ୍ଗଙ୍କୁ ପରାସ୍ତ କରିଥିଲେ। ପୁରୁଷ ଏକକରେ ଅଭୟ ସିଂହ ଓ ବୀର ଚୋଟରାନୀ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି।

ଭାରତର ଗୋଟିଏ ପଦକ ନିଶ୍ଚିତ : ଅଭୟ ୩-୦ (୧୧-୫, ୧୧-୬, ୧୧-୦)ରେ ଶ୍ରୀଲଙ୍କାର ରବିନ୍ଦୁ ଲାକଶ୍ରୀଙ୍କୁ ଏବଂ ବୀର ୩-୨ (୧୧-୯, ୮-୧୧, ୧୧-୬, ୧୫-୧୭, ୧୧-୬)ରେ ମାଲେସିଆର ସଞ୍ଜୟ ଜୀଭାଙ୍କୁ ହରାଇଥିଲେ। କ୍ୱାର୍ଟରଫାଇନାଲ୍‌ରେ ଅଭୟ ଓ ବୀର ଯଥାକ୍ରମେ ଜାପାନର ରିଉନୋସୁକେ ଓ ପାକିସ୍ତାନର ଇର୍ଫାନ ମହମ୍ମଦଙ୍କୁ ଭେଟିବେ। ଦୁଇ ଭାରତୀୟ ଯୋଡ଼ିଙ୍କ ମଧ୍ୟରେ ଖେଳାଯାଇଥିବା ମିଶ୍ରିତ ଯୁଗଳ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଭେଟେରାନ ଜ୍ୟୋତ୍ସ୍ନା ଚିନାପ୍ପା ଓ ଭେଲାଭାନ ସେନ୍ଥିଲକୁମାର ୧୧-୭, ୧୧-୧୦ରେ ସୂରଜ ଚାନ୍ଦ ଓ ଶାମୀନା ରିଆଜଙ୍କୁ ହରାଇଥିଲେ। ଶୁକ୍ରବାର ଏହି ଏସୀୟ ପ୍ରତିଯୋଗିତା କାଂସ୍ୟ ବିଜୟିନୀ ଭାରତୀୟ ଯୋଡ଼ି କ୍ୱାର୍ଟରଫାଇନାଲ୍‌ରେ ଫିଲିପାଇନ୍ସର ଡେଭିଡ୍ ପେଲିନୋ ଓ ଜେମିକା ଆରିବାଦୋଙ୍କୁ ଭେଟିବେ।

# କବାଡ଼ି : ଶୀର୍ଷରେ ଭାରତୀୟ ପୁରୁଷ ଦଳ

**ଆଇଏଏନ୍ଏସ୍**

୮ ଥରର ସ୍ୱର୍ଣ୍ଣ ବିଜେତା ଭାରତୀୟ ପୁରୁଷ କବାଡ଼ି ଦଳ ଚଳିତ ଏସୀୟ କ୍ରୀଡ଼ାରେ ଅପରାଜେୟ ସହ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନ ଦଖଲ କରିଛି। ଗୁରୁବାର ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୩୭-୨୧ରେ ଚାଇନିଜ୍ ତାଇପେକୁ ପରାସ୍ତ କରି ଦେଇଛି। ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରି ସାରିଥିବାରୁ ପଦକ ପକ୍କା ହୋଇଥିଲେ ଭାରତ ନବମ ସ୍ୱର୍ଣ୍ଣ ଲକ୍ଷ୍ୟରେ ରହିଛି। ପୂର୍ବରୁ ୩ରୁ ୩ ଜିତି ପୂରା ଆତ୍ମବିଶ୍ୱାସରେ ଥିବା ଭାରତ ପ୍ରଥମାର୍ଦ୍ଧରେ ୨ ଅଲ୍‌ଆଉଟ୍ ସହ ୨୩-୧୧ରେ ଚାଇନିଜ୍ ତାଇପେକୁ ପଛରେ ରଖିଥିଲା। ମଧ୍ୟାନ୍ତର ପରେ ଚାଇନିଜ୍ ତାଇପେ ବୋନସ୍ ପଏଣ୍ଟ୍ ହାସଲ କରି ନେଇଥିଲା। ହେଲେ ଏହାପରେ ଭାରତୀୟ ରେଡରମାନେ ଆକ୍ରମଣ କରି ତାଇପେକୁ ଚାପରେ ରଖିବା ସହ ଅଲ୍‌ଆଉଟ୍ କରି ଦେଇଥିଲେ। ଶେଷରେ ଭାରତ ୩ ବୋନସ ଓ ୬ ଅଲ୍‌ଆଉଟ୍ ସହ ମୋଟ ୩୭ ପଏଣ୍ଟ୍ ପାଇଥିଲା। ସେହିଭଳି ଚାଇନିଜ୍ ୯ ବୋନସ ଓ ୨ ସୁପର ଟ୍ୟାକଲ ସହ ୨୧ ପଏଣ୍ଟ୍ ପାଇ ପରାଜୟ ବରଣ କରିଥିଲା

GOVERNMENT OF ODISHA
OFFICE OF THE SUPERINTENDING ENGINEER,
UPPER KOLAB IRRIGATION DIVISION,
BORIGUMMA, DIST: KORAPUT.
e-Procurement Notice
32001/921/2627
**Bid Identification No. SEUKID-03/2026-27 Dated: 23.09.2026**

Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Works
2. No. of Works : 15 Nos
3. Estimated Cost : Rs.8.49 Lakhs to Rs.13.41 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of **28.09.2026** Up to 17.00 hours of **08.10.2026**
6. Last date & time for receipt of bids in portal : **08.10.2026** up to 17.00hours.
7. Bids received online shall be opened on : 11.00 hours of 09.10.2026
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the www.tendersodisha.gov.in.**
Addendum/corrigendum/cancellation required, if any will be published in Govt. Website only.

Sd/- Superintending Engineer.
OIPR-32001/32482/1/26-27/0005 Upper Kolab Irrigation Division, Borigumma (K)

GOVERNMENT OF ODISHA
OFFICE OF THE SUPERINTENDING ENGINEER,
RAURKELA (R&B) DIVISION, RAURKELA
34001/860/2627
CORRINGENDUM FOR CANCELLATION OF TENDER

**Name of the Work: "Shifting of 11KV Phuljhar feeder near Phuljhar Nala due to construction of H.L Bridge over Phuljhar Nala of Khuntgaon Kendujhara border of R&B Division, Raurkela under ESO Mahuldiha."**

Bid ID: 10/SE(R&B) Rkl of 2026-27.(Sl No.12)

The tender for the Work **"Shifting of 11KV Phuljhar feeder near Phuljhar Nala due to construction of H.L Bridge over Phuljhar Nala of Khuntgaon Kendujhara border of R&B Division, Rourkela under ESO Mahuldiha."** invited vide Bid identification No.10/2026-27 SE Raurkela of Sl. No-12 is hereby cancelled due to Administrative Reason.

Sd/- Superintending Engineer
OIPR-34001/34068/1/26-27/0008 Raurkela (R&B) Division

OFFICE OF THE MUNICIPAL COUNCIL, ASIKA (GANJAM)
(Email: -askanac@gmail.com, Ph No: -06822-273068)
13001/1934/2627
L.No.2550/2026/MPL, Dated. 22.09.2026
QUOTATION CALL NOTICE

Executive Officer, Municipality Asika on behalf of Municipality Asika inviting from the intending authorized firms/reputed agencies having pan card, GST certificate for **"Installation of CCTV Camera from Bijupattanaik Chhaka to Khambeswari Gate & Khambeswari Gate to Pakelapalli Chhaka of Asika Municipality."** The quotation will be available from Dt-22.09.2026 to 30.09.2026 on the office hour. The Quotationer should have to deposit tender paper cost in shape of Bank Draft/TDR (Rs.6000+GST(18%) =7080/- (Rupees Seven Thousand Eighty Only) per each work. The quotation should reach the office of the undersigned on or before dated 30.09.2026, 5.00 PM. The undersigned doesn't take any responsibility of delay in receiving the quotation through the post; the quotation will be opened on dated 01.10.2026, 11.00 AM. The bidder or his authorized representative may remain present during the opening of the Quotation. The quotation must have to deposit the EMD of Rs 10,100/- (Rupees Ten Thousand One Hundred) per each work only through BG/ST and EMD Exemption allowed with quotation in the shape of TDR/Bank Draft in favour of Executive Officer, Municipality Asika. The lowest Quotation rate will be taken in consideration for acceptance. The authority shall not be responsible for any postal delay. The quotation received after schedule date is liable for rejection, the authority reserve right to reject any or all quotation without assigning any reason thereof.

Sale of Tender Paper Dt-22.09.2026, 10.00 AM
Last Date of Tender Paper Dt-30.09.2026, 5.00 PM
Date of opening of Tender Paper Dt- 01.10.2026, 11.00 AM

The undersigned reserve the right to reject any or all quotation without the assigning any reason thereof.
**N.B:- All Terms & Condition of OPWD Code is applicable.**

Sd/- Executive Officer
OIPR-13001/13181/1/26-27/0011 Municipality, Asika

## ଇଣ୍ଡିଆନ୍ ଟ୍ୟାଲେଣ୍ଟ୍ ଅଫ୍ ଆର୍ଟ ଓଲିମ୍ପିଆଡ୍ ଚିତ୍ରକଳା ପ୍ରତିଯୋଗିତା

# ଟାଟା ଡିଏଭି ଛାତ୍ରଙ୍କ ଜାତୀୟସ୍ତରୀୟ ଚିତ୍ରକଳାରେ କୃତିତ୍ୱ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଯୋଡ଼ାସ୍ଥିତ ଟାଟା ଡିଏଭି ପବ୍ଲିକ୍ ସ୍କୁଲର ଦ୍ୱିତୀୟ ଶ୍ରେଣୀର ଛାତ୍ର ଖ୍ରୀଶାଂସ ପାଣିଗ୍ରାହୀ ଜାତୀୟ ସ୍ତରୀୟ ଇଣ୍ଡିଆନ୍ ଟ୍ୟାଲେଣ୍ଟ୍ ଅଫ୍ ଆର୍ଟ ଓଲିମ୍ପିଆଡ୍, ମହାରାଷ୍ଟ୍ର ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ 'ଫନ୍ ଆଣ୍ଡ୍ ଫେୟାର' ବିଷୟବସ୍ତୁ ଉପରେ ଚିତ୍ର ଅଙ୍କନ କରି ରାଜ୍ୟସ୍ତରରେ ସ୍ୱର୍ଣ୍ଣ ପଦକ ସହ ନଗଦ ଅର୍ଥରାଶି ପୁରସ୍କାର ହାସଲ କରିଛନ୍ତି। ତାଙ୍କ ଏହି ସଫଳତା କେନ୍ଦୁଝର ଜିଲ୍ଲା ସମେତ ସମଗ୍ର ରାଜ୍ୟ ପାଇଁ ଗୌରବର ବିଷୟ ପାଲଟିଛି।




ଖ୍ରୀଶାଂସ ଛୋଟବେଳୁ ଚିତ୍ରକଳା ପ୍ରତି ଆଗ୍ରହୀ। ବିଭିନ୍ନ ସମୟରେ ବିଦ୍ୟାଳୟ ସ୍ତରୀୟ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ନିଜର ସୃଜନଶୀଳ ପ୍ରତିଭାର ପରିଚୟ ଦେବା ସହ ପ୍ରଶଂସିତ ହୋଇଆସୁଛନ୍ତି। ତାଙ୍କ ଚିତ୍ରରେ ରଙ୍ଗ, ଭାବନା ଓ କଳ୍ପନାର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳୁଥିବାବେଳେ ତାଙ୍କ ଏହି ପ୍ରତିଭା ଭବିଷ୍ୟତରେ ଆହୁରି ବିକଶିତ ହେବ ବୋଲି ଆଶା ପ୍ରକାଶ ପାଇଛି।

ଏହି ସଫଳତା ପରିପ୍ରେକ୍ଷୀରେ ଟାଟା ଡିଏଭି ପବ୍ଲିକ୍ ସ୍କୁଲ, ଯୋଡ଼ାର ଅଧ୍ୟକ୍ଷ ବି. ସାଇ ଶିବାଙ୍କ ଉପସ୍ଥିତିରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସଭାରେ ଖ୍ରୀଶାଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ତାଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ସଫଳତା ହାସଲ କରିବା ପାଇଁ ଶୁଭକାମନା ଜଣାଇଥିଲେ।

ଭବିଷ୍ୟତରେ ଜଣେ ଚିତ୍ରଶିଳ୍ପୀ ହେବା ସହ ଜାତୀୟ ପ୍ରତିରକ୍ଷା ବିଭାଗର ଜଣେ ଅଧିକାରୀ ହେବାର ସ୍ୱପ୍ନ ରଖିଛନ୍ତି ଖ୍ରୀଶାଂସ। ତାଙ୍କ ଏହି ଦ୍ୱୈତ ସ୍ୱପ୍ନ ତାଙ୍କ ବହୁମୁଖୀ ପ୍ରତିଭା ଓ ଲକ୍ଷ୍ୟପ୍ରତି ଆଗ୍ରହର ପରିଚୟ ଦେଇଥାଏ। ସୂଚନାଯୋଗ୍ୟ ଯେ, ଖ୍ରୀଶାଂସ ଗତ ୩ ବର୍ଷ ଧରି ସ୍ଥାନୀୟ ଟାଟା ଡିଏଭି ବିଦ୍ୟାଳୟର ଚିତ୍ରକଳା ଶିକ୍ଷକ ତଥା ଯୁବ ଚିତ୍ରଶିଳ୍ପୀ ସୁଧୀର କୁମାର ସ୍ୱାଇଁଙ୍କଠାରୁ ବିଧିବଦ୍ଧ ଭାବେ ଚିତ୍ରକଳା ଶିକ୍ଷା ଗ୍ରହଣ କରିଆସୁଛନ୍ତି। ଶିକ୍ଷକଙ୍କ ମାର୍ଗଦର୍ଶନ ସହ ନିଜର ନିରନ୍ତର ଅଭ୍ୟାସ ଓ ଆଗ୍ରହ ତାଙ୍କ ସଫଳତାର ମୁଖ୍ୟ ଆଧାର ପାଲଟିଛି।

ଖ୍ରୀଶାଂସଙ୍କ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଏକ ପ୍ରେରଣାର ଉତ୍ସ। କଳା କେବଳ ଏକ ପାଠ୍ୟବିଷୟ ନୁହେଁ, ଏହା ଶିଶୁର କଳ୍ପନା, ସୃଜନଶୀଳତା ଓ ଅଭିବ୍ୟକ୍ତିକୁ ବିକଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଉପଯୁକ୍ତ ମାର୍ଗଦର୍ଶନ, ନିରନ୍ତର ଅଭ୍ୟାସ ଓ ପରିବାରର ପ୍ରୋତ୍ସାହନ ମିଳିଲେ ପ୍ରତ୍ୟେକ ଶିଶୁ ନିଜ ଭିତରେ ଲୁଚିଥିବା ପ୍ରତିଭାକୁ ଉନ୍ମୋଚନ କରିପାରିବ। ଖ୍ରୀଶାଂସଙ୍କ ସଫଳତା ଏହି ବାର୍ତ୍ତା ଦେଉଛି ଯେ, ଛୋଟ ବୟସର ସ୍ୱପ୍ନ ଓ ନିରନ୍ତର ପ୍ରୟାସ ହିଁ ଭବିଷ୍ୟତର ବଡ଼ ସଫଳତାର ଭିତ୍ତି। ପିତା ମନୋରଞ୍ଜନ ପାଣିଗ୍ରାହୀ ଓ ମାତା ସ୍ୱାତୀ ଶତପଥୀ ପୁଅର ଏହି ସଫଳତାରେ ଆନନ୍ଦ ପ୍ରକାଶ କରିଛନ୍ତି।

# ମିଶ୍ରିତ ସ୍କିଟ୍‌ରେ ଅନନ୍ତଜିତ-ପରିନାଜଙ୍କୁ ମିଳିଲା କାଂସ୍ୟ ପଦକ

**ଆଇଏଏନ୍ଏସ୍**



ଭାରତର ଅନନ୍ତଜିତ ସିଂହ ନାରୁକା ଓ ପରିନାଜ ଧାଲିୱାଲ ଗୁରୁବାର ଚଳିତ ଏସୀୟ କ୍ରୀଡ଼ାରେ ମିଶ୍ରିତ ସ୍କିଟ୍ ଦଳଗତ ବର୍ଗରେ କାଂସ୍ୟ ପଦକ ଜିତିଛନ୍ତି। ଏହି ବର୍ଗରେ ଭାରତର ଏହା ପ୍ରଥମ ଏସୀୟ କ୍ରୀଡ଼ା ପଦକ। ଭାରତୀୟ ଯୋଡ଼ି ଷଷ୍ଠ ସିରିଜ୍‌ରୁ ବିଦାୟ ନେବା ପୂର୍ବରୁ ୪୮ରୁ ୪୪ ସ୍କୋର କରି କାଂସ୍ୟ ପଦକ ନିଶ୍ଚିତ କରିଥିଲେ। ଫାଇନାଲ୍ ସିରିଜ୍‌ରେ ଚୀନ୍ ଓ ଦକ୍ଷିଣ କୋରିଆ ଖେଳାଳି ମୁହାଁମୁହିଁ ହୋଇଥିଲେ। ଚୀନ୍ ୫୨-୫୧ରେ କୋରିଆକୁ ହରାଇ ସ୍ୱର୍ଣ୍ଣ ଜିତିଥିଲା। ୩୨ ସଟ୍ ପରେ ଭାରତ ୨୯ ପଏଣ୍ଟ୍ ପାଇ ଚୀନ୍ ଓ କୋରିଆ (ଉଭୟ ୩୦ ଲେଖାଏଁ) ସହ ପଦକ ଦୌଡ଼ରେ ସାମିଲ ହୋଇଥିଲା। କତର ଚତୁର୍ଥ ସ୍ଥାନରେ ରହି ବିଦାୟ ନେଇଥିଲା।

ପରବର୍ତ୍ତୀ ସିରିଜ୍‌ରେ ଅନନ୍ତଜିତ ଓ ପରିନାଜ ଚମତ୍କାର ପ୍ରଦର୍ଶନ କରି କୋରିଆ ଖେଳାଳିଙ୍କ ସହ ସମାନ ୪୪ ସ୍କୋର କରିଥିଲେ। ହେଲେ ଯୋଗ୍ୟତା ପର୍ଯ୍ୟାୟ ସ୍କୋର ଅନୁଯାୟୀ କୋରିଆ ଆଗରେ ରହି ସ୍ୱର୍ଣ୍ଣ ଦୌଡ଼ରେ ଚୀନ୍ (୪୫) ସହ ସାମିଲ ହୋଇଥିଲା। ଭାରତ କାଂସ୍ୟରେ ସନ୍ତୁଷ୍ଟ ରହିଥିଲା। ଅନନ୍ତଜିତ ଓ ପରିନାଜଙ୍କ ଏହା ଚଳିତ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ। ପୂର୍ବରୁ ଉଭୟ ଖେଳାଳି କାଂସ୍ୟ ବିଜେତା ଭାରତୀୟ ପୁରୁଷ ଓ ମହିଳା ସ୍କିଟ୍ ଦଳରେ ଥିଲେ। ତେବେ ଆକାଶ ଭରଦ୍ୱାଜ, କମଲଜିତ, କେଦାରଲିଙ୍ଗ ବାଲକୃଷ୍ଣ ଉଚାଗାନ୍‌ଭେଙ୍କୁ ନେଇ ଗଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଦଳ ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ଏହି ଇଭେଣ୍ଟର ବ୍ୟକ୍ତିଗତ ଫାଇନାଲ୍‌ରେ ମଧ୍ୟ କୌଣସି ଭାରତୀୟ ପହଞ୍ଚିପାରି ନଥିଲେ।

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, NAYAGADA (R&B) DIVISION, NAYAGADA
WORKS DEPARTMENT
Tender Call Notice
34001/867/2627
E-mail: pwdoffngd34@gmail.com
**Bid Identification No. S.E-Nayagada (R&B) Division- Online 16/2026-27**

The Superintending Engineer, Nayagada (R&B) Division, Nayagada, on behalf of the Governor of Odisha, invites percentage rate bids in a Single cover system in ONLINE MODE from eligible contractors for the work as detailed in the table below:

1. Nature of Work : Road works
2. No of Work : 2 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Bidder : As mentioned in DTCN
5. Availability of Bid Document on the Website : From Dt. 28.09.2026 at 11.00 AM to Dt. 05.10.2026 Up to 5:00 pm.
6. Date of opening of Bid : Dt. 06.10.2026 at 11.00 AM

They have to participate in ONLINE bidding only. Further details can be seen on the Website: https://tendersodisha.gov.in. Any Addendum / Corrigendum / Cancellation of the tender can also be seen on the said website.

Sd/- Superintending Engineer
OIPR-34001/34138/1/26-27/0016 Nayagada (R&B) Division, Nayagada

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARAGADA
25001/1199/2627
Lt.No 6645 // Dt. 23.09.2026 //

**1st Corrigendum to Bid Identification No. Online – EERKL-20/ 2026-27.**

Due to some unavoidable circumstancesinrespect of the tenderforBuilding Worksinvited in Tender Call Notice Bid Identification No. Online -EERKL-20/2026-27 by the Executive Engineer Rural Works Division –II, Sundargarh the date of Online for bidding and opening of the date which was scheduled to be uploaded from 18.09.2026 to 25.09.2026 is hereby extended as follows.

| Availability of Tender on - line for bidding | | Last date &time of seeking tender clarification | Date & time of opening of tender (Technical Bid) |
|---|---|---|---|
| From | To | | Online -EERKL-20/2026-27 |
| 25.09.2026 at 11.00 A.M | 06.10.2026 up to 5.00 P.M | 05.10.2026 up to 5.00 P.M | 07.10.2026 at 11.00 A.M. |

Sd/- Executive Engineer
OIPR-25001/25193/1/26-27/0036 R.W. Division-II, Sundargarh

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୫ ସେପ୍ଟେମ୍ବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ବାମନ ଜନ୍ମୋତ୍ସବ ନୀତି ସମ୍ପନ୍ନ

**ପୁରୀ,୨୪/୦୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ବାମନ ଜନ୍ମୋତ୍ସବ ନୀତି ଅନୁଷ୍ଠିତ ହୋଇଯାଇଛି । ବୁଧବାର ରାତିରେ ଏହି ଜନ୍ମ ନୀତି ସମ୍ପନ୍ନ ହୋଇଥିଲା । ଭିତର ଚନ୍ଦନ ଅର୍ଗଳି ଠାରେ ସୁଦୁସୁଆର ପାଣି ପକାଇ ପୋଛା ମାରିବା ପରେ ପୂଜାପଣ୍ଡା ସାଆନ୍ତ ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଲେଖିଥିଲେ । ତିନି ବାଡରେ ବନ୍ଦାପନା ବଢ଼ି କଳସ ବରୁଣ ପୂଜା ହୋଇଥିଲା । ଏହା ପରେ ଦକ୍ଷିଣ ଘର ଭୋଗ ସାରି ମହାଜନମାନେ ଶ୍ରୀକୃଷ୍ଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ । ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି କରିବା ପରେ ମହାଜନମାନେ ଠାକୁରଙ୍କୁ ଭଦ୍ର ମଣ୍ଡଳ ଉପରେ ବିଜେ କରାଇଥିଲେ



। ଏଠାରେ ସୁବର୍ଣ୍ଣ ବାମନ ପ୍ରତିମାଙ୍କୁ ବିଜେ କରାଯାଇଥିଲା । ପଞ୍ଚାମୃତ ମହାସ୍ନାନ ପରେ ଶୀତଳ ଭୋଗ ଓ ପରେ ଗର୍ଭଉଦକ ନୀତି ବଢିଥିଲା। ଭଣ୍ଡାରରୁ ଶ୍ରୀ ଦୁର୍ଗାଦେବୀ ବିଜେ ହୋଇଥିଲେ । ପୂଜାପଣ୍ଡା ସାଆନ୍ତେ ବସୁଧାରା ନୀତି ତୁଲାଇଥିଲେ । ପରେ ପଞ୍ଚୋପଚାରରେ ଭୋଗ ଓ ବନ୍ଦାପନା ହୋଇଥିଲା । ପ୍ରସାଦ ଲାଗି ପରେ ବାମନ ଠାକୁର ଦକ୍ଷିଣି ଘରକୁ ଓ ମା' ଦୁର୍ଗା ଭଣ୍ଡାର ଘରକୁ ବିଜେ ହୋଇଥିଲେ । ଗୁରୁବାର ଶ୍ରୀଜଗନ୍ନାଥଙ୍କର ବାମନ ବେଶ ଅନୁଷ୍ଠିତ ହୋଇଛି । ଦ୍ୱିପ୍ରହର ଧୂପ ପରେ ଶ୍ରୀଜଗନ୍ନାଥଙ୍କୁ ବାମନ ବେଶ କରାଯାଇଥିଲା । ବଡସିଂହାର ପୂଜା ପର୍ଯ୍ୟନ୍ତ ଏହି ବେଶ ରହିଥିଲା । ସିଂହାରୀ ସେବକମାନେ ଠାକୁରଙ୍କୁ ବେଶ କରାଇଥିଲେ । ମାଳା, ଚନ୍ଦ୍ରିକା, କୁଣ୍ଡଳ ଓ ପଦକ ଆଦି ପରିଧାନ କରିଥିଲେ ଠାକୁରେ । ଏହି ବେଶ ପାଇଁ ଦର୍ଜି ସେବକମାନେ ପରିଧେୟ ସିଲାଇ କରି ଯୋଗାଇଥିଲେ । ଶ୍ରୀବଳଭଦ୍ର ରାଜ ବେଶ ଧାରଣ କରିଥିଲେ । ଦେବୀ ସୁଭଦ୍ରା ସାଧାରଣ ବେଶରେ ଉଭା ହୋଇଥିଲା । ମହାପ୍ରଭୁ ବିଷ୍ଣୁ ପଞ୍ଚମ ଅବତାରରେ ବାମନ ରୂପ ନେଇ ବଳି ମହାରାଜଙ୍କୁ ପାତାଳରେ ଚାପି ଦେଇଥିଲେ । ଏହାକୁ ମନେ ପକାଇ ବଡ଼ଦେଉଳରେ ଠାକୁରଙ୍କର ବାମନ ବେଶ୍ ହୋଇଥାଏ ।



ଭୁବନେଶ୍ୱର : ଓଡ଼ିଶା ପୂର୍ବତନ ବିଧାୟକ କାଉନସିଲ୍‌ର ସଭ୍ୟମାନେ ବିରୋଧିଦଳର ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ପେନସନ ସଂପର୍କରେ ଆଲୋଚନା କରୁଛନ୍ତି । (ଫଟୋ :ସମ୍ବାଦ କଳିକା)

# ତୁରନ୍ତ ନିଷ୍ପତ୍ତି ନେବାକୁ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଟିଏମସିର ନାଁ ଏବଂ ଚିହ୍ନକୁ ନେଇ ବିବାଦ ମାମଲା



**ନୂଆଦିଲ୍ଲୀ,୨୪।୯**

ତୃଣମୂଳ କଂଗ୍ରେସ ବା ଟିଏମସିର ନାଁ ଏବଂ ଚିହ୍ନକୁ ନେଇ ବିବାଦ ଚାଲିଛି । ଏବେ ଏହାକୁ ନେଇ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ତୁରନ୍ତ ନିଷ୍ପତ୍ତି ନେବାକୁ କହିଛନ୍ତି । ଗୁରୁବାର ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ପଚାରିଛନ୍ତି ସେ ଏହି ମାମଲାରେ ଅନ୍ତିମ ନିଷ୍ପତ୍ତି କେବେ ନେବେ ? ମମତା ବାନାର୍ଜୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ କହିଛନ୍ତି, ସୋମବାର ପର୍ଯ୍ୟନ୍ତ ସେ ଏହା କୁହନ୍ତୁ ଯେ ବିବାଦ ଉପରେ ଅନ୍ତିମ ନିଷ୍ପତ୍ତି ନେବାର ତାଙ୍କର ସମୟସୀମା କ'ଣ ରହିଛି । ଉଲ୍ଲେଖନୀୟ ଯେ, ବର୍ତ୍ତମାନ ମୁଖ୍ୟ ନିର୍ବାଚନ କମିଶନ୍ ଅଛନ୍ତି ଜ୍ଞାନେଶ କୁମାର । କୋର୍ଟ କହିଛନ୍ତି ନିର୍ବାଚନ କମିଶନଙ୍କୁ ତୁରନ୍ତ ନିଷ୍ପତ୍ତି ନେବାକୁ ହେବ । ସୁପ୍ରିମକୋର୍ଟ କହିଛନ୍ତି, ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ(ଏଆଇଟିସି)ର ଦୁଇ ପ୍ରତିଦ୍ୱନ୍ଦୀ ଗୋଷ୍ଠୀଙ୍କ ଭିତରେ ନାଁ ଓ ନିର୍ବାଚନ ଚିହ୍ନକୁ ନେଇ ବିବାଦ ଖୁବ୍ ଶୀଘ୍ର ସମାଧାନ କରାଯିବା ଦରକାର । କୋର୍ଟ ଏହି ସମୟରେ ଶିବସେନାର ଦଳୀୟ ବିବାଦକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ନିର୍ବାଚନ କମିଶନ ମମତା ବାନାର୍ଜୀଙ୍କ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ଏବଂ 'ଫୁଟବଲ୍ ଖେଳାଳି' ନିର୍ବାଚନ ଚିହ୍ନ ଅସ୍ଥାୟୀ ଭାବରେ ପ୍ରଦାନ କରିବାର କିଛି ଦିନ ପରେ ଏହି ଘଟଣା ଘଟିଛି, ଯେତେବେଳେ କି ଅନ୍ୟ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ ଏବଂ 'ଲଫାଫା' ନିର୍ବାଚନ ଚିହ୍ନ ଦିଆଯାଇଥିଲା । ପୂର୍ବରୁ, ନିର୍ବାଚନ କମିଶନ ଦଳ ଭିତରେ ଗୋଷ୍ଠୀ ବିବାଦକୁ ସ୍ୱୀକାର କରିବା ପରେ ଅଖିଳ ଭାରତ ତୃଣମୂଳ କଂଗ୍ରେସ ନାମ ଏବଂ ଏହାର ମୂଳ ନିର୍ବାଚନ ଚିହ୍ନ 'ଫୁଲ ଏବଂ ଘାସ'କୁ ଫ୍ରିଜ୍ କରିଥିଲେ । ବିବାଦର ଶେଷ ସମାଧାନ ନହେବା ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ଦଳର ମୂଳ ନାମ କିମ୍ବା ନିର୍ବାଚନ ଚିହ୍ନ ବ୍ୟବହାର କରିପାରିବେ ନାହିଁ । ନିର୍ବାଚନ କମିଶନଙ୍କ ଦ୍ୱାରା କରାଯାଇଥିବା ଏହି ଅସ୍ଥାୟୀ ବ୍ୟବସ୍ଥା ଆଗାମୀ ଉପନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଉଭୟ ଗୋଷ୍ଠୀର ପ୍ରାର୍ଥୀମାନେ କମିଶନଙ୍କ ଦ୍ୱାରା ଆବଣ୍ଟିତ ଭିନ୍ନ ଭିନ୍ନ ନାମ ଏବଂ ନିର୍ବାଚନ ଚିହ୍ନରେ ନିର୍ବାଚନ ଲଢ଼ିବେ । ନିର୍ବାଚନ କମିଶନଙ୍କ ନିକଟରେ ଉଭୟ ପକ୍ଷ ଦଳର ନିୟନ୍ତ୍ରଣ, ଏହାର ନାମ ଏବଂ ଏହାର ନିର୍ବାଚନ ଚିହ୍ନ ସମ୍ପର୍କରେ ସେମାନଙ୍କର ଦାବି ଉପସ୍ଥାପନ କରିଛନ୍ତି । ଶୁଣାଣି ସମୟରେ, ଉଭୟ ପକ୍ଷ ଦଲିଲ ଦାଖଲ କରିଥିଲେ ଏବଂ କମିଶନଙ୍କ ସମ୍ମୁଖରେ ହାଜର ହୋଇଥିଲେ । ଏହି ବିବାଦ ପରେ, ନିର୍ବାଚନ କମିଶନ ଦଳର ସାଂଗଠନିକ ନିୟନ୍ତ୍ରଣ, ଅଧିକୃତ ପଦାଧିକାରୀ, ଦଳୀୟ ସମ୍ପତ୍ତି, ନାମ ଏବଂ ନିର୍ବାଚନ ଚିହ୍ନ ସମେତ ଅନେକ ପ୍ରସଙ୍ଗରେ ଦଳଗୁଡ଼ିକଠାରୁ ଦଲିଲ ଏବଂ ପ୍ରତିକ୍ରିୟା ମାଗିଛନ୍ତି । ସୁପ୍ରିମକୋର୍ଟ ଏବେ ଏହି ସମ୍ପୂର୍ଣ୍ଣ ବିବାଦ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ନିର୍ବାଚନ କମିଶନଙ୍କୁ ଏକ ସମୟସୀମା ପ୍ରଦାନ କରିବାକୁ କହିଛନ୍ତି । ଦିନକ ତଳେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଦିନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ଗିରଫ କରିବାକୁ ଏବଂ ସ୍ପେଶାଇ ଇଣ୍ଟେନସିଭ୍ ରିଭିଜନ୍ (ଏସଆଇଆର) ପୂର୍ବରୁ ଭୋଟର ତାଲିକା ଆଧାରରେ ରାଜ୍ୟରେ ନୂତନ ନିର୍ବାଚନ କରିବାକୁ ଦାବି କରିଥିଲେ । ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ନିଷ୍ପତ୍ତି ନେଇ କମିଶନଙ୍କ ମଧ୍ୟରେ ମତଭେଦ ଥିବା ରିପୋର୍ଟ ପରେ ମମତା ବାନାର୍ଜୀ ନିର୍ବାଚନ କମିଶନଙ୍କ ଉପରେ ତାଙ୍କର ଆକ୍ରମଣକୁ ତୀବ୍ର କରିଥିଲେ । ଏକ ଫେସବୁକ୍ ଲାଇଭ୍ ରେ ମମତା ଅଭିଯୋଗ କରିଥିଲେ ଯେ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ନିର୍ବାଚନ କମିଶନ ପଶ୍ଚିମବଙ୍ଗରେ ଚଳିତ ବର୍ଷ ନିର୍ବାଚନ 'ଚୋରି' କରିଛନ୍ତି । ଏହା ସହ ସେ ଦାବି କରିଛନ୍ତି ଯେ ଭୋଟରମାନଙ୍କୁ ସେମାନଙ୍କ ମତାଧିକାର ପ୍ରୟୋଗ କରିବାରୁ ବାରଣ କରାଯାଇଛି । ସାରା ଦେଶରେ ଭୋଟର ତାଲିକାର ଏସଆଇଆର ସମୟରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀ ବିଭିନ୍ନ ରାଜ୍ୟରେ ଭୋଟରଙ୍କ ନାମ ବାଦ ଦେବା ସମେତ ଅନେକ ପ୍ରସଙ୍ଗରେ ଆପତ୍ତି ଉଠାଇଥିଲେ ବୋଲି ସମ୍ବାଦପତ୍ରରେ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା । ଏହାପରେ ରାଜନୈତିକ ବିବାଦ ମଧ୍ୟରେ ତାଙ୍କର ମନ୍ତବ୍ୟ ଆସିଛି ।

## ବିଧାୟକଙ୍କ ସଭ୍ୟପଦ ରଦ୍ଦ ମାମଲା

# ବାଚସ୍ପତିଙ୍କ ଜବାବ ଲୋଡ଼ିଲେ ହାଇକୋର୍ଟ

**କଟକ, ୨୪/୦୯ ନ୍ୟୁଜ ବ୍ୟୁରୋ**

ଦଳୀୟ ହୁଇପ ନ ମାନି ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବା ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ଦାୟର ପିଟିସନ ଖାରଜ ନିର୍ଦ୍ଦେଶ ବିରୋଧରେ ବିଜେଡି ତରଫରୁ ରୁଜୁ ଆଉ ତିନୋଟି ଆବେଦନର ହାଇକୋର୍ଟ ଶୁଣାଣି କରି ବିଧାନସଭା ବାଚସ୍ପତିଙ୍କ ଜବାବ ଲୋଡ଼ିଛନ୍ତି । ଏଥି ସହିତ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ବିଧାନସଭା ସଚିବ, ବିଧାୟକ ଅରବିନ୍ଦ ମହାପାତ୍ର, ସୌଭିକ ବିଶ୍ୱାଳ ଓ ସନାତନ ମହାକୁଡ଼ଙ୍କୁ ହାଇକୋର୍ଟ କହିଛନ୍ତି । ଆବେଦନ ଗୁଡ଼ିକର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏହି ପ୍ରସଂଗରେ ପରବର୍ତ୍ତୀ ତାରିଖରେ ଶୁଣାଣି ହେବ । ସେପ୍ଟେମ୍ବର ୨୯ରେ ଏ ସଂପର୍କିତ ମାମଲା ଗୁଡ଼ିକର ଏକତ୍ର ଶୁଣାଣି ହେବ । ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଜେଡି ମୁଖ୍ୟ ସଚେତକ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ଦାୟର ତିନୋଟି ଆବେଦନର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିଧାୟକ ଅରବିନ୍ଦ ମହାପାତ୍ର, ସୌଭିକ ବିଶ୍ୱାଳ ଓ ସନାତନ ମହାକୁଡ଼ଙ୍କ ସଭ୍ୟପଦ ରଦ୍ଦ ସଂପର୍କିତ ବିଜେଡିର ପିଟିସନ



ଖାରଜ କରି ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ବିଜେଡି ପକ୍ଷରୁ ଏହି ତିନି ମାମଲା ଦାୟର କରାଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସମେତ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗ ନେଇ ଦାୟର ପୃଥକ ଆବେଦନ ଗୁଡ଼ିକୁ ଖାରଜ କରି ବିଧାନସଭା ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ବିଜେଡି ମୁଖ୍ୟ ସଚେତକ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ତରଫରୁ ଏ ନେଇ ପୃଥକ ୮ଟି ଆବେଦନ ହାଇକୋର୍ଟରେ ଦାୟର କରାଯାଇଛି । ପୂର୍ବରୁ ଗତ ୧୮ ତାରିଖରେ ବିଧାୟକ ଚକ୍ରମଣି କହଁର ଓ ସୁବାସିନୀ ଜେନାଙ୍କ ବିରୋଧରେ ବିଜେଡି ପକ୍ଷରୁ ଦାୟର ଦୁଇ ମାମଲାର ହାଇକୋର୍ଟରେ ଶୁଣାଣି ହୋଇଥିଲା । ବିଜେଡିର ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରାଯାଇଥିଲା । ଏହି ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରାଯାଇଥିଲା । କିନ୍ତୁ ବିଷୟବସ୍ତୁ, ତଥ୍ୟ ପ୍ରମାଣ କିମ୍ବା ଯୁକ୍ତିକୁ ବିଚାର ନକରି ବୈଷୟିକ ବା ପ୍ରକ୍ରିୟାଗତ କାରଣରୁ ଏପରି ପିଟିସନ ଖାରଜ କରାଯାଇଥିଲା । ଖାରଜ ନିର୍ଦ୍ଦେଶରେ ଉଲ୍ଲେଖ ଥିଲା ଯେ ସଭ୍ୟପଦ ରଦ୍ଦ ପାଇଁ ରହିଥିବା ନିୟମ ୬(୬) ଓ ୬(୭) ଅନୁସାରେ ଏହି ପିଟିସନ ନଥିଲା । ଆଇନଗତ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ପାଳନ କରାଯାଇ ନଥିଲା । ପିଟିସନ ସପକ୍ଷରେ ଆବଶ୍ୟକ ସତ୍ୟପାଠ ଦାଖଲ କରାଯାଇ ନଥିଲା । ଏଥି ସହିତ ପିଟିସନ ସହିତ ସଂଲଗ୍ନ ନଥିପତ୍ର ଯଥାବିଧି ଯାଞ୍ଚ ଓ ସ୍ୱାକ୍ଷରିତ ହୋଇ ନଥିଲା ବୋଲି ଖାରଜ ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଥିଲା । ଅନ୍ୟପକ୍ଷରେ ଅଭିଯୋଗ ଉପରେ ଉପଯୁକ୍ତ ଭାବେ ଶୁଣାଣି ନ କରି, ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । ପିଟିସନରେ ରହିଥିବା ପ୍ରକ୍ରିୟାଗତ ସାମାନ୍ୟ ତ୍ରୁଟି ସୁଧାରିବାକୁ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବା ଉଚିତ ଥିଲା । ଏପରି ନ କରି ବୈଷୟିକ ଆଧାରରେ ପିଟିସନକୁ ଖାରଜ କରାଯିବା ଗ୍ରହଣୀୟ ନୁହେଁ । ଖାରଜ ନିର୍ଦ୍ଦେଶ ସଂପର୍କିତ ଓଡ଼ିଶା ବିଧାନସଭା ସଚିବାଳୟର ୨୦୨୬, ଜୁନ ୧୯ର ବିଜ୍ଞପ୍ତିକୁ ରଦ୍ଦ କରାଯାଉ ବୋଲି ଆବେଦନରେ ନିବେଦନ କରାଯାଇଛି । ଏଥି ସହିତ ଏହି ପ୍ରସଂଗରେ ବିଧାନସଭା ବାଚସ୍ପତି ସାନି ଶୁଣାଣି କରିବା ଉଚିତ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନ୍‌ଗୋ ଓ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୪/୦୮/୨୦୨୬
୨,୭୪,୫୭୯/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୦୫ ଗ୍ରାମ୍ ୧୦୦ ମିଲିଗ୍ରାମ

# ଶିମିଳିପାଳରୁ ଧରାପଡ଼ିଲେ ୨ ଶିକାରୀ : ବନ୍ଧୁକ ଓ ବିସ୍ଫୋରକ ଜବତ

**ବାରିପଦା, ୨୪/୯**
**ନ୍ୟୁଜ ବ୍ୟୁରୋ**



ଶିମିଳିପାଳ ଅଭୟାରଣ୍ୟରେ ଶିକାର ଉଦ୍ଦେଶ୍ୟରେ ଅସ୍ତ୍ରଶସ୍ତ୍ର ସହ ପ୍ରବେଶ କରିଥିବା ଦୁଇଜଣ ସଶସ୍ତ୍ର ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି । ପୋଡ଼ାଡିହା ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ଶିମିଳିପାଳ ଭିତରେ ଗୋପନୀୟ ଭାବେ ଲଗାଯାଇଥିବା ଏଆଇ କ୍ୟାମେରା ସୂଚନା ଆଧାରରେ ଏହି ଦୁଇଜଣ ଶିକାରୀଙ୍କ ଗତିବିଧି ରେକର୍ଡ ହେବାପରେ ଶିମିଳିପାଳ ୱାଇଲ୍ଡଲାଇଫ ଇଣ୍ଟେଲିଜେନ୍ସ ନେଟୱାର୍କର କର୍ମଚାରୀମାନେ ସେମାନଙ୍କୁ ଚିହ୍ନଟ କରି ଧରିଥିଲେ । ଗିରଫ ଦୁଇଜଣ ଶିକାରୀ ହେଲେ ଉଦଳା ଥାନା ଅଧୀନ ଅନନ୍ତପୁର (ତଳସରେଇ) ଗ୍ରାମର ଗସା ହୋ ଓରଫ ଲାଲା (୨୨) ଏବଂ କପ୍ତିପଦା ଥାନା ଅଧୀନ ସାନକୁନପାଳ ଗ୍ରାମର କିଶୁନ ଟୁଡୁ ଓରଫ ସୁନା (୨୯) । ବନ ବିଭାଗ ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ସହ ବହୁ ପରିମାଣର ବିସ୍ଫୋରକ ଜବତ କରିଛି । ଅଭୟାରଣ୍ୟ ମଧ୍ୟରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ସେମାନେ ଅସ୍ତ୍ରଶସ୍ତ୍ର ସହ ପ୍ରବେଶ କରିଥିବା ଜଣାପଡ଼ିଛି । ଗିରଫ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସେମାନଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଉଭୟଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଉପ ନିର୍ଦ୍ଦେଶକ କହିଛନ୍ତି ।

# ପ୍ରଥମ ଥର ପାଇଁ କଟକରେ ଦଶହରା ଭସାଣିର ହେବ ସିଧା ପ୍ରସାରଣ

**କଟକ, ୨୪/୦୯**
**ନ୍ୟୁଜ ବ୍ୟୁରୋ**



ପ୍ରଥମ ଥର ପାଇଁ କଟକ ସହରର ଦଶହରା ଭସାଣି ଶୋଭାଯାତ୍ରାର ସିଧା ପ୍ରସାରଣ କରାଯିବ । ଚଳିତ ବର୍ଷ ଦୁର୍ଗାପୂଜା ପରେ ହେବାକୁ ଥିବା ମୂର୍ତ୍ତି ଭସାଣି ଶୋଭାଯାତ୍ରାକୁ ପ୍ରଥମ ଥର ପାଇଁ ଲାଇଭ୍ ଷ୍ଟ୍ରିମିଂ କରାଯିବ ବୋଲି ଗୁରୁବାର ସୂଚନା ଦେଇଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ସହରର ୪ଟି ସ୍ଥାନରୁ ଦଶହରା ଭସାଣି ଶୋଭାଯାତ୍ରାର ସିଧା ପ୍ରସାରଣ ପାଇଁ ବ୍ୟବସ୍ଥା କରାଯିବ । ଏହି ସିଧା ପ୍ରସାରଣର ଦାୟିତ୍ୱ ସୂଚନା ଓ ଲୋକସମ୍ପର୍କ ବିଭାଗ (ଆଇଆଣ୍ଡପିଆର)କୁ ଦିଆଯିବ । ଗୁରୁବାର ନେତାଜୀ ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଦଶହରା ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଏହି ଘୋଷଣା କରିଛନ୍ତି । ବିଶେଷକରି ବରିଷ୍ଠ ନାଗରିକମାନେ ଘରେ ବସି ଦଶହରା ଭସାଣି ଶୋଭାଯାତ୍ରା ଦେଖିପାରିବେ, ସେଥିପାଇଁ ଏହି ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି । ବୈଠକରେ କଟକ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ସହରର ମୌଳିକ ସମସ୍ୟା ନେଇ ଅଭିଯୋଗ ଉଠାଇଥିଲେ । ପାର୍ବଣ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ସହରର ରାସ୍ତାଘାଟ, ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାରେ ଆଶାନୁରୂପ ସୁଧାର ହୋଇନଥିବା ପୂଜା କମିଟିଗୁଡ଼ିକର କର୍ମକର୍ତ୍ତାମାନେ କହିଥିଲେ । ସହରର ବିଭିନ୍ନ ଅଞ୍ଚଳରେ ରାସ୍ତାର ଅବସ୍ଥା ଏବେ ବି ଦୟନୀୟ ରହିଥିବା ନେଇ ପୂଜା କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏଥିସହ ବିଭିନ୍ନ ପୂଜା କମିଟି ପକ୍ଷରୁ ଉତ୍ସବ ପାଇଁ ଲାଇସେନ୍ସ ଏବଂ ଏନ୍‌ଓସି (ନୋ ଅବଜେକ୍ସନ୍ ସାର୍ଟିଫିକେଟ୍) ନିମନ୍ତେ ଦାଖଲ କରାଯାଇଥିବା ଆବେଦନର ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାର ସମୟସୀମା ବୃଦ୍ଧି କରିବାକୁ ମଧ୍ୟ ଦାବି କରାଯାଇଥିଲା । ପୂଜା କମିଟି ଗୁଡ଼ିକର ଦାବିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱୀକାର କରାଯାଇଥିବା ବେଳେ ଆବଶ୍ୟକ ପ୍ରକ୍ରିୟା ପାଇଁ ସମୟସୀମା ବଢ଼ାଯିବା ନେଇ ସହମତି ପ୍ରକାଶ କରାଯାଇଥିଲା । ସେହିପରି କଟକବାସୀଙ୍କ ମୌଳିକ ସୁବିଧା ସହ ଜଡ଼ିତ ସମସ୍ତ କାର୍ଯ୍ୟ ଧାର୍ଯ୍ୟ ସମୟ ପୂର୍ବରୁ ଶେଷ କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଆଶ୍ୱାସନ ଦେଇଛନ୍ତି । ଦଶହରା ଉତ୍ସବକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ପ୍ରବେଶ ପଥରେ ସ୍ୱାଗତ ତୋରଣ ମଧ୍ୟ ନିର୍ମାଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି ।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-11 • 23-29th September 2026 • Bhubaneswar

ୟୁକ୍ରେନ ଯୁଦ୍ଧରେ ସାଂଘାତିକ ଯୌନ ହିଂସା

ଘରେ ପଶି ଦୁଷ୍କର୍ମ କରୁଛନ୍ତି ରୁଷ ସୈନ୍ୟ

ଅଭିଶପ୍ତ ଗାଁ : ଡଙ୍ଗାରେ ଝୁଲୁଛି ଭାଗ୍ୟ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।**

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ସ୍ୱର୍ଗଦ୍ୱାରରୁ ସରିଗଲା କାଠ : ପଡ଼ି ରହିଲା ୨୦ରୁ ଅଧିକ ଶବ

**ପୁରୀ, ୨୪/୦୯ ନ୍ୟୁଜ ବ୍ୟୁରୋ**



ପୁରୀ ସ୍ୱର୍ଗଦ୍ୱାରରେ ସରିଗଲା କାଠ । ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ଶବ ପଡ଼ି ରହିବା ପରେ କାଠ ଗାଡ଼ି ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲା । ଫଳରେ ଶବ ଦାହ ହୋଇପାରିଥିଲା । ବୁଧବାର ସ୍ୱର୍ଗଦ୍ୱାରରେ ଅପରାହ୍ନ ପ୍ରାୟ ୫ଟାରୁ ସାଢ଼େ ୬ଟା ମଧ୍ୟରେ ଏଭଳି ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଥିଲା । ସ୍ୱର୍ଗଦ୍ୱାରରେ କାଠ ଅଭାବଜନିତ ସ୍ଥିତି ମାନବକୃତ ବୋଲି ଅଭିଯୋଗ ହେଉଛି । ସ୍ୱର୍ଗଦ୍ୱାରରେ ଶବ ଦାହ କଲେ ଆତ୍ମାର ସଦ୍‌ଗତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ବହୁ ଦୂରଦୂରାନ୍ତରୁ ପରିଜନମାନେ ସେମାନଙ୍କ ପରିବାର ମୃତ ବ୍ୟକ୍ତିଙ୍କ ଶବ ନେଇ ଏଠାକୁ ଆସନ୍ତି । ସ୍ୱର୍ଗଦ୍ୱାର ଉନ୍ନତୀକରଣ ପରେ ଶବ ସଂସ୍କାର ନିମନ୍ତେ ଉତ୍ତମ ସୁବିଧା ଏଠାରେ ମିଳୁଥିବା ପ୍ରଶାସନ ଘୋଷଣା କରିବା ପରେ ଆଗନ୍ତୁକଙ୍କ ସଂଖ୍ୟା ବଢ଼ିଛି । ଦୈନିକ ଏଠାରେ ୯୦ରୁ ୧୪୦ ପର୍ଯ୍ୟନ୍ତ ଶବ ଦାହ କରାଯାଉଛି । ବୁଧବାର ପ୍ରାୟ ୧୦୦ରୁ ଅଧିକ ଶବ ଦାହ କରାଯାଇଛି । ଅପରାହ୍ନରେ କାଠ ସରିଯିବାରୁ ପ୍ରାୟ ୨୦ରୁ ଅଧିକ ଶବ ଦାହ ନିମନ୍ତେ ଧାଡ଼ିରେ ରହି ଅପେକ୍ଷା କରିଥିଲେ । ଶବ ଥୋଇ ପୋଡ଼ିବା ନିମନ୍ତେ ସାଇଜ୍ କାଠ ସମ୍ପୂର୍ଣ୍ଣ ସରିଯାଇଥିଲା । କିଛି ପରିମାଣର ଡାଳି ସରୁ କାଠ ରହିଥିଲା । ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପରେ ଗୋଟିଏ ଟ୍ରାକ୍ଟରରେ ସାଇଜ୍ କାଠ ଆସି ପହଞ୍ଚିଥିଲା । ସ୍ୱର୍ଗଦ୍ୱାରରେ କାଠ ଯୋଗାଇବା ନିମନ୍ତେ ଓଏଫ୍‌ଡ଼ିସି ଦାୟିତ୍ୱ ନେଇଛି । ପୂର୍ବ ତୁଳନାରେ କାଠ କ୍ୱିଣ୍ଟାଲ ପ୍ରତି ୩୦୦ ଟଙ୍କା ଅଧିକ ଦର ମଧ୍ୟ ଓଏଫ୍‌ଡ଼ିସି ସ୍ୱର୍ଗଦ୍ୱାରରୁ ନେଉଛି । ମାତ୍ର ଲୋକଙ୍କ ଆବଶ୍ୟକତା ମୁତାବକ କାଠ ଯୋଗାଇ ପାରୁନି । ଦୈନିକ ସ୍ୱର୍ଗଦ୍ୱାର ନିମନ୍ତେ ୨୦୦ କ୍ୱିଣ୍ଟାଲରୁ ଅଧିକ ଝାଉଁ କାଠ ଆବଶ୍ୟକ । ହେଲେ ଓଏଫ୍‌ଡ଼ିସି ପକ୍ଷରୁ ଆବଶ୍ୟକ ସାଇଜ୍ ଝାଉଁ କାଠ ଯୋଗାଇ ଦିଆଯାଉନାହିଁ । ଯେତିକି ବି କାଠ ଏଠାକୁ ଆସୁଛି ସେଥିରେ ଆକାଶୀ ଓ ଅନ୍ୟ କଞ୍ଚା କାଠ ଆସୁଛି । ଯାହା ଶବ ଦାହ ବେଳେ ଧୂଆଁ କରୁଛି । ଓଏଫ୍‌ଡ଼ିସି ପୂର୍ବରୁ କାଠ କ୍ୱିଣ୍ଟାଲ ପିଛା ୯୦୦ ଟଙ୍କା ନେଉଥିଲା । ଏବେ ୧୨୦୦ ଟଙ୍କା ନେଉଛି । ସେପଟେ ସ୍ୱର୍ଗଦ୍ୱାରରେ ମାତ୍ର ୨୮ଟି ପିଣ୍ଡି ରହିଥିବା ବେଳେ ସନ୍ଧ୍ୟା ପରେ ଶବ ପହଞ୍ଚିବା ସଂଖ୍ୟା ବଢୁଛି । ବର୍ଷା ଦିନରେ ଶ୍ମଶାନମାନଙ୍କରେ ପାଣି ପଶିଯିବା ଓ ଶୁଖିଲା କାଠ ମିଳିବାରେ ଲୋକଙ୍କୁ ହିନସ୍ତା ହେବାକୁ ପଡ଼େ । ଏହି ସମସ୍ୟାକୁ ଦେଖି ପରିଜନ ଲୋକେ ମୃତ ବ୍ୟକ୍ତିଙ୍କ ଶବ ଦାହ ସଂସ୍କାର ନିମନ୍ତେ ସ୍ୱର୍ଗଦ୍ୱାର ନେଇ ଚାଲି ଆସୁଛନ୍ତି । ହେଲେ ଏଠାରେ କାଠ ଅଭାବ ସାଙ୍ଗକୁ ଶବ ସଂସ୍କାର ବେଳେ ଅଧିକ ଟଙ୍କା ମାଗି ଶୋଷଣ କରାଯାଉଛି । ଯାହାକୁ ନେଇ ପରିଜନ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏହାର ସମାଧାନ କରିବାକୁ ଲୋକେ ଦାବି କରୁଛନ୍ତି । ହେଲେ ସ୍ୱର୍ଗଦ୍ୱାର ସେବା କମିଟି ଓ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି ।

## ପ୍ରକାଶ ଅପେକ୍ଷାରେ ...

**ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬**




### ଏଥର ସୂଚୀରେ କଥାକଳିକାର ଗାଳ୍ପିକ...

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ରନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଯୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମିତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି ।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)